Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 273
Wednesday, 10 December 2025
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୧୦ ଡିସେମ୍ବର, ୨୦୨୫
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ? ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବାରବାଟୀରେ ଭାରତର ବଡ଼ ବିଜୟ

କଟକ, ୯/୧୨ (ଆ.ପ୍ର) : ଐତିହାସିକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଭାରତୀୟ କ୍ରିକେଟ୍ ଟିମ୍ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛି । ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କର ବିସ୍ଫୋରକ ବ୍ୟାଟିଂ ଓ ବୋଲରଙ୍କ ଦମଦାର ବୋଲିଂ ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌କୁ ସୂର୍ଯ୍ୟକୁମାର ଯାଦବଙ୍କ ଟିମ୍ ୧୦୧ ରନ୍‌ରେ ଜିତିଛି । ୧୭୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ୧୨.୩ ଓଭରରେ ସମସ୍ତ ୱିକେଟ୍ ହରାଇ ୭୪ ରନ୍ କରିଛି । ଘରୋଇ ଦଳ ଏଠାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ହରାଇ ୧୭୫ ରନ୍ ସଂଗ୍ରହ କରିଥିଲା । ଏହି ବିଜୟ ସହିତ ଭାରତ ଶୃଙ୍ଖଳାରେ ୧-୦ରେ ଅଗ୍ରଣୀଲାଭ କରିଛି । ଭାରତୀୟ ବୋଲର ବାରବାଟୀରେ ଦମଦାର ପ୍ରଦର୍ଶନ କରିଥିଲେ । ଫଳରେ ୫୦ ରନ୍‌ରେ ଦକ୍ଷିଣ ଆଫ୍ରିକାର ଅଧା ଖେଳାଳି ଆଉଟ୍ ହୋଇଥିଲେ । ଭାରତର ଦ୍ରୁତ ବୋଲର ଅର୍ଶଦୀପ ସିଂହଙ୍କ ବଲ୍ ଅଭିଷେକ ଶର୍ମାଙ୍କୁ କ୍ୟାଚ୍ ଦେଇ କ୍ୱିଂଟନ୍ ଡି' କକ୍ ଆଉଟ୍ ହୋଇଥିଲେ । ଦକ୍ଷିଣ ଆଫ୍ରିକା ମାତ୍ର ୧ ରନ୍‌ରେ ପ୍ରଥମ ୱିକେଟ୍ ହରାଇଥିଲା । ଅତିଥି ଦଳ କ୍ୱିଂଟନ୍

ଡି' କକ୍‌ଙ୍କ ପରେ ଟ୍ରିଷ୍ଟନ୍ ଷ୍ଟବ୍‌ସ୍‌ଙ୍କୁ ହରାଇ ଥିଲା । ଟ୍ରିଷ୍ଟନ୍ ଷ୍ଟବ୍ ୯ଟି ବଲ୍ ଖେଳି ୧୪ ରନ୍ ସଂଗ୍ରହ କରିଥିଲେ । ସେ ମଧ୍ୟ ଅର୍ଶଦୀପଙ୍କ ବଲ୍ ଜିତେଶ ଶର୍ମାଙ୍କୁ କ୍ୟାଚ୍ ଦେଇ ପାଭିଲିଅନ୍ ଫେରି ଆସିଥିଲେ । ଦକ୍ଷିଣ ଆଫ୍ରିକା ୨.୩ ଓଭରରେ ୧୬ ରନ୍ ସଂଗ୍ରହ କରି ଦ୍ୱିତୀୟ ୱିକେଟ୍ ହରାଇଥିଲା । ଦକ୍ଷିଣ ଆଫ୍ରିକା ତୃତୀୟ ୱିକେଟ୍ ଭାବେ ଏଁଡେନ୍ ମାର୍କରାମ (୧୪ ରନ୍), ୪ର୍ଥ ୱିକେଟ୍ ଭାବେ ଡେଭିଡ ମିଲର (୧ରନ୍) ଓ ୫ମ ୱିକେଟ୍ ଭାବେ ଡୋନୋଭାନ ଫେରିରା (୫ ରନ୍)ଙ୍କୁ ହରାଇଥିଲା । ଭାରତ ଆରମ୍ଭରୁ ବିପର୍ଯ୍ୟୟ ଶିକାର ହୋଇଥିଲା । ପ୍ରାରମ୍ଭିକ ବ୍ୟାଟର ଶୁବମନ ଗିଲ ୨ଟି ବଲ୍ ସାମ୍ନା କରି ମାତ୍ର ୪ ରନ୍ ସଂଗ୍ରହ କରି ପାଭିଲିଅନ ଫେରି ଆସିଥିଲେ । ଲୁଙ୍ଗି ଏନ୍‌ଗିଡିଙ୍କ ବଲ୍ ମାର୍କୋ ୟାନ୍‌ସେନ୍‌ଙ୍କୁ କ୍ୟାଚ୍ ଦେଇ ସେ ଆଉଟ୍ ହୋଇଥିଲେ । ସୂର୍ଯ୍ୟକୁମାର ଯାଦବ ମଧ୍ୟ କ୍ରିଜ୍‌ରେ ଅଧିକ ସମୟ ରହିପାରି ନଥିଲେ । ସେ ୧୧ଟି ବଲ୍‌କୁ ସାମ୍ନା କରି ଗୋଟିଏ ଚୌକା ଏବଂ ଗୋଟିଏ ଛକା ବଳରେ ବ୍ୟକ୍ତିଗତ ଭାବେ ୧୨ ରନ୍ ସଂଗ୍ରହ କରିଥିଲେ । ଲୁଙ୍ଗି ଏନ୍‌ଗିଡିଙ୍କ ବଲ୍ ସୂର୍ଯ୍ୟକୁମାର ଯାଦବ ଖେଳିବାକୁ ଯାଇ ଏଁଡେନ ମାର୍କରାମ ହାତରେ କ୍ୟାଚ୍ ହୋଇଥିଲେ । ଭାରତର ସ୍କୋର ମାତ୍ର ୫ ରନ୍‌ରେ ପ୍ରଥମ, ୧୭ ରନ୍‌ରେ ଦ୍ୱିତୀୟ (ସୂର୍ଯ୍ୟକୁମାର) ଓ ୪୮ ରନ୍‌ରେ ତୃତୀୟ ୱିକେଟ (ଅଭିଷେକ) ପଡ଼ିଥିଲା । ଭାରତ ୧୪ ଓଭର ସମାପ୍ତି ପରେ ୧୦୪ ରନ୍‌ରେ ୫ଟି ୱିକେଟ୍ ହରାଇ ସାରିଥିଲା ଦଳ ୫ମ ୱିକେଟ୍ ଭାବେ ଅକ୍ଷର ପଟେଲଙ୍କୁ ହରାଇଥିଲା । ଅଭିଷେକ ଶର୍ମା ୧୭ ରନ୍ ସଂଗ୍ରହ କରି ଆଉଟ୍ ହୋଇଛନ୍ତି । ସେ ୧୨ଟି ବଲ୍ ଖେଳି ୨ଟି ଚୌକା ଓ ଗୋଟିଏ ଛକା ମାରିଥିଲେ । ଦକ୍ଷିଣ ଆଫ୍ରିକାର ୪ର୍ଥ ୱିକେଟ୍ ଭାବେ ତିଲକ ବର୍ମା ଆଉଟ୍ ହୋଇଥିଲେ । ସେ ୩୨ଟି ବଲ୍ ଖେଳି ୨୬ ରନ୍ ସଂଗ୍ରହ କରିଥିଲେ, ଯେଉଁଥିରେ ୨ଟି ଚୌକା ଓ ଗୋଟିଏ ଛକା ସାମିଲ ଥିଲା । ଅକ୍ଷର ପଟେଲ ୨୧ଟି ବଲ୍ ଖେଳି ୨୩ ରନ୍ ସଂଗ୍ରହ କରି ଦକ୍ଷିଣ ଆଫ୍ରିକାର ୫ମ ଶିକାର ହୋଇଥିଲେ । ୧୭.୧ ଓଭରରେ ଶିବମ ଦୁବେ ୧୧ ରନ୍ କରି ଆଉଟ୍ ହୋଇଥିଲେ । ସେ ୨ଟି ଚୌକା ମାରିଥିଲେ ।

ବିଧାନସଭା ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ

ଭୁବନେଶ୍ୱର, ୯/୧୨ (ଆ.ପ୍ର) : ବିଧାନସଭା ଅନିର୍ଦ୍ଧିଷ୍ଟ କାଳ ପାଇଁ ମୁଲତବୀ । ୧୮ଟି କାର୍ଯ୍ୟ ଦିବସ ପୂର୍ବରୁ ବନ୍ଦ ହେଲା ଗୃହ । ଶୀତ ଅଧିବେଶନରେ ମୋଟ ୧୧ ଦିନ ଚାଲିଲା ଗୃହକାର୍ଯ୍ୟ । ଆଜିଠାରୁ ଶୀତକାଳୀନ ଅଧିବେଶନ ବନ୍ଦ ହେଲା । ସମସ୍ତଙ୍କ ଅନୁମୋଦନକ୍ରମେ ଏହି ନିଷ୍ପତି ନିଆଯାଇଛି । ଏଥର ବିଧାନସଭାର ଶୀତ

ଅଧିବେଶନ ବେଶ୍ ଚର୍ଚ୍ଚିତ ଥିଲା । କାରଣ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନସଭାକୁ ସମ୍ବୋଧିତ କରିଥିଲେ । ବିଧାୟକମାନେ କେମିତି ଆଚରଣ ଓ ଭାଗୀଦାରୀ କରିବେ ସେନେଇ ସଚେତନ କରାଇଥିଲେ । ଖାଲି ଏତିକି ନୁହେଁ ବରଂ ଅତିରିକ୍ତ ବଜେଟ୍ ଉପସ୍ଥାପନ କରିଥିଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ଏହାସହ ଅନେକ ପ୍ରସଙ୍ଗରେ ଶାସକ ଓ ବିରୋଧୀ ବି ଗୃହରେ ମୁହାଁମୁହିଁ ହେବାର ଦେଖାଯାଇଥିଲା । ଏଣେ ବିଧାନସଭାରେ ବାଚସ୍ପତିଙ୍କ ଠାରୁ ଆରମ୍ଭ କରି ବିଧାୟକଙ୍କ ଯାଏ ସମସ୍ତଙ୍କର ଦରମା ବୃଦ୍ଧି ବିଲ୍ ପାରିତ ହୋଇଛି । ଖାସ୍ କରି ବିଧାନସଭାର ଶେଷ ଦିନରେ ମାଲକାନଗିରିକୁ ନେଇ କମ୍ପିଥିଲା ଗୃହ । ଶୂନ୍ୟକାଳରେ ମାଲକାନଗିରି ନିଆଁ ପ୍ରସଙ୍ଗ ଉଠାଇ ସରକାରଙ୍କୁ ଘେରିଥିଲେ ବିରୋଧୀ । ଗୃହରେ ମାଲକାନାଗିରି ହିଂସା ପ୍ରସଙ୍ଗ ଉଠାଇ ସରକାର ଉପରେ ବର୍ଷିଥିଲେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ । କହିଥିଲେ, ଏବେ ମାଲକାନଗିରି ଜଳୁଛି, ଆଗକୁ ଆଉ ଏକ କନ୍ଧମାଳ ହେବାକୁ ଯାଉଛି । ଅନେକେ ଘର ପୋଡ଼ି ଦିଆଗଲାଣି, ଜୀବନ ଗଲାଣି । ହେଲେ ଆମେ ଏଠି ବସି କାର୍ଯ୍ୟକ୍ରମ କରୁଛେ । ଲୋକ କଣ କହିବେ ବୋଲି ପ୍ରଶ୍ନ କରିଛନ୍ତି ରାଜା ସ୍ୱାଇଁ । ରାଜ୍ୟର ଗୋଟିଏ ଅଂଶ ଜଳୁଥିବା ବେଳେ ଆମେ ଏଠି ନିୟମ ତିଆରି କରୁଛେ ଏହା କେତେ ଠିକ୍ ବୋଲି ପ୍ରଶ୍ନ ଉଠାଇଥିଲେ ରାଜା । ମୁଖ୍ୟମନ୍ତ୍ରୀ ଗୃହକୁ ଆସୁ ନାହାନ୍ତି କି ଏହି ପ୍ରସଙ୍ଗରେ ମୁହଁ ଖୋଲୁନାହାନ୍ତି । ଯେମିତି ମଣିପୁର ଜଳୁଥିଲା, ସେମିତି ଏବେ ମାଲକାନଗିରି ଜଳୁଛି । ବେଙ୍ଗଲି କହୁଥିବା ଲୋକ ସମସ୍ତେ ବାଂଲାଦେଶୀ ନୁହନ୍ତି । କିନ୍ତୁ ରାଜ୍ୟରେ ସେଭଳି ବାତାବରଣ ତିଆରି କରାଯାଉଛି ବୋଲି ସରକାରଙ୍କୁ ଦୋଷ ଦେଇଛନ୍ତି ରାଜା ସ୍ୱାଇଁ । ଏଥିସହ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବାକୁ ବାଚସ୍ପତି ନିର୍ଦ୍ଦେଶ ଦିଅନ୍ତୁ ଏବଂ ତୁରନ୍ତ ହାଉସ କମିଟି ଗଠନ କରି ମାଲକାନଗିରି ପଠାଯାଉ ବୋଲି ଦାବି କରିଛନ୍ତି ବିଜେଡି ବିଧାୟକ । ଆଜି ବିଧାନସଭାରେ ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗ ଉଠାଇଛନ୍ତି । ସେ କହିଛନ୍ତି ସରକାର ସିବିଆଇ ତଦନ୍ତ କରିବା ଉଚିତ । ସେ ଆହୁରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ଓଡ଼ିଶାରେ ବିଜେପି ସରକାର ଆସିଲେ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗରେ ସିବିଆଇ ତଦନ୍ତ କରାଯିବ । ତାମିଲ ନେଇଗଲା ତାମିଲଙ୍କୁ ଧର ଧର.. ଭଳି କଥା ବି କହିଥିଲେ ବିଜେଡି ବିଧାୟକ ।

ରାଜ୍ୟ ବିଜେପି ମୋର୍ଚ୍ଚା ସଭାପତି ଓ ଜିଲ୍ଲା ପ୍ରଭାରୀଙ୍କ ନାଁ ଘୋଷଣା

ଭୁବନେଶ୍ୱର, ୯/୧୨ (ଆ.ପ୍ର) : ରାଜ୍ୟ ବିଜେପିରେ ବିଭିନ୍ନ ମୋର୍ଚ୍ଚାର ନବକଳେବର । ମନମୋହନ ଗଢ଼ିଲେ ନୂଆ ଯୁବ ଟିମ୍ । କେବଳ ଯୁବ ମୋର୍ଚ୍ଚା ଏବଂ ମହିଳା ମୋର୍ଚ୍ଚା ସଭାପତି ରିପିଟ୍ । ବାକି ସବୁ ପରିବର୍ତ୍ତନ । ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ନୂଆ ଟିମ୍ ଗଢ଼ିଛନ୍ତି । ବିଜେପିର ବିଭିନ୍ନ ମୋର୍ଚ୍ଚା ସଭାପତି, ଜିଲ୍ଲା ପ୍ରଭାରୀଙ୍କ ନାଁ ଘୋଷଣା କରାଯାଇଛି । ମହିଳା ଓ ଯୁବ ମୋର୍ଚ୍ଚା ସଭାପତି ପୁଣି ଭରସା କରିଛି ଭାରତୀୟ ଜନତା ପାର୍ଟି । ଅଭିଳାଷ ପଣ୍ଡା ପୁଣି ହେଲେ ଯୁବ ମୋର୍ଚ୍ଚା ସଭାପତି । ସେହିଭଳି ଡ. ଐଶ୍ୱର୍ଯ୍ୟା ବିଶ୍ୱାଳ ମହିଳା ମୋର୍ଚ୍ଚା ସଭାପତି ହୋଇଛନ୍ତି । କୃଷକ ମୋର୍ଚ୍ଚା ସଭାପତି ହେଲେ ଶୁଭ୍ରାଂଶୁ ପାଢ଼ୀ । ଏସ୍‌ସି ମୋର୍ଚ୍ଚା ସଭାପତି ବାଇଧର ମଲ୍ଲିକ । ଏସ୍‌ଟି ମୋର୍ଚ୍ଚା ସଭାପତି ହେଲେ କାନ୍ଦରା ସୋରେନ୍ । ପ୍ରଦ୍ୟୁମ୍ନ ନାୟକଙ୍କୁ ଓବିସି ମୋର୍ଚ୍ଚା ସଭାପତି ନିଯୁକ୍ତ ଦିଆଯାଇଛି । ଗୁରିନ୍ଦର ସିଂ ସଂଖ୍ୟାଲଘୁ ମୋର୍ଚ୍ଚା ସଭାପତି ଭାବେ ଗୁରୁଦାୟିତ୍ୱ ମିଳିଛି । ବିଜେପି ସେଲ ଇନ୍ ଚାର୍ଜ ଭାବେ ରଞ୍ଜନ କୁମାର ପଟେଲ, ରାଜ୍ୟସଭା ସାଂସଦ ସୁଜିତ କୁମାର ଓ ସୁଦିପ୍ତ କୁମାର ରାୟଙ୍କୁ ଦାୟିତ୍ୱ ମିଳିଛି ।

ଏକାଥରେ ଅଢ଼େଇଗୁଣା ବଢ଼ିଗଲା ବିଧାୟକଙ୍କ ଦରମା

ଭୁବନେଶ୍ୱର, ୯/୧୨ (ଆ.ପ୍ର) : ବିଧାୟକଙ୍କ ପାଇଁ ଖୁସି ଖବର ଦେଇ ଶେଷ ହେଲା ବିଧାନସଭାର ଶୀତକାଳୀନ ଅଧିବେଶନ । ଆଜି ଅଧିବେଶନର ଶେଷ ଦିନରେ ବିଧାୟକମାନଙ୍କୁ ସରକାର ଦେଇଛନ୍ତି ବଡ଼ ଉପହାର । ପାରିତ ହୋଇଛି ବିଧାୟକ, ପୂର୍ବତନ ବିଧାୟକ, ବାଚସ୍ପତି, ଉପ ବାଚସ୍ପତିଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସମ୍ପର୍କିତ ସଂଶୋଧିତ ବିଲ । ଯେଉଁଥିରେ ବିଧାୟକଙ୍କ ଦରମା ୧ ଲକ୍ଷରୁ ସାଢ଼େ ୩ ଲକ୍ଷକୁ ପହଂଚିବ । ୨୦୦୭ ବିଜେଡି ସରକାର ଅମଳରୁ ହୋଇ ଆସୁଥିବା ଏ ଦାବି ଉପରେ ମୋହର ମାରିଛନ୍ତି ମୋହନ ସରକାର । ଆଜିର ଏହି ବିଲ୍ ଉପସ୍ଥାପନ ବେଳେ ଉଭୟ ଶାସକ ଓ ବିରୋଧୀଙ୍କ ସ୍ୱର ଏକ ହୋଇଥିବା ଦେଖିବାକୁ ମିଳିଥିଲା । ଆଗରୁ ପାଉଥିଲେ ଲକ୍ଷେ, ଏବେ ପାଇବେ ସାଢ଼େ ୩ ଲକ୍ଷ । ଏକାଥରକେ ଦରମା ବଢ଼ିବ ଅଢେଇ ଗୁଣା । ବିଧାନସଭା ଶୀତ ଅଧିବେଶନର ଶେଷ ଦିନରେ ବିଧାୟକମାନଙ୍କ ପାଇଁ ଆସିଲା ଖୁସି ଖବର । ଆଜି ଗୃହରେ ସର୍ବସମ୍ମତିକ୍ରମେ ପାରିତ ହୋଇଛି ବିଧାୟକ, ପୂର୍ବତନ ବିଧାୟକ, ବାଚସ୍ପତି, ଉପ ବାଚସ୍ପତିଙ୍କ ଦରମା, ଭତ୍ତା ଓ ପେନସନ ବୃଦ୍ଧି ସମ୍ପର୍କିତ ସଂଶୋଧିତ ବିଲ । ଫଳରେ ଏଣିକି ବିଧାୟକର ମୂଳ ଦରମା ୩୫ ହଜାରରୁ ବଢ଼ି ୯୦ ହଜାରକୁ ବୃଦ୍ଧି ପାଉଛି ।

ସେହିଭଳି ନିର୍ବାଚନ ମଣ୍ଡଳୀ ଓ ଲୋକସେବା ଭବନ ଗସ୍ତ ଖର୍ଚ୍ଚ ବାବଦକୁ ଭତ୍ତା ୨୦ ହଜାର ବଦଳରେ ୭୫ ହଜାରକୁ ବୃଦ୍ଧି ପାଇବ । କମିଟି ବୈଠକ ଭତ୍ତା ୧୫୦୦ ଟଙ୍କା ବଦଳରେ ମିଳିବ ୩୦୦୦ ଟଙ୍କା । ରାଜ୍ୟ ବାହାରେ ବୈଠକ ପାଇଁ ଦୈନିକ ୨୦୦୦ ବଦଳରେ ୧୦ ହଜାର ଟଙ୍କା ଏବଂ ରାଜ୍ୟ ଭିତରେ କାର ଯାତ୍ରା ପାଇଁ କିଲୋମିଟର ପିଛା ୨୫ ଟଙ୍କା ବଦଳରେ ମିଳିବ ୩୫ ଟଙ୍କା । ମାସିକ ଯାନବାହାନ ଭତ୍ତା ୧୫ ହଜାର ବଦଳରେ ମିଳିବ ୫୦ ହଜାର । ଏହାସହ ମାସକୁ ପୁସ୍ତକ କିଣା ପାଇଁ ୨ ହଜାର ବଦଳରେ ୧୦ ହଜାର, ବିଜୁଳି ବିଲ ପାଇଁ ୫ ହଜାର ବଦଳରେ ୨୦ ହଜାର, ଚିକିତ୍ସା ଖର୍ଚ୍ଚ ୫ ହଜାର ବଦଳରେ ୩୫ ହଜାର ଟଙ୍କା ମିଳିବ । କ୍ୱାର୍ଟର ମିଳିନଥିବା ବିଧାୟକଙ୍କୁ ରହଣି ପାଇଁ ଦିନକୁ ହଜାରେ ବଦଳରେ ୨ ହଜାର ଟଙ୍କା ମିଳିବ । ଗାଡି କିଣିବାକୁ ଅଗ୍ରୀମ ବାବଦରେ ୫ ଲକ୍ଷ ବଦଳରେ ୧୦ ଲକ୍ଷ ପାଇବେ । ଏହାସହ ବାଚସ୍ପତି ଓ ଉପ ବାଚସ୍ପତିଙ୍କର ଦରମା ଓ ଭତ୍ତା ବି ବୃଦ୍ଧି ପାଇବ । ବିଧାନସଭାରେ ଏହି ବିଲ ଆଲୋଚନା ବେଳେ ଏକ ହୋଇଥିଲା ଉଭୟ ଶାସକ ଓ ବିରୋଧୀଙ୍କ ସ୍ୱର । ବିଧାୟକଙ୍କ ଦରମା ବୃଦ୍ଧି ନେଇ ୨୦୦୭ରୁ ଦାବି ହୋଇ ଆସୁଥିଲେ ବି ଏ ଦାବି ପୂରଣ କରିନଥିଲେ ତତ୍କାଳୀନ ବିଜେଡି ସରକାର । ସେହିଭଳି ସଂଶୋଧିତ ବିଲ ଅନୁସାରେ ଏଣିକି ଆଉ ଦରମା ବୃଦ୍ଧି ପାଇଁ ବିଧାନସଭା ଅନୁମୋଦନର ଆବଶ୍ୟକତା ପଡ଼ିବନି । ସ୍ୱତନ୍ତ୍ର ବିଧେୟକ ଜରିଆରେ ଦରମା ବୃଦ୍ଧି କରିପାରିବେ ରାଜ୍ୟ ସରକାର । ସେପଟେ ଯେଉଁମାନେ ଥରଟିଏ ବିଧାୟକ ହୋଇଥିବେ, ସେମାନଙ୍କୁ ପେନସନ ବାବଦକୁ ମାସକୁ ଆଗରୁ ୩୦ ହଜାର ମିଳୁଥିବା ବେଳେ ବର୍ତ୍ତମାନ ଏହା ୮୦ ହଜାର ଟଙ୍କାକୁ ବୃଦ୍ଧି ପାଇବ । ଯେଉଁମାନେ ଏକାଧିକ ଥର ବିଧାୟକ ହୋଇଥିବେ, ସେମାନଙ୍କୁ ଅତିରିକ୍ତ ୩ ହଜାର ଟଙ୍କା ମିଳିବ । ବିଧାୟକଙ୍କ ଦରମା ବୃଦ୍ଧି ସଂପର୍କୀୟ ସଂଶୋଧିତ ବିଲକୁ ପ୍ରଥମେ କାର୍ଯ୍ୟ ପରାମର୍ଶଦାତା କମିଟିକୁ ପଠା ଯାଇଥିଲା । ପରେ ମୋସନ୍ ଆକାରରେ ସର୍ବସମ୍ମତିକ୍ରମେ ବିଲଟି ପାରିତ ହୋଇଥିଲା । ଏଥିସହ ୧୧ଟି କାର୍ଯ୍ୟ ଦିବସ ଥିବା ଗୃହରେ ମୋଟ ୭ଟି ବିଲ ପାରିତ ସହ ଶେଷ ହୋଇଛି ବିଧାନସଭାର ଶୀତକାଳୀନ ଅଧିବଶନ ।

ସରକାରୀ ମାନ୍ୟତା ଦାବିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଙ୍କ ଧାରଣା

ଭୁବନେଶ୍ୱର, ୯/୧୨ (ଆ.ପ୍ର) : ସରକାରୀ ମାନ୍ୟତା ସହିତ ୧୩ ଦଫା ଦାବିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ମହାସଂଘ ପକ୍ଷରୁ ଲୋୟର୍ ପିଏମ୍‌ଜିରେ ଧାରଣା ଦିଆଯାଇଛି । ଆଜି ପୂର୍ବାହ୍ଣରେ ମହାସଂଘର ଶିକ୍ଷକମାନେ ବିଭିନ୍ନ ଜିଲ୍ଲାରୁ

ମାଷ୍ଟରକ୍ୟାଂଟିନ୍ ଛକରେ ଏକାଠି ହୋଇ ବିଧାନସଭା ଆଡ଼କୁ ଶୋଭାଯାତ୍ରାରେ ଯାଇଥିଲେ । ଲୋୟର ପିଏମ୍‌ଜିରେ ପୁଲିସ ପକ୍ଷରୁ ବ୍ୟାରିକେଡ୍ କରାଯାଇ ସେମାନଙ୍କୁ ଅଟକାଯାଇଥିଲା । ସେଠାରେ ଏକ ପ୍ରତିବାଦ ସଭା କରି ଶିକ୍ଷକ ନେତୃବୃନ୍ଦ କହିଥିଲେ ଯେ ପୂର୍ବ ସରକାର ୧୦ ବର୍ଷ ତଳେ ଓଡ଼ିଶାରେ ଆଦର୍ଶ ବିଦ୍ୟାଳୟ ଆରମ୍ଭ କରିଥିଲେ । ମାତ୍ର ବିଦ୍ୟାଳୟରେ ଯେଉଁ ଶିକ୍ଷକ ଶିକ୍ଷୟିତ୍ରୀବୃନ୍ଦ ନିଯୁକ୍ତି ପାଇଛନ୍ତି, ସେମାନଙ୍କ ସୁରକ୍ଷା ଓ ଭବିଷ୍ୟତ ଆଜି ଅନିଶ୍ଚିତ । ସେମାନେ ସରକାରୀ କର୍ମଚାରୀ ନୁହନ୍ତି । ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବୃତି ପରୀକ୍ଷାରୁ ବଂଚିତ ହେଉଛନ୍ତି । ଶିକ୍ଷକମାନଙ୍କର ଚାକିରିରେ ସର୍ତ୍ତାବଳୀ(କ୍ୟାଡର୍ ରୁଲ୍) ନାହିଁ । ଏବେ ଯାଏଁ ମୃତ ୨୪ ଶିକ୍ଷକଙ୍କର ପରିବାର ଭୋକ ଉପାସରେ ଦିନ କାଟୁଛନ୍ତି । ସରକାରଙ୍କ ତରଫରୁ ସେମାନଙ୍କୁ କିଛି ସାହାଯ୍ୟ ଦିଆଯାଉ ନାହିଁ । ସମାନ କାମକୁ ସମାନ ଦରମା ଭଳି ଅନେକ ସମସ୍ୟା ଭିତରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ପିଲାମାନେ ଘାଂଟି ହେଉଛନ୍ତି । ଏହି ଅବସରରେ ସଂଘ ପକ୍ଷରୁ କରାଯାଇଥିବା ଦାବିଗୁଡ଼ିକ ମଧ୍ୟରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ କର୍ମଚାରୀମାନଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗରେ ଥିବା ସରକାରୀ ହାଇସ୍କୁଲଙ୍କ କର୍ମଚାରୀଙ୍କ ଭଳି ସରକାରୀ ମାନ୍ୟତା, ସମସ୍ତ କର୍ମଚାରୀଙ୍କୁ ୟୁନିଫର୍ମ କ୍ୟାଡର ମାନ୍ୟତା, ସମାନ କାମକୁ ସମାନ ଦରମା ସହିତ ପିଇଟି, ମ୍ୟୁଜିକ୍ ଓ କମ୍ପ୍ୟୁଟର ଶିକ୍ଷକଙ୍କୁ ଅନ୍ୟ କର୍ମଚାରୀଙ୍କ ପରି ୪୬୦୦ ଗ୍ରେଡ୍ ପେ ପ୍ରଦାନ, ପ୍ରତ୍ୟେକ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ପିଜିଟି ଓଡ଼ିଆ ପୋଷ୍ଟିଂ ଦେବା ସହିତ ହିନ୍ଦୀ ଓ ସଂସ୍କୃତରେ ପିଜିଟି ପଦ ସୃଷ୍ଟି, ପ୍ରତ୍ୟେକ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ପିଏମ୍‌ଶ୍ରୀ ସ୍କୁଲ ମାନ୍ୟତା, ସବୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ଆଟର୍ସ ଷ୍ଟ୍ରିମ୍ ଖୋଲିବା ଭଳି ଦାବି ସଂଘ ପକ୍ଷରୁ କରାଯାଇଛି । ଦାବିଗୁଡ଼ିକ ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ହେବ ବୋଲି ମହାସଂଘର ରାଜ୍ୟ ସଭାପତି ରିପୁଦମନ ମିଶ୍ର ଏବଂ ରାଜ୍ୟ ସଂପାଦକ ଶୁଭାଶିଷ ଦାସ ଚେତାବନୀ ଦେଇଛନ୍ତି ।

ସରକାରୀ କର୍ମଚାରୀଙ୍କ ଆନ୍ଦୋଳନ ପ୍ରସଙ୍ଗ ନେଇ ହାଇକୋର୍ଟଙ୍କ ଉଦ୍‌ବେଗ, ରାଜ୍ୟ ସରକାରଙ୍କୁ ଜବାବ ତଲବ

କଟକ, ୯/୧୨ (ଆ.ପ୍ର) : ରାଜ୍ୟରେ ସରକାରୀ କର୍ମଚାରୀ ବାରମ୍ବାର ଆନ୍ଦୋଳନ କରିବା ଓ ଦାବି ପୂରଣ ପାଇଁ କାର୍ଯ୍ୟ କ୍ଷେତ୍ରରୁ ଅନୁପସ୍ଥିତ ରହୁଥିଲେ ମଧ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦର୍ଶାଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହିତ ଗ୍ରହଣ କରିଛନ୍ତି । ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠରେ ମାମଲାର ଶୁଣାଣି ସମୟରେ ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା ଯେ ରାଜ୍ୟରେ ବାରମ୍ବାର ସରକାରୀ ଅଧିକାରୀ ଓ କର୍ମଚାରୀ ଆନ୍ଦୋଳନ କରୁଛନ୍ତି । ସେମାନଙ୍କ ଚାକିରି ସର୍ତ୍ତାବଳୀ ଅନୁସାରେ କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷେଧ ହୋଇଥିଲେ ମଧ୍ୟ ଏପରି ସ୍ଥିତି ବାରମ୍ବାର ଦେଖିବାକୁ ମିଳୁଛି । କିଛି ଦିନ ହେବ ଶିକ୍ଷକଙ୍କ ଆନ୍ଦୋଳନ ଚର୍ଚ୍ଚାର ବିଷୟ ହୋଇଛି ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା । ଶିକ୍ଷକଙ୍କ ଆନ୍ଦୋଳନ ଚାଲିବା ସମୟରେ ସ୍କୁଲରେ ପାଠ ପଢା କେମିତି ହେଉଛି ବୋଲି ଶୁଣାଣି ବେଳେ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଏଭଳି ସ୍ଥିତି ନେଇ ହାଇକୋର୍ଟ ଉଦବେଗ ପ୍ରକାଶ କରିଥିଲେ । ହାଇକୋର୍ଟ ଜନସ୍ୱାର୍ଥ ମାମଲାର ପ୍ରତିପକ୍ଷ ମୁଖ୍ୟ ସଚିବ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ସଚିବ, ଓଏଏସ୍ ଆସୋସିଏସନ, ଓଡ଼ିଶା ରାଜସ୍ୱ ଅମଲା ସଂଘକୁ

ନୋଟିସ୍ ଜାରି କରି ୨ ସପ୍ତାହ ଭିତରେ ଜବାବ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଡିସେମ୍ବର ୨୩କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ପାଇଁ ଧାର୍ଯ୍ୟ କରାଯାଇଛି । ଜନସ୍ୱାର୍ଥ ଆବେଦନରେ ଉଲ୍ଲେଖ କରାଯାଇଛି ଯେ ଜୁନ ୩୦ରେ ଭୁବନେଶ୍ୱର ପୌର ନିଗମର ଅତିରିକ୍ତ କମିସନର ରତ୍ନାକର ସାହୁଙ୍କୁ କାର୍ଯ୍ୟାଳୟ ପରିସରରେ କେତେକ ବ୍ୟକ୍ତି ଆକ୍ରମଣ କରିଥିଲେ । ଶାସକ ଦଳର ସମର୍ଥକ ଘଟଣାରେ ସଂପୃକ୍ତ ବୋଲି ଅଭିଯୋଗ ହୋଇଥିଲା । ଏହାପରେ ବିଏମସି କର୍ମଚାରୀମାନେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିବା ସହିତ ଦିନ ସାରା ଧାରଣା ଦେଇଥିଲେ । ଶ୍ରୀ ସାହୁଙ୍କ ଏତଲା ଆଧାରରେ ଖାରବେଳନଗର ଥାନାରେ ରୁଜୁ ମାମଲାରେ ପୁଲିସ ପ୍ରଥମେ ତିନି ଜଣଙ୍କୁ ଗିରଫ କରିଥିଲା । କିନ୍ତୁ ଏହି ଘଟଣାରେ ଜଗନ୍ନାଥ ପ୍ରଧାନଙ୍କ ଗିରଫଦାରୀ ଦାବି କରି ଓଏଏସ ଆସୋସିଏସନ ପ୍ରତିନିଧି ମୁଖ୍ୟ ସଚିବଙ୍କୁ ସାକ୍ଷାତ କରିଥିଲେ । ଏଥି ସହିତ ବିଭିନ୍ନ ଜିଲ୍ଲାରେ ଓଏଏସ ଅଧିକାରୀମାନେ ପ୍ରତିବାଦରେ ସାମୂହିକ ଛୁଟିରେ ଚାଲି ଯାଇଥିଲେ । ଫଳରେ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା ଓ ସାଧାରଣ ଲୋକେ ନାନା ସମସ୍ୟାରେ ପଡ଼ିଥିଲେ । ଶେଷରେ ଶ୍ରୀ ପ୍ରଧାନଙ୍କୁ ପୁଲିସ ଗିରଫ କରିଥିଲା । ତଦନ୍ତ ଓ ଗିରଫଦାରୀ ତଦନ୍ତକାରୀ ଏଜେନ୍ସିର କାର୍ଯ୍ୟ ହୋଇଥିବା ବେଳେ ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଗିରଫ ପାଇଁ ଚାପ ପ୍ରୟୋଗ କରିବା ଏକ ପ୍ରକାର ବ୍ଲାକମେଲ୍ ବୋଲି ଆବେଦନରେ ଉଲ୍ଲେଖ କରଯାଇଛି । ଏହାପରେ ଅଗଷ୍ଟ ମାସରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ବିଭିନ୍ନ ଦାବି ପୂରଣ ପାଇଁ ଆନ୍ଦୋଳନକୁ ଓହ୍ଲାଇବା ସହିତ ସଦସ୍ୟମାନେ ସାମୂହିକ ଛୁଟି ନେଇଥିଲେ । ଏହା ଦ୍ୱାରା ମଧ୍ୟ ଏକ ପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଥିଲା । ଓଡ଼ିଶା ସରକାରୀ କର୍ମଚାରୀ କଣ୍ଡକ୍ଟ ରୁଲ ଅନୁସାରେ ସରକାରୀ କର୍ମଚାରୀମାନେ ଧର୍ମଘଟ ବା ଆନ୍ଦୋଳନ କରି ପାରିବେ ନାହିଁ । ଏହି ନିୟମକୁ କଡାକଡି ଭାବେ ପାଳନ କରାଯାଉ ନାହିଁ । ଆନ୍ଦୋଳନ କରି କାର୍ଯ୍ୟ କ୍ଷେତ୍ରରୁ ଅନୁପସ୍ଥିତ ରହୁଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ଦରମା କାଟ, ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଚାକିରିରୁ ବହିଷ୍କାର ଭଳି କାର୍ଯ୍ୟାନୁଷ୍ଠାନ ସରକାର ଗ୍ରହଣ କରନ୍ତୁ ବୋଲି ଆବେଦନକାରୀ ଦର୍ଶାଇଛନ୍ତି । ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଅନୁପ କୁମାର ମହାପାତ୍ର ଓ ସରକାରଙ୍କ ପକ୍ଷରୁ ଏଜିଏ ଦେବାଶିଷ ତ୍ରିପାଠୀ ମାମଲା ପରିଚାଳନା କରୁଛନ୍ତି ।

୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପ ଅନୁମୋଦିତ

ଭୁବନେଶ୍ୱର, ୯/୧୨ (ଆ.ପ୍ର) : କେନ୍ଦ୍ର ସରକାର ଓଡ଼ିଶାରେ ୪୪,୭୭୧ କୋଟି ଟଙ୍କାର ରାସ୍ତା ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି । ସେଥିରେ ଜାତୀୟ ରାଜପଥ ପ୍ରକଳ୍ପ ପାଇଁ ୩୦ ହଜାର କୋଟି ଓ ରାଜ୍ୟ ରାଜପଥ ପ୍ରକଳ୍ପ ପାଇଁ ୧୩ ହଜାର କୋଟି ଟଙ୍କା ମଞ୍ଜୁର ହୋଇଛି । ସେହିପରି ଭୁବନେଶ୍ୱରରୁ ପାରାଦୀପକୁ ସଂଯୋଗ ହେବ ନୂତନ ଗ୍ରୀନ ଫିଲଡ଼ ରାସ୍ତା । ରାଜ୍ୟରେ ଥିବା ଜାତୀୟ ରାଜପଥ ଏବଂ ରାଜ୍ୟ ରାଜପଥର ଉନ୍ନତିକରଣ ଏବଂ ପ୍ରସ୍ତାବିତ ନୂତନ ପ୍ରକଳ୍ପକୁ ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରଣାଳୟ ପକ୍ଷରୁ ଏହି ଅନୁମୋଦନ ମିଳିଛି । ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ନିତିନ ଗଡ଼କରିଙ୍କ ସହ ନୂଆଦିଲ୍ଲୀରେ ସାକ୍ଷାତ କରି ରାଜ୍ୟରେ ଥିବା ବିଭିନ୍ନ ରାସ୍ତା ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି ଓ ଏ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ରାଜ୍ୟରେ ୫ଟି ଜାତୀୟ ରାଜପଥ ପ୍ରକଳ୍ପ, ୫ଟି ରାଜ୍ୟ ରାଜପଥ ଓ ସିଆର୍‌ଆଇଏଫ୍ ପ୍ରକଳ୍ପ ପାଇଁ ମୋଟ ୪୪,୭୭୧ କୋଟି ଟଙ୍କାର ଅନୁମୋଦନ ମିଳିଛି । ଏଥିରେ ଭୁବନେଶ୍ୱର-ପୁରୀ ରାସ୍ତାକୁ ୮ ଲେନ୍ କରିବା, ୧୪୦ କିଲୋମିଟର ଦୀର୍ଘ ଟାଙ୍ଗୀ-ପୁର୍ଣ୍ଣତୋଳା-ଇଚ୍ଛାପୁରମ୍ ରାସ୍ତାକୁ ୬ ଲେନ୍ ବିଶିଷ୍ଟ କରିବା ପାଇଁ ଅନୁମୋଦନ ମିଳିଛି ।

କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନା ଚକ୍ର

ଜି.ଉଦୟଗିରି, ୯/୧୨ (ଆ.ପ୍ର) : ସ୍ଥାନୀୟ କଳିଙ୍ଗ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ଆନୁକୂଲ୍ୟରେ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନାକୁ ନେଇ ଶୀର୍ଷକ ଏକ ଆଲୋଚନା ଚକ୍ର ବିଭାଗ ମୁଖ୍ୟା ସୁପ୍ରିୟା ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ଅଧକ୍ଷ ପ୍ରସନ୍ନ କୁମାର ନାୟକ ଯୋଗଦେଇ ଓଡ଼ିଆ ବିଭାଗର ଏହି ସାଧୁ ଉଦ୍ୟମକୁ ଉଚ୍ଚ ପ୍ରଶଂସା କରିଥିଲେ । ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆଙ୍କ ତତ୍ତ୍ୱାବଧାନରେ ଦ୍ୱିତୀୟ ବର୍ଷ ଛାତ୍ରୀ ସୁଶ୍ରୀ ସବନମ୍ ସାହୁ ଭିତି ପ୍ରବନ୍ଧ ପାଠ କରିଥିବା ବେଳେ ମୁଖ୍ୟ ବକ୍ତା ଭାବେ ଶଙ୍କରାଖୋଲ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ରାମକୃଷ୍ଣ ମହାନ୍ତି ଯୋଗଦେଇ ଓଡ଼ିଆ କବିତାରେ ପ୍ରଗତିବାଦୀ ଚେତନା ସଂପର୍କରେ ବିଶଦ ଭାବରେ ଆଲୋଚନା ଛଳରେ ବିଭିନ୍ନ ସମୟରେ କବିମାନେ ପ୍ରଗତିବାଦୀ ଚେତନାକୁ ନିଜ ସାରସ୍ୱତ ସୃଷ୍ଟିରେ ପ୍ରୟୋଗ କରିଥିଲେ ବୋଲି ବିଭିନ୍ନ ଉଦାହରଣ ମାଧ୍ୟମରେ କହିଥିଲେ । ପ୍ରଗତିବାଦୀ ଚେତନା ମାନବୀୟ ମୂଲ୍ୟବୋଧର ଅସଲ ପରିଚୟ ବୋଲି ଆଲୋଚନାରେ ଅଂଶଗ୍ରହଣ କରି ଅଧ୍ୟାପିକା ସୁପ୍ରିୟା ମହାନ୍ତି, ପ୍ରାଧ୍ୟାପକ ନିରଞ୍ଜନ ପାଣ୍ଡିଆ, ଅଧ୍ୟାପକ ଡଃ ନଳିନୀ କୁମାର ପାଣିଗ୍ରାହୀ କହିଥିଲେ । ତୃତୀୟ ବର୍ଷ ଛାତ୍ର ଅଜୟ କୁମାର ପ୍ରଧାନ ପ୍ରସ୍ତାବନା ରଖିଥିବା ବେଳେ ପ୍ରଥମ ବର୍ଷ ଛାତ୍ର ବିକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

ଆକ୍ରୋଶମୂଳକ ଖବର ପରିବେଷଣକୁ ନେଇ ଛାତ୍ରଛାତ୍ରୀଙ୍କ ତୀବ୍ର ନିନ୍ଦା

ବଣପଲ୍ଲୀ /ଗଣିଆ, ୯/୧୨ (ଆ.ପ୍ର) : ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଗଣିଆସ୍ଥିତ ଶ୍ରୀ ଶ୍ରୀ ରଘୁନାଥଜୀଉ ଉଚ୍ଚ ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଓ ବିଦ୍ୟାଳୟ କର୍ମଚାରୀମାନଙ୍କ ସହମତି ତଥା ଉପରିସ୍ଥ ଅଧିକାରୀଙ୍କ ସୂଚନା ପ୍ରଦାନ ପରେ ଗତ ସୋମବାର ଦିନ କର୍ତ୍ତୃପକ୍ଷ ଉଚ୍ଚ ବିଦ୍ୟାଳୟକୁ ଛୁଟି ଘୋଷଣା କରିଥିଲେ । ଏହାକୁ ନେଇ କିଛି ନିର୍ଦ୍ଦିଷ୍ଟ ଗଣମାଧ୍ୟମ ପ୍ରତିନିଧି ଆକ୍ରୋଶମୂଳକ ଭାବେ ଖବର ପରିବେଷଣ କରିଥିଲେ । ମଙ୍ଗଳବାର ଏହାକୁ ନେଇ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ସମେତ କଲେଜ କର୍ମଚାରୀମାନେ ତୀବ୍ର ନିନ୍ଦା କରିଛନ୍ତି । ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧି ବିଭିନ୍ନ ସମୟରେ ଆକ୍ରୋଶମୂଳକ ଭାବେ ଖବର ପରିବେଷଣ କରିଆସୁଥିବା ବେଳେ ଶିକ୍ଷାନୁଷ୍ଠାନ ଭଳି ଏକ ପବିତ୍ର ମନ୍ଦିରକୁ ନିଜର ସ୍ୱାର୍ଥ ପାଇଁ ବଦନାମ କରିବା ଘଟଣାକୁ ବୁଦ୍ଧିଜିବୀ ମହଲରେ ତୀବ୍ର ନିନ୍ଦା କରାଯାଇଛି । ସୂଚନାଯୋଗ୍ୟ, ସରକାରୀ ଛୁଟି ବ୍ୟତୀତ ଶିକ୍ଷାନୁଷ୍ଠାନଗୁଡିକରେ ବର୍ଷକୁ ୨ଦିନ ସଂପୃକ୍ତ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଲୋକାଲ ଛୁଟି ଘୋଷଣା କରିପାରିବେ । ଏ ନେଇ ଚଳିତ ବର୍ଷ ଗଣିଆ ଯୁକ୍ତ ୨ ଉଚ୍ଚ ବିଦ୍ୟାଳୟ କର୍ତ୍ତୃପକ୍ଷ ଉଭୟ କର୍ମଚାରୀ ଓ ଛାତ୍ରଛାତ୍ରୀଙ୍କ ସହମତି କ୍ରମେ ଗତ ନଭେମ୍ବର ମାସ ୨୫ ତାରିଖ ଓ ଡିସେମ୍ବର ମାସ ୮ତାରିଖରେ ପତ୍ର ସଂଖ୍ୟା ୧୧୬/୨୦୨୫ ଅନୁଯାୟୀ ଲୋକାଲ ଛୁଟି ଦିବସ ଘୋଷଣା କରିଥିଲେ । ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟ ତରଫରୁ ଇ ମେଲ ଯୋଗେ ଗତ ନଭେମ୍ବର ୨୨ ତାରିଖରୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସୂଚନା ପ୍ରଦାନ କରିଥିଲେ । ତେବେ ସୋମବାର ଉଚ୍ଚ ବିଦ୍ୟାଳୟ ଛୁଟି ଥିବା ସମୟରେ ସଂପୃକ୍ତ ଗଣମାଧ୍ୟମ ପ୍ରତିନିଧି ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷାଙ୍କ କୌଣସି ମତାମତ ନନେଇ ବିଦ୍ୟାଳୟକୁ ବଦନାମ୍ କରିବା ପାଇଁ ଖବର ପରିବେଷଣ କରିବା ଓ ସଂପୃକ୍ତ ଖବରଦାତା ପୂର୍ବରୁ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କୁ ଅସଦାଚରଣ କରି ଜେଲ ଯାଇଥିବା ବେଳେ ସଂପୃକ୍ତ ଖବରକାଗଜ ସଂସ୍ଥା ଏଭଳି ବ୍ୟକ୍ତିତ୍ୱଙ୍କୁ ଖବରଦାତା ଭାବେ ନିଯୁକ୍ତି ଦେବା କେତେ ଯୁକ୍ତିଯୁକ୍ତ ତାହା ସାଧାରଣରେ ଆଲୋଚ୍ୟର ବିଷୟବସ୍ତୁ ପାଲଟିଛି । ଏ ସମ୍ପର୍କରେ ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷା ସଲିଳା ସେଠିଙ୍କୁ ପଚାରିବାରୁ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ସହମତି ସହ ଉପରିସ୍ଥ ଅଧିକାରୀଙ୍କୁ ସୂଚନା ଦେଇ ଲୋକାଲ ଛୁଟି ଘୋଷଣା କରାଯାଇଥିଲା । ବିଦ୍ୟାଳୟକୁ ବଦନାମ୍ କରିବା ପାଇଁ ସଂପୃକ୍ତ ଖବରଦାତା ଏଭଳି ମିଥ୍ୟା ତଥା ଆକ୍ରୋଶମୂଳକ ଭାବେ ଏଭଳି ଖବର ପରିବେଷଣ କରିଛନ୍ତି ବୋଲି କହିଛନ୍ତି ।

ଜିଲ୍ଲାସ୍ତରୀୟ ବାଳବୈଜ୍ଞାନିକ ପ୍ରଦର୍ଶନୀ ଓ ଜଣା ଅଜଣା ପ୍ରତିଯୋଗିତା ଅନୁଷ୍ଠିତ

ଜଗତସିଂହପୁର,୯/୧୨(ଆପ୍ର) : ଜିଲ୍ଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ୨୦୨୫-୨୬, ବଷଲ୍ଲାଜ୍ଞାନିକ ବିଜ୍ଞାନ ପ୍ରଦର୍ଶନୀ, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ବିଜ୍ଞାନ ପ୍ରକଳ୍ପ, ପ୍ରତିଯୋଗିତା ଓ ପରିବେଶ ପାଇଁ ପୋଷଣୀୟ ଜୀବନଶୈଳୀ ଏବଂ ଜଣାଅଜଣା ପ୍ରତିଯୋଗିତା-୨୦୨୫-୨୬ ସ୍ଥାନୀୟ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, ମଧୁସୂଦନପୁର ଶାସନ ପରିସରରେ ଜଗତସିଂହପୁରର ଜିଲ୍ଲାପାଳ ତଥା ମୁଖ୍ୟ ଅତିଥି କେ. ସୋନାଲଙ୍କ ଦ୍ୱାରା ବିଜ୍ଞାନ ପତାକା ଉତ୍ତୋଳନ ଓ ଫିତା କର୍ତ୍ତନ କରାଯାଇ ଉଦଘାଟନ କରାଯାଇଅଛି । ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସ୍ୱାଗତ ଭାଷଣ, ଅତିଥି ପରିଚୟ ପ୍ରଦାନ କରିଥିଲେ । ସେଂଟର ଅଫ ଏନଭାଇରମେଂଟାଲ ଷ୍ଟାଡିଜର ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ ମୁଖ୍ୟ ବକ୍ତା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜ୍ୟଶ୍ରୀ ସାହୁ, ଡ ସୁଶାନ୍ତ ମହାନ୍ତି, ମଣ୍ଡଳ ଶିକ୍ଷାଧିକାରୀ ବିଶ୍ୱମ୍ବର ମଲ୍ଲିକ, ମନୋଜ କୁମାର ବେହେରା ସମ୍ମାନୀୟ ଅତିଥି ଭାବରେ ଯୋଗଦେଇ ବିଜ୍ଞାନମେଳା ପିଲାମାନଙ୍କ ଜ୍ଞାନକୌଶଳକୁ କିପରି ତ୍ୱରାନ୍ୱିତ କରିଥାଏ ସେ ବିଷୟରେ ମାର୍ଗଦର୍ଶନ କରିଥିଲେ । ଜାତୀୟ ଇକୋ ହାକାଥନ-୨୦୨୪ ରେ ପାରଦର୍ଶିତା ଦେଖାଇଥିବା ଜଗତସିଂହପୁର କୁନି ବୈଜ୍ଞାନିକ ଆରୟାହି ଅର୍ପିତା ନାୟକଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା । ଏତଦ ବ୍ୟତୀତ ପରିବେଶ ଏବଂ ପ୍ରକୃତି ସଂରକ୍ଷଣ ପାଇଁ ଉଲ୍ଲେଖନୀୟ ଅବଦାନଥିବା ପ୍ରତ୍ୟେକ ବ୍ଲକରୁ ମନୋନୀତ ହୋଇଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ବିଜ୍ଞାନ ପ୍ରଦର୍ଶନୀରେ ମୋଟ ୧୬୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା ଅପରାହ୍ଣରେ ଅତିରିକ୍ତ ଜିଲ୍ଲାଶିକ୍ଷାଅଧିକାରୀ ରାଜ୍ୟଶ୍ରୀ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଜଣାଅଜଣା ପୁରସ୍କାର ବିତରଣ ଉତ୍ସବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ ସୁଶାନ୍ତ ମହାନ୍ତି ଜଗତସିଂହପୁର ମଣ୍ଡଳ ଶିକ୍ଷା ଅଧିକାରୀ ମଧୁସ୍ମିତା ପତି, ବିଡିଓ ଶିକ୍ଷା ଅଧିକାରୀ ମିହିର କୁମାର ପାଳ, ପେଡାଗୋଜି କୋର୍ଡିନେଟର ତପନ କୁମାର ନନ୍ଦ ସମ୍ମାନୀୟ ଅତିଥି ଭାବରେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷୟତ୍ରୀ ଅନସୂୟା ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲା ବେଳେ ଉଭୟ ସଭାରେ ମଂଚ ପରିଚାଳନା କରିଥିଲେ ଜିଲ୍ଲା ବିଜ୍ଞାନ ସଂଯୋଜନା ମଣ୍ଡଳୀର ସଭ୍ୟ ଅମୂଲ୍ୟ କୁମାର ମିଶ୍ର ଏବଂ ସଭ୍ୟା ମନୀଷା ମିଶ୍ର । ଜଣା ଅଜଣା ପ୍ରତିଯୋଗିତାର ଉଭୟ ବରିଷ୍ଠ ଓ କନିଷ୍ଠ ବିଭାଗରେ କୃତିତ୍ୱ ହସଲକରିଥିବା ସୌରଭ ସାହୁ, ଆହେଲା ଆଫ୍ରୋଜ ସେଖ, ଶ୍ରେୟା ସମୃଦ୍ଧି ପରିଡା, ସଙ୍ଗୀତା ନାଥ, ଜ୍ୟୋତିରଞ୍ଜନ ବେହେରା ଓ ବିଦ୍ୟୁଜ୍ୟୋତି ମନୋହରୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ପଦରାଜ ଉମାକାନ୍ତ ନାୟକ, ଶିବ କୁମାର ବିଶ୍ୱାଳ ସୌଭାଗ୍ୟ ପ୍ରସାଦ ମିଶ୍ର,ସସ୍ମିତା ଶତପଥୀ, ପ୍ରଳୟ ରଞ୍ଜନ ଭୂୟାଁ, ଦେବାଶିଷ ନାୟକ, ସୁଦର୍ଶନ ସାହୁ, ଅଶୋକ ମାବେଳି, ସ୍ୱନପ୍ରଭା ସାହୁ, ବିଶ୍ୱଜିତ ମହାନ୍ତି, ଅସ୍ମିତା ପରିଡା, ଶୁଭଶ୍ରୀ ମଲ୍ଲିକ, ବିଷ୍ଣୁପ୍ରିୟା ପାଢ଼ୀ, କୀର୍ତିବାଦ ରାଉତରାୟ, ପ୍ରିୟଙ୍କାବେହେରା ତ୍ରୈଲୋକ୍ୟନାଥ ବିଶ୍ୱାଳ, ତ୍ରିନାଥ ରାଉତ , ପ୍ରଗତି ପ୍ରିୟମ୍ବଦା ଜେନା, ଶିଶିର କୁମାର ତ୍ରିପାଠୀ,ଏସ, ଡି ପ୍ଲବନ କୁମାର, ସ୍ମିତା ମଲ୍ଲିକ, ନରେନ୍ଦ୍ର କୁମାର ବେହେରା ପ୍ରମୁଖ ବିଜ୍ଞାନ ପ୍ରଦର୍ଶନୀ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ ।

ଠିକାଦାର ଓ ପ୍ରଶାସନ ମନମୁଖୀ କାର୍ଯ୍ୟ, ଗଣିଆ - ଛାମୁଣ୍ଡିଆ ରାସ୍ତା ଫାଟି ଆଁ

ଗଣିଆ, ୯/୧୨ (ଆ.ପ୍ର) : ଗଣିଆ ବ୍ଲକର ମା କଳାପାଟଙ୍କ ମନ୍ଦିର ଠାରୁ ବଡ଼ମୂଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ି ରହିଛି । ୧୪କିଲୋମିଟର ରାସ୍ତା ନିର୍ମାଣ ପାଇଁ ଦୀର୍ଘ ୩ବର୍ଷ ବିତି ଯାଇଥିଲେ ମଧ୍ୟ କାର୍ଯ୍ୟ ସରିପାରୁ ନାହିଁ । ଠିକାଦାରଙ୍କ ମନମୁଖୀକାର୍ଯ୍ୟ ଓ ବିଭାଗୀୟ ଅଧିକାରୀଙ୍କ ନୀରବ ଯୋଗୁଁ ଏଭଳୀ ଅବସ୍ଥା ଦେଖିବାକୁ ମିଳିଛି । ସମ୍ପୃକ୍ତ ଠିକାଦାର ଓ ବିଭାଗୀୟ ଅଧିକାରୀ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବା ପାଇଁ ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ପ୍ରଶାସନର ନିର୍ଦ୍ଦେଶକୁ ଠିକାଦାର ଫୁ କରିଦେଇଛି । ଅଧାପନ୍ତରିଆ ଖାଲଖମା ରାସ୍ତା ପାଇଁ ଦୈନନ୍ଦିନ ଛୋଟମୋଟ ଦୁର୍ଘଟଣା ଘଟୁଛି । ସୂଚନା ଥାଉକି ଗଣିଆ ଠାରୁ ବଡ଼ମୂଳ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ଅଂଚଳବାସୀଙ୍କ ତରଫରୁ ଦୀର୍ଘ ବର୍ଷ ହେଲା ଦାବୀ ହୋଇ ଆସୁଥିଲା । ଏପରିକି ଲୋକମାନେ ଅନେକଥର ଗଣିଆ ବ୍ଲକ ସମ୍ମୁଖରେ ଧାରଣା ଦେଇଛନ୍ତି । ହେଲେ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ଓ ପ୍ରତାରଣା ହିଁ ମିଳିଛି । ଏନେଇ ଗତ ଜୁନ୍ ମାସ ୭ ରେ ଆଂଚଳିକ ବିକାଶପରିଷଦ ମାଧ୍ୟମରେ ଛାମୁଣ୍ଡିଆ ପଂଚାୟତର ଶତାଧିକ ଲୋକ ଗଣିଆ ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ । ଧାରଣା ର ୩ୟ ଦିନ ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ର କନିଷ୍ଠଯନ୍ତ୍ରୀ ସଞ୍ଜୟ କୁମାର ସାହୁ, ଗ୍ରାମ୍ୟଉନ୍ନୟନ ବିଭାଗର ଡିଭିଜିନାଲ ହେଡ ଦିବ୍ୟରାଣୀ ପୃଷ୍ଟି, ସବ୍ ଡିଭିଜିନାଲ୍ ହେଡ ଏଇ ତଥା ଏକ୍ସିକ୍ୟୁଟିଭ ଇଞ୍ଜିନିୟର

ମଞ୍ଜୁଲତା ବେହେରା ଓ ଠିକାଦାର ଅନୀଲ କୁମାର ବିଶ୍ୱାଳ, ପୂର୍ବତନ ତହସିଲଦାର ପ୍ରତିବାଳା ରଣା ଓ ବିଡିଓ ସାଗର କୁମାର ନନ୍ଦଙ୍କ ଉପସ୍ଥିତିରେ ବହୁ ତର୍କମା ହେବା ପରେ ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ପ୍ରତିଶ୍ରୁତି ମୁତାବକ ଗଣିଆ ଠାରୁ ୧୦ କିଲୋମିଟର ମା କଳାପାଟଙ୍କ ପୀଠ ପର୍ଯ୍ୟନ୍ତ ଗତ ଜୁନ୍ ମାସ ୩୦ ତାରିଖ ସୁଦ୍ଧା ଗ୍ରାମ୍ୟ ଉନ୍ନୟନ ବିଭାଗରୁ ପୂର୍ତ୍ତ ବିଭାଗକୁ ହସ୍ତାନ୍ତର କରାଯିବ । ଦ୍ୱିତୀୟରେ ମା କଳାପାଟଙ୍କ ମନ୍ଦିର ଠାରୁ ବଡମୂଳ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟକୁ ନଭେମ୍ବର ୩୦ ସୁଦ୍ଧା ସଂପୂର୍ଣ୍ଣ କରାଯିବ ବୋଲି ବିଭାଗୀୟ ଅଧିକାରୀ ଓ ଠିକାଦାର ଲିଖିତ ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ଯଦି ଲିଖିତ ପ୍ରତିଶ୍ରୁତି ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରାନଗଲେ କାର୍ଯ୍ୟରୁ ବହିଷ୍କୃତ (ଟର୍ମିନେଟ) ହେବି ବୋଲି ମଧ୍ୟ ପ୍ରତିଶ୍ରୁତି ଦେଇଥିଲେ । ତେବେ ପ୍ରତିଶ୍ରୁତି ଅନୁଯାୟୀ ଗତ କିଛି ଦିନ ତଳେ କିଛି ରାସ୍ତା କାର୍ଯ୍ୟ କରିଥିବା ବେଳେ ରାସ୍ତାରେ ପାଣି ପକାଇନଥିବାରୁ ରାସ୍ତା ଫାଟିବା ସହ ଯାତାୟତ ସମୟରେ ଧୂଳି ଓ ଧୂଆଁରେ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଅନ୍ୟପରି ୭୦୦ମିଟର ରାସ୍ତା କଂକ୍ରିଟ କରି ନ ଥିବା ଯୋଗୁଁ ଖାଲଖମାରେ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ରାସ୍ତାର ଏଭଳି ସମସ୍ୟା ନେଇ ଅଂଚଳବାସୀଙ୍କ ତରଫରୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି ।ତେବେ ସ୍ଥାନୀୟ ଲୋକଙ୍କ ବାରମ୍ବାର ଅଭିଯୋଗ ଓ ଧାରଣା ପରେ ବି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ରାସ୍ତା ନିର୍ମାଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁଁ ସ୍ଥାନୀୟ ଅଂଚଳବାସୀ ଅଦାଲତର ଦ୍ୱାରସ୍ଥ ହେବା ପାଇଁ ନିଷ୍ପତି ନେଇଥିବା ଆଂଚଳିକ ବିକାଶ ପରିଷଦର ସଭାପତି ଜୟଦେବ ସାହୁ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ନୟାଗଡ଼ ଜିଲ୍ଲା ଗ୍ରାମ୍ୟଉନ୍ନୟନ ବିଭାଗର ଡିଭିଜିନାଲ ହେଡ଼ ଦିବ୍ୟାରାଣୀ ପୃଷ୍ଟିଙ୍କୁ ପଚାରିବାରୁ ମୁଁ ବାହାରେ ଅଛି, ପଚାରି ବୁଝିବା ପରେ ଆପଣଙ୍କୁ କହିବି ବୋଲି କହିଥିଲେ ।

ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସରେ ଯୋଗ ଦେଲେ ଜିଲ୍ଲା ସଭାପତି ଓ ବ୍ଲକ ଅଧକ୍ଷ

ବାସୁଦେବପୁର, ୯/୧୨ (ଆ.ପ୍ର) : ବାସୁଦେବପୁର ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଂସଦ ଖେଳ ମହୋତ୍ସବର ଶୁଭ ଉଦ୍ଘାଟନ ହୋଇ ଯାଇଛି । ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଏହି ଖେଳରେ ବାସୁଦେବ ପୁର ନିର୍ବାଚନ ମଣ୍ଡଳୀରୁ ୨୫୦ ପିଲା ଭାଗ ନେଇ ଥିଲେ, ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହୋଇଛି ଏହି ଖେଳକୁ ପରିଚାଳନା କରୁଥିଲେ ଗଙ୍ଗାଧର ସେଠୀ, ଏଥିରେ ଯୋଗ ଦାନ କରି ଥିଲେ ଜିଲ୍ଲା ସଭାପତି ଶ୍ରୀ ଭଗବାନ ପଣ୍ଡା ତଥା ବାସୁଦେବପୁର ବ୍ଲକ ଅଧକ୍ଷ ନରେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ସାଂସଦ ଖେଳ ସଂଯୋଜକ କିଶୋର କିଙ୍କୋର ପରୀଡ଼ାରୀ, ବାସୁଦେବ ପୁର ସାଂସଦ ଖେଳ ସଂଯୋଜକ, ଅମୋରସ ନାୟକ, ଡକ୍ଟର ଉମାକାନ୍ତ ଷଂଡିଆ, ଜୟ ପ୍ରକାଶ ମଲ୍ଲିକ, ମଣ୍ଡଳ ସଭାପତି ହେଲେ ରତିକାନ୍ତ ଦଳାଇ, (ଲିକୁନ) ଅସୋତୋସ ସାମଲ, ବିଜୟ କୁମାର ମାଝି, ଜଗବନ୍ଧୁ ମଲିକ, ଅମରେନ୍ଦ୍ର ନାୟକ, ଅମର ଦାସ, ପାରିଷଦ ପାଂଚ ନମ୍ବର୍ ୱାର୍ଡ଼ ଜଗବନ୍ଧୁ ଦାସ,ମଧୁସୂଦନ ପାତ୍ରୀଙ୍କ ସମେତ ବିଜେପି ଦଳ କର୍ମୀ ଓ କର୍ତ୍ତା ମାନେ ଉପସ୍ଥିତ ଥିଲେ ।

ଶ୍ରୀବୈରାଗୀ ସିଦ୍ଧକଣ୍ଠ ପ୍ରାଦେଶିକ ଭକ୍ତ ସମାରୋହ

ଭୁବନେଶ୍ୱର, ୯/୧୨ (ଆ.ପ୍ର) : ଚେତନା ସଙ୍ଘ, ଅସୁରାଳିର ଦେବୀ ଆଶ୍ରମ ଆନୁକୂଲ୍ୟରେ ଶ୍ରୀବୈରାଗୀ ସିଦ୍ଧକଣ୍ଠ-ପ୍ରାଦେଶିକ ଭକ୍ତ ସମ୍ମିଳନ ଚେତନା ପୁରୁଷ ଶ୍ରୀବୈରାଗୀଙ୍କର ପ୍ରସିଦ୍ଧ ସାଧନା ପୀଠ କେନ୍ଦୁଝରଗଡ଼ ସିଦ୍ଧମଠ ଠାରେ ମହାସମାରୋହରେ ପାଳିତ ହୋଇଯାଇଛି ଓ ଶକ୍ତି ଶ୍ରୀ, ଶକ୍ତି ଶ୍ରୀମତୀ ଓ ଶକ୍ତି କୁମାରୀ ମାନଙ୍କର ସମାବେଶରେ ପ୍ରଭାତରେ ଶଙ୍ଖ ନାଦ, ଗାୟତ୍ରୀ ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ପାଠ କରାଯାଇ ଶ୍ରୀଗୁରୁଙ୍କର ଅଷ୍ଟୋତର ଶତ ନାମାର୍ଚ୍ଚନ କରାଯାଇ ଶ୍ରୀବୈରାଗୀ ଜ୍ଞାନଯଜ୍ଞ ଆରମ୍ଭ କରାଯାଇଥିଲା ଓ ଚେତନା ସଙ୍ଘ ଅଧକ୍ଷ ଶକ୍ତି ଶ୍ରୀ ଉତ୍କଳଭୂଷଣ ନାୟକଙ୍କ ସଭାପତିତ୍ୱରେ ମହେଶ୍ୱର ମହାନ୍ତି, କୁଳମଣି ରାଉତ, ଡଃ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ରାମଚନ୍ଦ୍ର ପାଣିଗ୍ରାହୀ, ପ୍ରଦୀପ କୁମାର ବାରିକ ଓ ଶ୍ରୀନିବାସ ବ୍ରହ୍ମ ମଂଚାସୀନ ଥିବାବେଳେ ଓଁ ଆନନ୍ଦ ନିଷ୍ପାଦକ ଡଃ ଚନ୍ଦ୍ରଶେଖର ଦାଶ ମଂଚ ପରିଚାଳନା କରିଥିଲେ ଓ ଶ୍ରୀବୈରାଗୀଙ୍କର ରଚିତ 'ତୁଳସୀ ଦଳ'ର ନୂତନ ସଂସ୍କରଣ ଉନ୍ମୋଚିତ ହୋଇଥିବା ବେଳେ କେନ୍ଦୁଝର ଶାଖାର ବରିଷ୍ଠ ଅନୁଗାମୀ ରାମଚନ୍ଦ୍ର ପାଣିଗ୍ରାହୀଙ୍କୁ ମାନପତ୍ର ଉପଢୌକନ ଦେଇ ସମ୍ମାନୀତ କରାଯାଇଥିଲା ଓ ଭୁବନେଶ୍ୱର, କଟକ, ବରମ୍ପା, ବଡମ୍ବା, ଢେଙ୍କା, ବାଦଲ୍ଲଇଁ, ଗାଂଟିଆଳି, ଯାଜପୁର, ମର୍ଦ୍ଦାବାଡି, କୁହୁଡ଼ି, ବେତନଟୀ, ଅସୁରାଳୀ ଓ ବଡ଼ ଗଡ଼ବାହାଲ ପ୍ରଭୃତି ଚେତନା ସଙ୍ଘ ଶାଖା ମାନଙ୍କରୁ ପ୍ରାୟ ତିନିଶହରୁ ଉର୍ଦ୍ଧ୍ୱ ଭକ୍ତଜନ ଯୋଗଦେଇଥିଲେ ।

ମୁକୁଳା ଡ୍ରେନରୁ ମୃତ ଦେହ ଉଦ୍ଧାର

ଦଶପଲ୍ଲା, ୯/୧୨ (ଆ.ପ୍ର) : ମଙ୍ଗଳବାର ଦିନ ସକାଳୁ ଦଶପଲ୍ଲା ଏନଏସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡ (କୃଷ୍ଣଚନ୍ଦ୍ରପୁର୍ ପାଟଣା)ର ଏକ ମୁକୁଳା ଡ୍ରେନ୍ ମଧ୍ୟରୁ ମୃତ ଦେହ ଉଦ୍ଧାର ଘଟଣା ସମଗ୍ର ଅଂଚଳରେ ଗଭୀର ଆଲୋଡନ ସୃଷ୍ଟି କରିଛି । ମୃତ ଦେହଟି ଗ୍ରାମର ବଇଦ ନାହାକଙ୍କ ପୁଅ ରବି ନାହାକ (୪୧ ବର୍ଷ) ବୋଲି ଜଣାପଡିଛି । ଖବର ପାଇ ଦଶପଲ୍ଲା ପୋଲିସ ଘଟଣାସ୍ଥଳରେ ପହଂଚି ମୃତ ଦେହ ଜବତ କରି ବ୍ୟବଚ୍ଛେଦ କରାଇବା ସହିତ ପରିବାରକୁ ଶବ ହସ୍ତାନ୍ତର କରିଛନ୍ତି । ପୋଲିସ ନମ୍ବର ୨୫/୨୦୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି । ଏଭଳି ଘଟଣା ଦେଖି ସମସ୍ତେ ବ୍ୟଥିତ ହୋଇ ପଡିବା ସହିତ ମୁକୁଳା ଡ୍ରେନର ସମସ୍ୟା ସମାଧାନ ହେଉ ନଥିବାରୁ ପ୍ରଶାସନକୁ ଧିକାର୍ କରୁଥିବାର ଶୁଣିବାକୁ ମିଳୁଛି ।

ରାଜନୈତିକ ମଂଚ ସାଜିଲା ମଣ୍ଡେଇ କାର୍ଯ୍ୟକ୍ରମ, ମଣ୍ଡେଇ ମଂଚକୁ ମାଡ଼ିଲେନି ଆଂଚଳିକ କଳାକାର

ଚନ୍ଦାହାଣ୍ଡି, ୯/୧୨ (ଆ.ପ୍ର) : କଳା ପରିବେଷଣ ମାଧ୍ୟମରେ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣର ଅନୁଷ୍ଠାନ ମାଧ୍ୟମରେ ଅନୁଷ୍ଠିତ ମଣ୍ଡେଇ କାର୍ଯ୍ୟକ୍ରମରେ ଆଜି ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ଅଂଚଳର ଆଂଚଳିକ କଳାକାର ମାନେ ମଂଚକୁ ତ୍ୟାଗ କରି କଳା ପରିବେଷଣ ନକରି ନିଜ ନିଜ ଘରକୁ ଚାଲିଯାଇଥିବା ଦେଖିବାକୁ ମିଳିଥିଲା । ତେବେ ଆଜି ପ୍ରଶାସନ ତରଫରୁ ଏକ ରଙ୍ଗମଂଚ ଆୟୋଜନ କରିଥିବା ବେଳେ କାର୍ଯ୍ୟକ୍ରମଟି ସମ୍ପୂର୍ଣ୍ଣ ଭାବେ କଳାକାରଙ୍କ ପାଇଁ ସମର୍ପିତ ଥିବାବେଳେ ଆଜି ଏହାର ଓଲଟା ରୂପ ଦେଖିବାକୁ ମିଳିଥିଲା । କାର୍ଯ୍ୟକ୍ରମ ପ୍ରାରମ୍ଭ ହେବାରେ ଅତି ବିଳମ୍ବ ହେବା ସହ ସ୍ଥାନୀୟ ଆଂଚଳିକ କଳା ଓ ସଂସ୍କୃତିକୁ ମଂଚ ମାଧ୍ୟମରେ ଲୋକଙ୍କୁ କିଛି ଶିକ୍ଷା ଦେବା ପାଇଁ ଆସିଥିବା କଳାକାର ମାନେ କଳା ପରିବେଷଣ କରିବାକୁ ଆସି ଅପେକ୍ଷା କରି ନୟାନ୍ତ ହୋଇ ଶେଷରେ ନିଜନିଜ ଦଳକୁ ଧରି ଫେରି ଯାଇଥିବା ଦେଖିବାକୁ ମିଳିଥିଲା । ତେବେ ଏ ନେଇ ଆମ ଗଣମାଧ୍ୟମ ପ୍ରତିନିଧି ଏଭଳି ଅପ୍ରୀତିକର ଘଟଣା ସମ୍ବନ୍ଧରେ ପ୍ରତିକ୍ରିୟା ଲୋଡ଼ି ଥିଲେ ତେବେ ଆଜି ବ୍ଲକ ପ୍ରଶାସନ କଳାକାର ମାନଙ୍କୁ ଡାକି ମଂଚରେ କଳା ପରିବେଷଣ କରିବାକୁ ଗୁରୁତ୍ୱ ନଦେଇ ମଂଚରେ ମଂଚାସିନ କରାଇ ଘଂଟା ଘଂଟା ଭାଷଣ କାର୍ଯ୍ୟକ୍ରମ ଜାରି ରହିଥିବା ଦେଖି ବିରକ୍ତ ହୋଇ ମଂଚକୁ ନଯାଇ ଫେରି ଯାଇଥିବା ନେଇ ପ୍ରକାଶ କରିଥିଲେ । ତେବେ ଏନେଇ ଫେରି ଯାଉଥିବା କଳାକାରଙ୍କୁ ବୁଝାଇ ମଂଚକୁ ଆଣିବାକୁ ଯାଇଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାର ଅସଫଳ ହୋଇ ଫେରିଥିବା ବେଳେ ମଂଚରେ କେବଳ କିଛି ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ କଳା ପରିବେଷଣ କରିଥିବା ଦେଖିବାକୁ ମିଳିଥିଲା ।

ତେବେ ଆଂଚଳିକ କଳାକାର ସଙ୍ଘର କର୍ମକର୍ତ୍ତା ମୋହନ ମୁଣ୍ଡ, ପଦ୍ମିରାମ ଜୁଏଡ଼, ଲଛମନ ବାଘ, ଅଭିମନ୍ୟୁ ବାଘ, ଲୋକନାଥ ପୂଜାରୀ, ଜବାର ଗୌଡ଼ ସମେତ ବିଭିନ୍ନ ଅନୁଷ୍ଠାନର ବ୍ଲକକଳା ସଙ୍ଘର କର୍ମକର୍ତ୍ତାଙ୍କ ସହ କୌଣସି ସମନ୍ୱୟ ନଥିବା ବେଳେ ଆଂଚଳିକ କଳାକାରଙ୍କ କଳା ପରିବେଷଣ ପ୍ରତି କୌଣସି ଗୁରୁତ୍ୱ ଦିଆଯାଇ ନଥିବା ନେଇ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ । ତେବେ ଏନେଇ ଆମେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହ ଯୋଗାଯୋଗ କରିଥିବା ବେଳେ ସେ କାର୍ଯ୍ୟକ୍ରମ ରେ ସମସ୍ତଙ୍କୁ ଅବଗତ କରାଯାଇଥିଲା କିନ୍ତୁ ମଂଚରେ ସଭା କାର୍ଯ୍ୟକ୍ରମ ଚାଲୁଥିବା ବେଳେ ଅପେକ୍ଷାରତ କଳାକାର ମାନେ ଅପେକ୍ଷା କରି ଚାଲି ଯାଇଥିଲେ କିନ୍ତୁ ଆମ ଅନୁଷ୍ଠାନ ସମସ୍ତ କଳାକାରଙ୍କୁ ସୁଯୋଗ ଦେବା ପାଇଁ ପ୍ରୟାସ କରାଯାଇଥିଲା, ତେବେ ଆମ ତରଫରୁ କାହାରିକୁ ଅଣଦେଖା କରାଯାଇ ନାହିଁ ବୋଲି କହିଥିଲେ । ତେବେ ମଣ୍ଡେଇ ଭଳି ଏକ କଳା ପ୍ରତିଭାର ଅନ୍ୱେଷଣ ମୂଳକ କାର୍ଯ୍ୟକ୍ରମ ଯେଉଁଥିରେ କି ଲୁକ୍କାୟିତ କଳା ଓ ସଂସ୍କୃତିର ଉଦ୍ଧାର ପାଇଁ ପ୍ରଶାସନ ଗୁରୁତ୍ୱ ଦେବା ବଦଳରେ ଏକ ସଭା ମାଧ୍ୟମରେ କଳା ପରିବେଷଣ ପରିବର୍ତ୍ତେ ରାଜନୈତିକ ଦଳର ନେତାଙ୍କ ଅଭିଭାଷଣକୁ ଗୁରୁତ୍ୱ ଦେବା କେତେ ଦୂର ଠିକ ବୋଲି ଆଂଚଳିକ କଳାକାର ବୃନ୍ଦ ପ୍ରଶ୍ନ ଉଠାଇଛନ୍ତି । ଆଗକୁ କୌଣସି ସରକାରୀ କାର୍ଯ୍ୟକ୍ରମ ରେ କଳାକାର ମାନେ ଯୋଗ ଦେବେ ନାହିଁ ଏବଂ ସମସ୍ତ ସରକାରୀ ରଙ୍ଗମଂଚ କାର୍ଯ୍ୟକ୍ରମକୁ ବୟକଟ କରାଯିବ ବୋଲି ଗଣମାଧ୍ୟମ ଜରିଆରେ ନିଜର ପ୍ରତିକ୍ରିୟା ଜଣାଇଛନ୍ତି ।

ଦୁର୍ବଳ ଶିକ୍ଷାର ବିକଳ ଚିତ୍ର, ଶିକ୍ଷକ ଅଭାବ ଚୁପ ବସିଛନ୍ତି ଶିକ୍ଷାଅଧିକାରି

ହାଟଡ଼ିହି ,୯/୧୨(ଆପ୍ର)ବିଦ୍ୟାଳୟ ହେଉଛି ଏକ ମଣିଷତି ଆରି କରଖାନା । ଶିଶୁମାନଙ୍କର ଭବିଷ୍ୟତ ଗଢାଯାଏ । ଏହାର ନିର୍ମାତା ହେଉଛନ୍ତି ଶିକ୍ଷକ । ହେଲେ ରାଜ୍ୟର ଅନେକ ସରକାରୀ ବିଦ୍ୟାଳରେ ଶିକ୍ଷକ ଅଭାବ ଦେଖିବାକୁ ମିଳୁଛି । କେନ୍ଦୁଝର ଜିଲ୍ଲା ହାଟଡ଼ିହି ବ୍ଲକ ସରକାରୀ ପ୍ରାଥମିକ ବିଦ୍ୟାଳୟ ଡ଼ଅଁରି ରେ ସ୍ଥିତି ସଙ୍ଗୀନ ଦେଖିବାକୁ ମିଳିଛି । ୮ଟି ଶ୍ରେଣୀରେ ୨୧୪ ଜଣ ଛାତ୍ରଛାତ୍ରୀ ଙ୍କୁ ମାତ୍ର ୫ଜଣ ଶିକ୍ଷକ ଶିକ୍ଷୟତ୍ରି ।ଶିକ୍ଷକ ଅଭାବରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି । ଏହାକୁ ନେଇ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି କର୍ଣ୍ଣ ପାତ କରୁନାହାନ୍ତି । ଏହି କିଛିଦିନ ପୂର୍ବରୁ ଛାତ୍ରଛାତ୍ରୀ ଓ

ଅଭିଭାବକ ସ୍କୁଲର ଫାଟକରେ ତାଲା ପକାଇ ଧାରଣାରେ ବସିଥିବାବେଳ ବ୍ଲକ ଶିକ୍ଷାଅଧିକାରୀ ଙ୍କର ପ୍ରତିଶ୍ରୁତି ପରେ ଧାରଣାରୁ ଉଠିଥିଲେ । କିନ୍ତୁ ଏ ପର୍ଯ୍ୟନ୍ତ କୌଣସି ଶିକ୍ଷକ ନ ଦେବାରୁ ୪ଦିନ ହେବ ବିଦ୍ୟାଳୟ କୁ ଛାତ୍ରଛାତ୍ରୀ ଆସୁନାହାନ୍ତି । ଡଅଁରି ପ୍ରାଥମିକ ବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥାର ସୁଧାର ଆଣିବା ସହ ଛାତ୍ରଛାତ୍ରୀ ଙ୍କ ଭାବିସତ୍ୟ ଗଠନ ପାଇଁ ଅଭିଭାକ ମାନେ ଦାବିକରିଛନ୍ତି ।

ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହେଲା ବାଇକ: ଦୁଇ ମୃତ, ଜଣେ ଗୁରୁତର



ବାଲିଗୁଡ଼ା, ୯/୧୨ (ଆ.ପ୍ର) : ଭାରସାମ୍ୟ ହରାଇ ରାସ୍ତା କଡ଼ ଗଛରେ ପିଟି ହେଲା ବାଇକ୍ । ଘଟଣାସ୍ଥଳରେ ଦୁଇ ଜଣ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଏଭଳି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଥାନା ଅନ୍ତର୍ଗତ ବିରାଗୁଡ଼ା ଗ୍ରାମ ନିକଟରେ । ସୂଚନା ପ୍ରକାରେ ମଙ୍ଗଳବାର ଅପରାହ୍ନ ସମୟରେ ତିନିଜଣ ଯୁବକ ଏକ କେଟିଏମ୍ ବାଇକ୍ ନଂ. ଓଡି-୧୨-କି-୩୯୬୮ ରେ ବାରଖମା ଅଂଚଳରୁ ବାଲିଗୁଡ଼ା ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ବେଳେ ବିରାଗୁଡ଼ା ନିକଟସ୍ଥ ବୁଲାଣି ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତା କଡ଼ରେ ଥିବା ଏକ ଗଛକୁ ଧକ୍କା ଦେଇଥିଲେ । ଫଳରେ ଘଟଣାସ୍ଥଳରେ ଦୁଇ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି । ଖବରପାଇ ଘଟଣାସ୍ଥଳରେ ବାଲିଗୁଡ଼ା ପୋଲିସ୍ ପହଁଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରି ଗୁରୁତର ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଛି । ସେପଟେ ମୃତକଙ୍କ ପରିଚୟ ଏଯାବତ୍ ଅସ୍ପଷ୍ଟ ରହିଥିବା ବେଳେ ସମସ୍ତେ ବାଟାଗୁଡ଼ା ପଂଚାୟତ ଅଂଚଳର ହୋଇଥିବା ସୂଚନା ମିଳିଛି ।

ସେଇଠୁ
ଆରମ୍ଭ
SEITHO ARAMBHA

ଟିପିଏନ୍‌ଓଡିଏଲ୍ ପକ୍ଷରୁ ଆସନ୍ତା ୧୩ରେ ହେବ ଜାତୀୟ ଲୋକ ଅଦାଲତ

TPNODL

ଟିପି ନର୍ଦ୍ଦର୍ଣ୍ଣ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)

ବାଲେଶ୍ୱର,୦୯/୧୨ (ଆ.ପ୍ର) : ଟିପିଏନ୍‌ଓଡିଏଲ୍ ପକ୍ଷରୁ ଚତୁର୍ଥ ଜାତୀୟ ଲୋକ ଅଦାଲତ ତଥା ସମାଧାନ ଶିବିର ଆସନ୍ତା ଡିସେମ୍ବର ୧୩ ତାରିଖ ଶନିବାର ଦିନ ଡିଭିଜନ, ସବ-ଡିଭିଜନ କାର୍ଯ୍ୟାଳୟ ଏବଂ କଚେରୀ ପରିସରରେ ଅନୁଷ୍ଠିତ ହେବ । ଏଥିରେ ଉପଭୋକ୍ତାମାନେ ଅନଧିକୃତ ବିଦ୍ୟୁତ୍ ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସମ୍ବନ୍ଧୀୟ ମାମଲାଗୁଡ଼ିକର ସମାଧାନ କ୍ଷେତ୍ରରେ ସହାୟତା ପାଇପାରିବେ । ଏହି ଲୋକ ଅଦାଲତ ସକାଳ ୯ଟା ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବାବେଳେ ଉପଭୋକ୍ତାମାନେ ଏ ସମ୍ପର୍କିତ ଅଧିକ ସୂଚନା ଡିଭିଜନ କାର୍ଯ୍ୟାଳୟରେ ପାଇପାରିବେ । ଉପଭୋକ୍ତାମାନେ ଅଧିକ ବିବରଣୀ ପାଇଁ ଆପଣଙ୍କ ନିକଟସ୍ଥ ଟିପିଏନଓଡିଏଲ୍ ଉପଖଣ୍ଡ କିମ୍ବା ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରି ଏ ସମ୍ପର୍କିତ ସହାୟତା ପାଇ ପାରିବେ । ବର୍ଷର ଅନ୍ତିମ ଲୋକ ଅଦାଲତକୁ ହାତଛଡ଼ା ନ କରି ଅନଧିକୃତ ବିଜୁଳି ବ୍ୟବହାର ଏବଂ ବିଦ୍ୟୁତ୍ ଚୋରି ଆଦି ସହିତ ଜଡିତ ପ୍ରବର୍ତ୍ତନ ମାମଲାଗୁଡିକର ସମାଧାନ ପାଇଁ ନିକଟସ୍ଥ ବିଦ୍ୟୁତ୍ ଉପଖଣ୍ଡ/ଡିଭିଜନ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଟିପିଏନଓଡିଏଲ ପକ୍ଷରୁ ଉପଭୋକ୍ତାଙ୍କୁ ପରାମର୍ଶ ଦିଆଯାଇଛି । ସେହିପରି ବିଦ୍ୟୁତ୍ ଚୋରିରୁ ନିବୃତ ରହିବାକୁ ମଧ୍ୟ ଉପଭୋକ୍ତାମାନଙ୍କୁ ଟିପିଏନଓଡ଼ିଏଲ ପରାମର୍ଶ ଦେଇଛି ।

କବି ବଂଶୀଧର ଚୌଧୁରୀଙ୍କ ଦେହାନ୍ତ
ଆଉ ସାହିତ୍ୟର ଶ୍ୟାମଳ ବନରେ ଶୁଭିବ ନାହିଁ କବିଙ୍କ 'ଧୂନ'

ବାଲେଶ୍ୱର, ୦୯/୧୨ (ଆ.ପ୍ର) : 'ଲାଲପତ୍ର ସବୁଜ ସକାଳେ', 'ନକ୍ସା' ତିଆରି କରି 'ଉଦ୍ଭାନ୍ତ ନୀଳଜହ୍ନ'ରେ ଯିଏ 'ତଷା ପୁଅ କୁଜ'ର 'ଚିତ୍ରାଙ୍କନ କରି 'ଗୁମସୁମ ଗୁମଟ୍ଟା'ରେ 'ପକ୍ଷୀ ଗାଉଥାଉ ଗୀତ'ର 'ଧୂନ' ସୃଷ୍ଟି କରି ଏକ ସବୁଜ ପୃଥିବୀର ପରି କଳ୍ପନା କରିଥିଲେ, ସେଇ ମାନବବାଦୀ କବି ଡକ୍ଟର ବଂଶୀଧର ଚୌଧୁରୀ ଆଉ ଆମ ଗହଣରେ ନାହାନ୍ତି । ଡିସେମ୍ବର ୯ ତାରିଖ ଭୋର୍ ଚାରିଟା ବେଳେ ଥଣ୍ଡା ଜନିତ କଫ ଓ ହୃଦଘାତରେ ପରଲୋକ ଗମନ କରିଛନ୍ତି । ଡକ୍ଟର ଚୌଧୁରୀ ଏକାଧାରରେ ଜଣେ କବି, ପ୍ରାବନ୍ଧିକ ଏବଂ ଆଲୋଚକ ଭାବେ ସମଗ୍ର ରାଜ୍ୟରେ ବେଶ ଲୋକପ୍ରିୟତା ଅର୍ଜନ କରିଥିଲେ । ଭ୍ରମଣ ସାହିତ୍ୟ ଉପରେ ଗବେଷଣା କରି ସର୍ବ ପ୍ରଥମ ପିଏଚଡି ହାସଲ କରିଥିଲେ ସେ । ନୀଳଗିରି, ଗୁଡ଼ୁ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ଭାବେ କାର୍ଯ୍ୟ କରି ବାଲେଶ୍ୱର ମହିଳା କଲେଜରୁ ୨୦୧୬ ମସିହାରେ ଅବସର ଗ୍ରହଣ କରି ସେ ମେଘଡମ୍ବରୁ ସ୍ଥିତ ତାଙ୍କ ନିଜ ଘରେ ସାହିତ୍ୟ ସାଧନାରେ ଥିଲେ । ଗତ କିଛି ମାସ ଧରି ସେ ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲେ । ଏଇ ରୋଗରୁ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଆସୁଥିଲା ବେଳେ ହଠାତ ଆଜି ତାଙ୍କର ମୃତ୍ୟୁ ଖବର ସମସ୍ତଙ୍କ ଭିତରେ ଶୋକର ଛାୟା ଖେଳାଇ ଦେଇଛି । ମୃତ୍ୟୁଶଯ୍ୟା ନିକଟରେ ତାଙ୍କର କନିଷ୍ଠା କନ୍ୟା ରୂପାଲୀ ଚୌଧୁରୀ, ପତ୍ନୀ ସବିତା କୁଣ୍ଡୁ, ସାନ ଭାଇ ଏବଂ ବନ୍ଧୁ ଆତ୍ମୀୟମାନେ ଉପସ୍ଥିତ ଥିଲେ । ସ୍ୱର୍ଗତଃ ଚୌଧୁରୀଙ୍କ ମର ଶରୀରକୁ ଶେଷ ଦର୍ଶନ ନିମନ୍ତେ ବାଲେଶ୍ୱରର ବହୁ ଅଧ୍ୟାପକ, ବୁଦ୍ଧିଜୀବୀ, ସମାଜ ସେବୀ, ସାହିତ୍ୟିକ, ରାଜନେତା ଉପସ୍ଥିତ ରହି ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ତାଙ୍କର ଶେଷ କୃତ୍ୟ କବିଙ୍କ ଇଚ୍ଛାନୁସାରେ ପୁରୀ ସ୍ୱର୍ଗଦ୍ୱାରରେ ସମ୍ପନ୍ନ ଅନ୍ତିମ କରାଯାଇଛି । ପ୍ରକାଶ ଯେ ସ୍ୱର୍ଗତ ବଂଶୀଧର ଚୌଧୁରୀଙ୍କ ଜନ୍ମ ୧୯୫୬ ମସିହା ଡିସେମ୍ବର ମାସ ୨୫ ତାରିଖ, ବାଲେଶ୍ୱର ଜିଲ୍ଲା ରାଜବ୍ରହ୍ମପୁର, ନୀଳଗିରିରେ ହୋଇଥିଲା । ମାତ୍ର ସମୟ କ୍ରମେ ବାଲେଶ୍ୱର ମେଘଡମ୍ବରୁରେ ଘର ନିର୍ମାଣ କରି ରହୁଥିଲେ । ମୃତ୍ୟୁ ବେଳକୁ ତାଙ୍କର ୬୯ ବର୍ଷ ବୟସ ହୋଇଥିଲା । ତାଙ୍କର କେବଳ ଦୁଇ କନ୍ୟା ଅଛନ୍ତି । ବଡ଼ ଝିଅ ବାଙ୍ଗାଲୋରରେ ରହୁଥିଲା ବେଳେ ସାନ ଝିଅ ତାଙ୍କ ପାଖରେ ରହୁଥିଲେ । ସ୍ୱର୍ଗତଃ ବଂଶୀଧର ଚୌଧୁରୀଙ୍କ ଅକାଳ ବିୟୋଗରେ ବାଲେଶ୍ୱର ସାରସ୍ୱତ ଜଗତ ସ୍ତବ୍ଧ ହୋଇ ଯାଇଛି । ଜଣେ ବହୁ ପ୍ରତିଷ୍ଠିତ ସାରସ୍ୱତ ସାଧକଙ୍କ ପରଲୋକ ଗମନ ସାହିତ୍ୟ ସଂସାର ପାଇଁ ଏକ ଶୂନ୍ୟ ସ୍ଥାନ ସୃଷ୍ଟି କରିଛି । ତାଙ୍କର ମୃତ୍ୟୁରେ ସବୁଠି ଶୋକର ଛାୟା ଖେଳି ଯାଇଛି ।

ବିଦ୍ୟାଳୟରେ ଅନିୟମିତତା, ଫାଟକ ସମ୍ମୁଖରେ ଧାରଣା

ସିମୁଳିଆ, ୦୯/୧୨ (ଆ.ପ୍ର) : ବିଦ୍ୟାଳୟରେ ବିଭିନ୍ନ ଅନିୟମିତତା ନେଇ ପରିଚାଳନା କମିଟି ଓ ଅଭିଭାବକ ମାନେ ବିଦ୍ୟାଳୟ ଫାଟକ ସମ୍ମୁଖରେ ଧାରଣା, ଅଧିକାରୀଙ୍କ ହସ୍ତକ୍ଷେପ ପରେ ଧାରଣା ପ୍ରତ୍ୟାହୃତ । ସୂଚନାରୁ ସିମୁଳିଆ ବ୍ଲକ ଅନ୍ତର୍ଗତ କାଂଟପଡା ପଂଚାୟତ କାଂଟପଡା ଠାରେ ଥିବା ସରକାରୀ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଦ୍ୟାଳୟକୁ ମଦ୍ୟପାନ କରି ଆସିବା, ରିକ୍ୟୁଜେସନ ଖାତା ହଜିଯିବା କହି ନ ଦେଖାଇବା, ଏମଡିଏମ ଖାଦ୍ୟ ପରିଚାଳନାରେ ଅନିୟମିତତା ଦର୍ଶାଇ ବିଦ୍ୟାଳୟର ପରିଚାଳନା କମିଟିର ସଭାପତି ଗଜେନ୍ଦ୍ର ଅଗସ୍ତିଙ୍କ ନେତୃତ୍ୱରେ ପରିଚାଳନା କମିଟିର ସଭ୍ୟ ସଭ୍ୟା, ବହୁ ଅଭିଭାବକ ମାନେ ଆଜି ବିଦ୍ୟାଳୟ ଫାଟକ ତାଲା ପକାଇ ଫାଟକ ସମ୍ମୁଖରେ ଦୀର୍ଘ ଦୁଇ ଘଂଟାରୁ ଊର୍ଦ୍ଧ୍ୱ ସମୟ ଧାରଣାରେ ବସିଥିଲେ । ଖବର ପାଇ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ପକ୍ଷରୁ ଏବିଇଓ ବିଦ୍ୟାଧର ମହଳିକ ଧାରଣା ସ୍ଥଳରେ ପହଂଚି ଧାରଣାକାରିଙ୍କୁ ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା । ପରେ ବିଦ୍ୟାଳୟ ସ୍ୱାଭାବିକ ଭାବେ ପାଠ ପଢା ହୋଇଥିଲା ।

ବିଦ୍ୟାଳୟ ହତାରେ ଛାତ୍ରକୁ ମରଣାତ୍ମକ ଆକ୍ରମଣ, ହସ୍ପିଟାଲରେ ଭର୍ତ୍ତି

ବାଲିଆପାଳ, ୦୯/୧୨ (ଆ.ପ୍ର) : ରାଇବଣିଆ ଥାନା ଚମାର ଗାଁ ପଂଚାୟତସ୍ଥିତ ଗୋପୀନାଥ ବିଦ୍ୟାଳୟରେ ଛାତ୍ରଛାତ୍ରଙ୍କ ମଧ୍ୟରେ ମାରପିଟ୍ ହୋଇ ଜଣେ ଦଶମ ଶ୍ରେଣୀ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁସାରେ ସୋମବାର ୩ଟା ବେଳେ ବିଦ୍ୟାଳୟ ଚାଲିଯିବା ବେଳେ, ଆହତ ଛାତ୍ରର ବାପା ପଂଚାନନ ଦେ'ଙ୍କ ବିଷୟରେ କାନ୍ଥରେ ଆପତି ଜନକ ଶବ୍ଦ ଦେଖି ପ୍ରତିବାଦ କରିଥିଲେ । ଫଳରେ ନିକଟରେ ଥିବା ଦୁଇ ସହପାଠୀ ଛାତ୍ର ତାକୁ ନିର୍ଦ୍ଦୟ ମାଡ଼ ମାରିଥିଲେ । ସଂଗେ ସଂଗେ ପରିବାରକୁ ଜଣାଇ ହିନ୍ଦି ଓ କଳା ଶିକ୍ଷକ ଟୋଟ ଯୋଗେ ଜିଜେ ଇଙ୍ଗର ହସ୍ପିଟାଲକୁ ଆଣିଥିଲେ । ଆହତ ଛାତ୍ର ଚିକିତ୍ସାଧୀନ ଥିବା ବେଳେ ସକାଳେ ବିଭିନ୍ନ ପରୀକ୍ଷା ହେବ ବୋଲି ଡାକ୍ତର ସୂଚନା ଦେଇଛନ୍ତି । ପ୍ରକାଶଯୋଗ୍ୟ ଯେ ୨ମାସ ପୂର୍ବେ ସେହି ବିଦ୍ୟାଳୟରେ ଉକ୍ତ ଛାତ୍ରକୁ ମଧ୍ୟ ସହପାଠୀଙ୍କ ଦ୍ୱାରା ଆକ୍ରମଣର ଶିକାର ହୋଇଥିଲେ । ହେ ବିଦ୍ୟାଳୟ କର୍ତ୍ତୃପକ୍ଷ, ପରିଚାଳନା କମିଟି ଓ ଛାତ୍ର ପରିବାରକୁ ବସାଇ ସମାଧାନ ହୋଇଥିଲା । ଟିୟୁସନ ପଢାକୁ ନେଇ ଗଣ୍ଡଗୋଳର ସୂତ୍ରପାତ କଥା ଆସୁଥିବା କୁହାଯାଉଛି । ଉକ୍ତ ବିଦ୍ୟାଳୟରେ ପାଠ ପଢା ସମୟରେ ବାରମ୍ବାର ଛାତ୍ର ଗୋଣ୍ଡଗୋଳକୁ ନେଇ ଅଭିଭାବକ ମହଲରେ ତିବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

ନିମ୍ନମାନର ପାଣି ଟାଙ୍କି ନିର୍ମାଣକୁ ସ୍ଥାନୀୟ ଲୋକଙ୍କ ବିରୋଧ

ବାଲିଆପାଳ, ୦୯/୧୨ (ଆ.ପ୍ର) : ଦୁର୍ନୀତିର ଗନ୍ତାଘର ପାଲଟିଛି ବାଲେଶ୍ୱର ଜିଲ୍ଲାର ବାଲିଆପାଳ ବ୍ଲକ ଜଳ ଯୋଗାଣ ଓ ପରିମଳ ବିଭାଗ । ବିଭାଗୀୟ ଯନ୍ତ୍ରୀ ଆଉ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ନିର୍ମାଣ ହେଉଛି ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ । ବିଭିନ୍ନ ସ୍ଥାନରେ ନିମ୍ନମାନରେ ପାଣି ଟାଙ୍କି ନିର୍ମାଣ ହୋଇଥିବାରୁ ଲୋକେ ଠିକ ଭାବରେ ସ୍ୱଚ୍ଛ ଜଳ ବ୍ୟବହାର କରି ପାରୁ ନାହାନ୍ତି । ସେଥି ପାଇଁ ବାଲିଆପାଳ ବ୍ଲକରେ ଫେଲ ମାରିଥିଲା ପାନୀୟ ଜଳ ଯୋଗାଣ ପ୍ରକଳ୍ପ । ମେଗା ପ୍ରକଳ୍ପ ପାଇଁ ଅସ୍ତି ଗ୍ରାମପଂଚାୟତ ଠାରେ ଏକ କୋଟି କୋଟି ଟଙ୍କାରେ ତିଆରି ହୋଇଥିବା ଓଭର ହେଡ ପାଣି ଟାଙ୍କି ନିମ୍ନମାନର କାମ ଚାଲିଛି । ଅସ୍ତି ପଂଚାୟତର ଡାଲୁଆ ଗ୍ରାମରେ ଜଳ ଯୋଗାଣ ପ୍ରକଳ୍ପର ବିକଳ ଚିତ୍ର । ଓଭରହେଡ ଟାଙ୍କି କାମରେ ନିମ୍ନମାନର ବାଲି, ସିମେଂଟ ଓ ଚିପ୍ସ ବ୍ୟବହାର ହେଉଥିବା ବେଳେ ସଠିକ ଭାଗ ମାପରେ କାମ ହେଉନି ବୋଲି ୱାର୍ଡ ମେମ୍ବର ସହିତ୍ୟ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଠାରେ ଅଭିଯୋଗ କରିଛନ୍ତି । ଅଭିଯୋଗ ପରେବି କାର୍ଯ୍ୟ ସେମିତି ନିମ୍ନ ମାନର ଚାଲିଛି । ତେବେ ପ୍ରଶ୍ନ ଉଠୁଛି କୋଟି କୋଟି ଟଙ୍କାର ପାଣି ଟାଙ୍କି ହୋଇଛି କାହା ସ୍ୱାର୍ଥରେ ? ଟାଙ୍କିର ଏଭଳି ନିମ୍ନମାନର ନିର୍ମାଣ ପାଇଁ ଦାୟୀ କିଏ ? ନିର୍ମାଣ କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ସହ ଠିକାଦାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଗ୍ରାମବାସୀ ଦାବି କରିଛନ୍ତି । ମେଗା ପ୍ରକଳ୍ପ ପାଇଁ ବିଛାଯାଇଥିବା ପାଇପ ଗୁଡିକ ନିୟମ ମୁତାବକ ୩ଫୁଟ ଗଭୀର ତଳେ ପୋତା ନଯାଇ କେଉଁଠାରେ ଏକଫୁଟ ତ ଅନ୍ୟ କେଉଁଠାରେ ୨ ଫୁଟ ଗଭୀର କରି ପାଇପ ଗୁଡାକ ପୋତାଯାଇଅଛି । ପାନୀୟ ଜଳ ଯୋଗାଇବା ପାଇଁ ବିଭିନ୍ନ ଯାଗାରେ ଷ୍ଟାଣ୍ଡ ପୋଷ୍ଟ ନିର୍ମାଣ ପାଇଁ ବ୍ୟବସ୍ଥା ଥିଲେ ବି ସେସବୁ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରାଯାଇନାହିଁ । ଏହି କାର୍ଯ୍ୟରେ ମଧ୍ୟ ମହା ଦୁର୍ନୀତି ହୋଇଛି ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି ।

ଶ୍ରୀ ଶ୍ରୀ ବାଲାଜୀଜୀଉ ଓ ହନୁମାନ ମଠର ନୂତନ ସଦସ୍ୟଙ୍କ ପ୍ରଥମ ବୈଠକ

ନୀଳଗିରି, ୦୯/୧୨ (ଆ.ପ୍ର) : ବହୁ ବାଦବିବାଦ ପରେ ନୀଳଗିରି ଗୁଣ୍ଡିଚାମନ୍ଦିର ସମ୍ମୁଖସ୍ଥ ଶ୍ରୀ ଶ୍ରୀ ବାଲାଜୀ ଜୀଉ ଓ ହନୁମାନ ମଠର ପ୍ରଥମବୈଠକ ମ୍ୟାନେଜିଂ ଟ୍ରଷ୍ଟି ଚନ୍ଦ୍ରଶେଖର ନନ୍ଦଙ୍କ ସଭାପତିତ୍ୱରେ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମନ୍ଦିରର ଦୈନନ୍ଦିନ ନୀତିକାନ୍ତି, ପର୍ବପର୍ବାଣୀ, ମନ୍ଦିରର ସ୍ଥାୟୀ ଓ ଅସ୍ଥାୟୀ ସମ୍ପତି ଆଦି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିବା ବେଳେ ଦୀର୍ଘ ୧୮ମାସର ପୂଜକଙ୍କ ଦରମା ପ୍ରଦାନ କରାଯାଇନଥିବାରୁ ଦରମା ପ୍ରଦାନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ଚହଳିଆ ଉଚ୍ଛେଦ କରିବା ସହିତ ପୂର୍ବରୁ ନିଯୁକ୍ତଥିବା ଚହଳିଆ ପାଉଣା ବାବଦକୁ ୧୭ହଜାର ଟଙ୍କା ତୁରନ୍ତ ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଥିଲା । ମାସିକ ନିତିକାନ୍ତୀ ଖର୍ଚ୍ଚସହ ଅଫିସଗୃହରେ କବାଟ, ଝରକା, ଲାଇଟ୍, ଆସବାବପତ୍ର, ମନ୍ଦିରବେଢ଼ା ନିର୍ମାଣ ଆଦି ବିଭିନ୍ନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । ଏହି ବୈଠକରେ ଏନଏସି ନିର୍ବାହୀଅଧିକାରୀ ଅଂଶୁମାନ ପରିଡା, ପତ୍ରକାର ଧୀରେନ୍ଦ୍ର ନାୟକ, ଆଇନଜୀବୀ କିଶୋର କୁମାର ଦାସ, ସମାଜସେବୀ ଜଗବନ୍ଧୁ ମୁନି, ସୋମନାଥ ସେଠୀ, ପ୍ରତାପ ସେଠୀ ପ୍ରମୁଖ ୭ଜଣ ନୂତନ ସଦସ୍ୟ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ବାଲେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ପାଳିତ ହେଲା ବାର୍ଷିକ କ୍ରୀଡ଼ା ଉତ୍ସବ

ବାଲେଶ୍ୱର, ୦୯/୧୨ (ଆ.ପ୍ର) : ଶୋଭାରାମପୁର ସ୍ଥିତ ବାଲେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ସମ୍ପ୍ରତି ମହା ସମାରୋହରେ ପାଳିତ ହୋଇ ଯାଇଛି । ଉଦଘାଟନୀ ଉତ୍ସବରେ ଅଧ୍ୟକ୍ଷ ଅନ୍ନଦା ପ୍ରସାଦ ଜେନା ସଭାପତିତ୍ୱ କରିଥିବା ବେଳେ ଶୋଭାରାମପୁରର କାଉନସିଲର୍ ନିରୁପମା ଦାସ ମୁଖ୍ୟ ଅତିଥି ଓ ବିଧାୟକଙ୍କ ପ୍ରତିନିଧି ସୀତାକାନ୍ତ ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରି କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ । ଛାତ୍ରଛାତ୍ରୀମାନେ ପ୍ରବଳ ଉତ୍ସାହର ସହ ସମସ୍ତ ବିଭାଗରେ ଅଂଶ ଗ୍ରହଣ କରି ପ୍ରତିଯୋଗିତାରେ ଭାଗ ନେଇ ଥିଲେ । ଉଦଯାପନୀ ଉତ୍ସବ ଅଧ୍ୟକ୍ଷ ଅନ୍ନଦା ପ୍ରସାଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅବସରପ୍ରାପ୍ତ ଫ୍ଲାଇଙ୍ଗ୍ ଅଫିସର୍ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଓ ସାଂସଦଙ୍କ ପ୍ରତିନିଧି ଚିତ ରଞ୍ଜନ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଜୀବନରେ କ୍ରୀଡାର ଉପଯୋଗୀତା ଓ ଶୃଙ୍ଖଳିତ ଜୀବନର ମାହାତ୍ମ୍ୟ ବିଷୟରେ ପିଲାମାନଙ୍କୁ ଉଦବୋଧନ ଦେଇଥିଲେ । ରାଜର୍ଷି ଦାସ ଓ ସୁଶାନ୍ତ ନାୟକ ମୁଖ୍ୟତଃ କ୍ରୀଡା ପରିଚାଳନାର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅଧ୍ୟାପକ ରତ୍ନାକର ମହାପାତ୍ର ଓ ଚକ୍ରଧର ମହାପାତ୍ର ମଂଚ ପରିଚାଳନାରେ ସହଯୋଗ କରିଥିଲେ । କ୍ରୀଡା ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ସୌମ୍ୟରଞ୍ଜନ ପ୍ରଧାନ, ଦେବଯାନୀ ଦାସ, କମଳାକାନ୍ତ ପରିଡ଼ା, ରବୀନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ସାହୁ, ଅର୍ପିତା ନାୟକ, ବନିତା ମିଶ୍ର, ରଜ କିଶୋର ଭୋଇ, ପୁରୁଷୋତ୍ତମ ମୁଣ୍ଡ, ରବୀନ୍ଦ୍ର ସ୍ୱାଇଁ । ଉଦଯାପନୀ ଉତ୍ସବରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ମାନପତ୍ର ବିତରଣ କରାଯିବା ସହ ବାଳକ ବିଭାଗରେ ଦେବେନ୍ଦ୍ର ସିଂ ଓ ବାଳିକା ବିଭାଗରେ ମନିଷା ମୁର୍ମୁଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇଥିଲା ।

ବାଲେଶ୍ୱରରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟିର ଶତବାର୍ଷିକ ପାଳନ ପାଇଁ ଅଭ୍ୟର୍ଥନା କମିଟି ବୈଠକ

ବାଲେଶ୍ୱର, ୦୯/୧୨ (ଆ.ପ୍ର) : ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର ଶତବାର୍ଷିକ ଆସନ୍ତା ୧୮ ତାରିଖ ଦିନ ବାଲେଶ୍ୱର ସହରସ୍ଥିତ ଗାନ୍ଧିସ୍ମୃତି ଭବନରେ ପାଳନ ପାଇଁ ବ୍ୟାପକ ପ୍ରସ୍ତୁତି କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ବାଲେଶ୍ୱର, ମୟୁରଭଂଜ ଓ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ମିଳିତ ଭାବେ ଶତବାର୍ଷିକ ସମାରୋହ ଅନୁଷ୍ଠିତ ହେବ । ମଙ୍ଗଳବାର ଦିନ ପୂର୍ବାହ୍ନରେ ଉଠାକଳ ସେଚନ କର୍ମଚାରୀ ଭବନରେ ଏଥିପାଇଁ ଗଠିତ ଅଭ୍ୟର୍ଥନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅଭ୍ୟର୍ଥନା କମିଟିର ସାଧାରଣ ସଂପାଦକ ତଥା ପାର୍ଟିର ବାଲେଶ୍ୱର ଜିଲ୍ଲା ସଂପାଦକ ଭାଗବତ ପ୍ରତିହାରୀ, ମୟୁରଭଂଜ ଜିଲ୍ଲା ସଂପାଦକ ଜଗବନ୍ଧୁ ମିଶ୍ର ଓ ଭଦ୍ରକ ଜିଲ୍ଲା ସଂପାଦକ ଶୁଭେନ୍ଦୁ ପ୍ରତାପ ମହାନ୍ତି ନିଜ ଜିଲ୍ଲାସ୍ତରରେ ପ୍ରସ୍ତୁତି ସଂପର୍କରେ ଗୃହୀତ କାର୍ଯ୍ୟପନ୍ଥାର ସୂଚନା ପ୍ରଦାନ କରିଥିଲେ । ଆସନ୍ତା ଶତବାର୍ଷିକ ସମାରୋହ ଅବସରରେ ବାଲେଶ୍ୱର ସହରରେ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରା ଓ ମଧ୍ୟାହ୍ନରେ ସାଧାରଣ ସଭା ଅନୁଷ୍ଠିତ ହେବ । ଗତ ଶହେବର୍ଷରେ ପରାଧୀନ ଭାରତ ଓ ସ୍ୱାଧୀନ ଭାରତରେ ଆମ ରାଜ୍ୟରେ କମ୍ୟୁନିଷ୍ଟ ପାର୍ଟିର ଗୌରବମୟ ସଂଗ୍ରାମର ଇତିହାସ ସମ୍ବଳିତ ଏକ ସ୍ମରଣିକା ପ୍ରକାଶ ପାଇବ । ତିନୋଟି ଜିଲ୍ଲାର ପାର୍ଟିର ବର୍ଷିୟାନ୍ ଶତାଧିକ ବରିଷ୍ଠ ସାଥୀଙ୍କୁ ସଭାମଞ୍ଚରେ ଅଭିନନ୍ଦିତ କରାଯିବାର ଖସଡ଼ା ପ୍ରସ୍ତୁତ ହୋଇଛି । ରାଜ୍ୟ ସଂପାଦକ ଡା ପ୍ରଶାନ୍ତ ମିଶ୍ର ଓ ସହ ସଂପାଦକ ଜୟନ୍ତ ଦାସ ବୈଠକରେ ଯୋଗଦେଇ ସମାରୋହ ପ୍ରସ୍ତୁତିର ସମୀକ୍ଷା କରିବା ସହ ବହୁ ମୂଲ୍ୟବାନ ପରାମର୍ଶ ଦେଇଥିଲେ । ଉପରୋକ୍ତ ତିନୋଟି ଜିଲ୍ଲାର ପାର୍ଟିର ସାଥୀ ଓ ସମର୍ଥକମାନେ ଶତବାର୍ଷିକୀ ସମାରୋହର ସଫଳତା ପାଇଁ ସହଯୋଗ କରିବାକୁ ବୈଠକରେ ଅନୁରୋଧ କରାଯାଇଛି । ଆଲୋଚନାରେ ଅଂଶଗ୍ରହଣ କରି ନିରଞ୍ଜନ ବାରିକ, ଅନାମ ପ୍ରସାଦ ବାରିକ, ବନ୍ଦନା ବିଶ୍ୱାସ, ପ୍ରଭାତ ମିଶ୍ର, ଶଶୀକାନ୍ତ ପଣ୍ଡା, ଆଶୁତୋଷ ପରିଡ଼ା, ଆଲୋକ ଦାସ, ଜତିନ୍ ପାତ୍ର, ବିଜୟ କୁମାରସ, ମନୋରଞ୍ଜନ ରାଉତ, ନିରଞ୍ଜନ ଦାସ ଓ ସୁରେନ୍ଦ୍ର ବେହେରା ପ୍ରମୁଖ ନିଜସ୍ୱ ଅଞ୍ଚଳରେ ଶତବାର୍ଷିକର ସଫଳତା ପାଇଁ ପ୍ରସ୍ତୁତି ସଂପର୍କରେ ଜଣାଇଥିଲେ । କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ଡ୍ରେନରେ ହୋମପାଇପ୍ ପକାଇ ଠିକାଦାର ସରକାରୀ ଟଙ୍କାଲୁଟ ଅଭିଯୋଗ

ନୀଳଗିରି, ୦୯/୧୨ (ଆ.ପ୍ର) : ନୀଳଗିରି ବ୍ଲକରେ ଯୋଜନାର ବିକଳଚିତ୍ର । ସରକାରୀ ଅର୍ଥକୁ ଲୁଟି ଖାଇବାର ନୂଆ ଫର୍ମୁଲା । ଗୋଟିଏ କାମକୁ ଦୁଇଗୋଷ୍ଠୀ ଛକାପଞ୍ଝା ମଧ୍ୟରେ କାର୍ଯ୍ୟକରିବାର ଅଭିଳାଷା ଶେଷରେ ସରକାରୀ ଅର୍ଥର ଦୁରୁପଯୋଗ ହେବାକୁ ବସିଛି । ଏଭଳି ଏକ ସଙ୍ଗୀନ ଅଭିଯୋଗ ଆସିଛି ଜାମୁଡିହା ପଂଚାୟତ ମଲ୍ୟାଣୀ ଗ୍ରାମରେ । ପୋଡାଶୂଳ ଛକରୁ ମଲ୍ୟାଣୀକୁ ସଂଯୋଗ କରୁଥିବା ଆରଡି ରାସ୍ତାର ବିଶ୍ୱମାତା ଠାକୁରାଣୀ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର କଲଭର୍ଟ ନିର୍ମାଣପାଇଁ ୨୦୨୫/୨୬ଆର୍ଥିକବର୍ଷ ପ୍ରଥମପର୍ଯ୍ୟାୟରେ ୩ଲକ୍ଷ ଟଙ୍କା ବିଭାଗୀୟ ଯନ୍ତ୍ରୀ ବୈଦ୍ୟନାଥ ସିଂଙ୍କ ନାମରେ କାର୍ଯ୍ୟାଦେଶ ହୋଇଥିଲା । ଏଥିପାଇଁ ଠିକାଦାର ନିଯୁକ୍ତି କରାଯାଇ ଉକ୍ତରାସ୍ତାର ଆର.ଡି ରୋଡରୁ ସଂଯୋଗ କରୁଥିବା ରାସ୍ତାର ପ୍ରଥମମୁଣ୍ଡରୁ ଦୁଇଟି ହୋମପାଇପ ପକାଯାଇ ପୋଲନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି । ମାତ୍ର ଉକ୍ତ ସ୍ଥାନରେ ଦୁଇଦୁଇଟି ନାମଫଳକ ନିର୍ମାଣ କରାଯାଇଥିବାରୁ ସନ୍ଦେହ ପ୍ରକାଶ ପାଇଛି । ତେବେ ଉକ୍ତ ରାସ୍ତାକଡ଼ ଦେଇ ଯାଇଥିବା ପାଣିନାଳ ପ୍ରାୟ ୧୦୦ମିଟର ଦୂରରେ ପୁଣି ଦୁଇଟି ନାମଫଳକ ଥାଇ ଗୋଟିଏ ସ୍ଥାନରେ ପାଣି ନାଳ ମଧ୍ୟରେ ଜଳର ଗତିସ୍ରୋତରେ ୨ଟି ହୋମପାଇପ୍ ପକାଯାଇ ନିର୍ମାଣ ଚାଲିଥିବା ଦେଖିବାକୁ ମିଳିଛି । ଅନୁରୂପ ଭାବେ ନିର୍ମାଣହୋଇଥିବା ସ୍ଥାନର ପ୍ରାୟ ୧୫ଫୁଟ ଉପରେ ପାଣି ନାଳ ମଧ୍ୟରେ ଖୋଳାଯାଇଥିବା ଦେଖିବାକୁ ମିଳିଛି । ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଆଉ ୩ଲକ୍ଷ ଅନୁଦାନରେ ଏହି ନିର୍ମାଣ କରାଯାଇଥିବା ଯନ୍ତ୍ରୀ ସୂଚନା ଦେଇଛନ୍ତି । ତେବେ ପ୍ରକୃତରେ ପାଣି ନାଳ ମଧ୍ୟରେ ଏଭଳି ପାଇପ ପକାଇବାକୁ ସହଜରେ ଗ୍ରହଣ କରିପାରିନାହାନ୍ତି ଅଂଚଳବାସୀ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ନିର୍ମାଣକାମ ଚାଲିଥିବା ବେଳେ ଯନ୍ତ୍ରୀଙ୍କ ଅନୁପସ୍ଥିତି ଏବଂ ନିମ୍ନମାନର ବାଲି, ସିମେଂଟ, ଚିପ୍ସ ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି । ବାଲେଶ୍ୱର ଜିଲ୍ଲାପାଳ ଏହାର ବିଧିବଦ୍ଧ ତଦନ୍ତକରି ସରକାରୀ ଅର୍ଥର ଅପବ୍ୟବହାର ଏବଂ ଏଥିରେ ସମ୍ପୃକ୍ତ ଦୋଷୀଙ୍କୁ ଚିହ୍ନଟକରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଅଂଚଳବାସୀଙ୍କ ତରଫରୁ ଦାବୀ ହୋଇଛି ।

ନକଲି ସୁନାବିସ୍କୁଟ ତସ୍କରୀର ଗୁମରଖୋଲିଲା ନୀଳଗିରି ପୋଲିସ

ନୀଳଗିରି, ୦୯/୧୨ (ଆ.ପ୍ର) : କମ୍ ସମୟରେ ଲକ୍ଷପତି-କୋଟିପତି ହେବାର ନିଶାରେ ନକଲି ହନୁମାନପଇସା, ସୁନାବିସ୍କୁଟ, ହାତୀଦାନ୍ତ ଚୋରାଚାଲାଣ ଆଦି ବିଭିନ୍ନ ଅନୈତିକ କାର୍ଯ୍ୟକଳାପରେ ଲିପ୍ତ କିଛି ଅସାମାଜିକ ଯୁବକଙ୍କ ପାଇଁ ନୀଳଗିରି ଏବେ ନିନ୍ଦିତ । ଏଭଳି ଘଟଣା ବାରମ୍ବାର ଘଟୁଥିବା ବେଳେ କିଛି ପରିମାଣରେ ପୋଲିସକୁ ସଫଳତା ମିଳିଛି । କିଛିଦିନ ପୂର୍ବରୁ ବରହମପୁର ଥାନା ଅଂଚଳରେ ନକଲି ସୁନାବିସ୍କୁଟ ଦେଖାଇ ଏକ ଠକଗ୍ୟାଙ୍ଗ ଜୈନିକ ବ୍ୟକ୍ତିଙ୍କ ଠାରୁ ପ୍ରାୟ ୩୦ଲକ୍ଷ ଟଙ୍କା ଲୁଟ୍ କରିନେଇଥିବା ବେଳେ ନୀଳଗିରି ଅଂଚଳରେ ପୁନର୍ବାର ସେଭଳି ଘଟଣାର ପୁନରାବୃତି ଘଟିଥିବା ଦେଖିବାକୁ ମିଳିଛି । ପୁରୀ ଜିଲ୍ଲା ବ୍ରହ୍ମଗିରି ଥାନା ଡିମିରିସେଣା ଗ୍ରାମର ଶିକ୍ଷକ ସଂଗ୍ରାମ କିଶୋର ବେହେରା ଗତ ଡିସେମ୍ବର ୭ତାରିଖ ନୀଳଗିରି ଅଂଚଳର କିଛି ଯୁବକ ସୁନାବିସ୍କୁଟ ଦେବା ନାମରେ ୪ଲକ୍ଷ ଟଙ୍କା ଲୁଟିନେଇଥିବା ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଘଟଣାକୁ ଗୁରୁତ୍ୱଦେଇ ନୀଳଗିରି ପୋଲିସ ମୁଖ୍ୟଅଭିଯୁକ୍ତ ନୀଳଗିରି ଥାନା ତଣକା ଗ୍ରାମର ମହେଶ୍ୱର ମଲ୍ଲିକ ଏବଂ ମାନଗଡ ଗ୍ରାମର ଭୁଗୁଲା ମାଝୀଙ୍କୁ ଗିରଫ କରିବାସହିତ ସୋରଥାନା ମଙ୍ଗଳପୁର ଅଂଚଳର ବାପି ଓରଫ ଜୟନ୍ତ ଜେନା ଓ ମଣିପୁର ଗ୍ରାମର ପପୁ ମଲ୍ଲିକ, ରେମୁଣା ଥାନା ଅନ୍ତର୍ଗତ ବଡ଼ୁଆଁ ଗ୍ରାମର ଦୁଇଭାଇ ସୁଶାନ୍ତ ମଲ୍ଲିକ ଏବଂ ଜୟନ୍ତ କୁମାର ମଲ୍ଲିକ ଆଦି ୬ଜଣ ଠକକୁ ଗିରଫ କରିଥିବା ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ ସୂଚନା ଦେଇଛନ୍ତି । ସେମାନଙ୍କ ନିକଟରୁ ନଗଦ ୩ଲକ୍ଷ ୨୯ହଜାର ୫ଶହ ଟଙ୍କା, ଦୁଇଟି ମଟରସାଇକେଲ ଓ ୬ଟି ମୋବାଇଲ ଜବତ କରିଛି । ଅଭିଯୁକ୍ତ ମାନେ ଅତିଚତୁରତାର ସହିତ ନକଲି ସୁନାପ୍ଲେଟ ଭିତରେ ଅସଲି ସୁନାଗୁଣ୍ଡ ଭର୍ତିକରି ଡ୍ରିଲ ସାହାଯ୍ୟରେ ଉକ୍ତ ସୁନାଗୁଣ୍ଡକୁ ବାହାରକରି ଗ୍ରାହକଙ୍କ ବିଶ୍ୱାସ ଜନ୍ମାଇବା ଏବଂ ନକଲି ପୋଲିସ ସାଜି ସେମାନଙ୍କୁ ଧମକାଇ, ଡରାଇ ଲକ୍ଷାଧିକ ଟଙ୍କା ଛଡାଇନେବାରେ ସଫଳ ହୋଇଥିଲେ । ତେବେ ଉକ୍ତ ଘଟଣାରେ ସମ୍ପୃକ୍ତ ଶିକ୍ଷକଙ୍କ ଭୂମିକାକୁ ମଧ୍ୟ ଗୁରୁତ୍ୱଦେଇ ତାଙ୍କୁ ତଦନ୍ତଭୁକ୍ତ କରାଯିବାର ଆବଶ୍ୟକତା ରହିଛି । କ୍ୟାରେଟ ପିଛା ୫୦ହଜାର ଟଙ୍କାରେ ସୁନା କିଣିବାର ଲୋଭ, ଏବଂ ଟ୍ୟାକ୍ସ ଫାଙ୍କି ଅଳ୍ପଦାମରେ ସୁନାକିଣିବା ପଛରେ ଜଣେ ସରକାରୀ ଚାକିରିଆଙ୍କ ଏଭଳି କୁତ୍ସିତ ମନୋଭାବ ପାଇଁ ମହଗରୁ ଯାଇ କାନ୍ଦାରରେ ପଡ଼ିବା ଭଳି ଅଭାବନୀୟ ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଛି । ତେବେ ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ନୀଳଗିରି ଅଂଚଳରେ ଏଭଳି ବହୁ ଅପରାଧିକ ମାମଲାରେ ସଂପୃକ୍ତ ଅପରାଧୀଙ୍କୁ କାବୁକରିବାରେ ସଫଳ ହୋଇଥିବା ଦେଖିବାକୁ ମିଳିଥିବା ବେଳେ ଅପରାଧୀ ମଧ୍ୟ ପୋଲିସକୁ ଚକମାଦେଇ ବାରମ୍ବାର ଚୋରୀ, ରାହାଜାନୀ, ଲୁଟତରାଜ୍, ଠକାମି ଆଦି ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ କରିବାରେ ସଫଳ ହେଉଥିବାରୁ ନୀଳଗିରି ଭଳି ଶାନ୍ତିପ୍ରିୟ ଅଂଚଳରେ ।

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ
କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ



ସମ୍ପାଦକୀୟ...

ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର ଆତ୍ମହତ୍ୟାର କାରଣ

ଯେଉଁ ପିଲାମାନେ ଅଧିକ ସମୟ ସ୍ମାର୍ଟ ଫୋନ ବ୍ୟବହାର କରନ୍ତି ସେମାନଙ୍କ ଠାରେ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଏ । ଅଧିକ ସମୟ ଟିଭି ଦେଖିବା କିମ୍ବା ସ୍ମାର୍ଟଫୋନରେ ବ୍ୟସ୍ତ ରହିବା ଦ୍ୱାରା ମାନସିକ ଚାପ ଓ ଆତ୍ମହତ୍ୟା ପ୍ରବଣତା ବୃଦ୍ଧି ପାଏ । ଏସବୁ କାରଣ ପାଇଁ ସୃଷ୍ଟି ହେଉଥିବା ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଅତ୍ୟନ୍ତ ଗୁରୁତର । ତେବେ ପିଲାଙ୍କ ଏହି ଅଭ୍ୟାସକୁ ମାତାପିତା ଦୂର କରିବା ଉଚିତ ବୋଲି ସେ ପରାମର୍ଶ ଦେଇଛନ୍ତି । ଏହି ଗବେଷଣାତ୍ମକ ତଥ୍ୟ ଉଲ୍ଲେଖ କରିଛି ଯେ ଯେଉଁ ପିଲାମାନେ ଅଧିକ ସମୟ ଟିଭି ଓ ସ୍ମାର୍ଟଫୋନ ଭଳି ସ୍କ୍ରିନରେ ବ୍ୟସ୍ତ ରୁହନ୍ତି ସେମାନେ ଅସୁଖୀ ହେବା ସମ୍ଭାବନା ଅଧିକ ଏବଂ ଯେଉଁମାନେ ଖେଳ କସରତ, ବନ୍ଧୁଙ୍କ ସହ ସୁଖଦୁଃଖ, ଘର କାମ କରିବା, ଧର୍ମପାଠ ଯିବା ଭଳି କାର୍ଯ୍ୟରେ ମନୋନିବେଶ କରନ୍ତି ସେମାନେ ସୁଖୀ ରହିବା ସମ୍ଭାବନା ଅଧିକ । କମ୍ ବୟସରୁ ହିଁ ମାନସିକ ଚାପ କିଶୋର ମାନଙ୍କୁ ଅସ୍ତବ୍ୟସ୍ତ କରୁଛି । ଏହି ଚାପରେ ଦଳିମକ୍ଚି ହୋଇଯାଉଛି କିଶୋର ଜୀବନର ଛୋଟ ଛୋଟ ସ୍ୱପ୍ନ । ଭାରତର ବିଶାଳ ଗଣତାନ୍ତ୍ରିକ ବ୍ୟବସ୍ଥାରେ ଯୁବପିଢ଼ି ହେଉଛନ୍ତି ଆଗାମୀ କାଲିର ସ୍ୱପ୍ନ । ଭାରତର ଭବିଷ୍ୟତ ମଧ୍ୟ ନିଶ୍ଚିତ ଭାବରେ ଉଜ୍ଜ୍ୱଳ କିନ୍ତୁ ଦୁଃଖଦ ସ୍ଥିତି ହେଉଛି ଏହା ଯେ ଭାରତର ଅଧିକାଂଶ ଯୁବବର୍ଗ ବିଭିନ୍ନ କାରଣରୁ ନୈରାଶ୍ୟର ଶୀକାର ହୋଇ ଜୀବନକୁ ହାରୁଛନ୍ତି । କିଶୋର ମାନଙ୍କ ଭିତରେ ଆତ୍ମହତ୍ୟା ପ୍ରବଣତା ବଢ଼ିବାର ବିଭିନ୍ନ କାରଣ ରହିଛି । ପ୍ରଥମତଃ ହେଉଛି ସେମାନଙ୍କ ଭିତରେ ମାନସିକ ଚାପ ବଢ଼ୁଛି । ସଂପ୍ରତି ଦେଖାଯାଉଛି କେବଳ ଶିକ୍ଷକ ଶିକ୍ଷୟିତ୍ରୀ ନୁହେଁ ଅଭିଭାବକମାନେ ପିଲାର ବୌଦ୍ଧିକ ସାମର୍ଥ୍ୟ ଠାରୁ ଅଧିକ ପାଇବାର ଆଶା ରଖି ତା ଉପରେ ଏକ ପ୍ରକାର ମାନସିକ ଚାପ ସୃଷ୍ଟି କରୁଛନ୍ତି । ତେବେ ଯେଉଁମାନେ ଏଥିରେ ବିଫଳ ହୁଅନ୍ତି ସେମାନେ ନିଜକୁ ଅପରାଗ ଓ ଅନ୍ୟମାନଙ୍କ ଠାରୁ ହୀନମନ୍ୟ ଭାବି ଆତ୍ମହତ୍ୟା ପାଇଁ ଦୁଃଖଦ ରାସ୍ତାକୁ ବାଛି ନେଇଥାନ୍ତି । ସେହିପରି କେତେକ କ୍ଷେତ୍ରରେ ମନ ପସନ୍ଦର ପାଠପଢ଼ା ବା କ୍ୟାରିୟର ଗଠନର ସ୍ୱାଧୀନତା ନପାଇବାରୁ ପିଲାମାନେ ମୃତ୍ୟୁପରି ଭୟଙ୍କର ନିଷ୍ପତ୍ତି ନେଇଥାନ୍ତି । ସେହିପରି ଅନ୍ୟତମ ବଡ଼ କାରଣ ହେଉଛି ପାରିବାରିକ ସମସ୍ୟା । ବର୍ତ୍ତମାନ ଅଧିକାଂଶ ପରିବାରରେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ ବିଭିନ୍ନ କାରଣରୁ ଘରେ ମାନସିକ ଅଶାନ୍ତି ଓ ଝଗଡ଼ା ଲାଗି ରହୁଥିବାରୁ ପିଲାମାନେ ଏକ୍ଷେତ୍ରରେ ବାପମାଙ୍କ ଠାରୁ ସ୍ନେହଶ୍ରଦ୍ଧା କମ୍ ପାଇ ମାନସିକ ଭାବରେ ଏକୁଟିଆ ଅନୁଭବ କରି ଦୀର୍ଘ ସମୟ ଧରି ଚୁପ୍‌ଚାପ ବସି ରହନ୍ତି । କେତେକ ପିଲା ଏହି ଭାରସାମ୍ୟ ହରାଇ ଜୀବନ ହାରି ଦେବାକୁ ଉଚିତ ମନେକରି ଏକ ନିଷ୍ଠୁର ନିଷ୍ପତ୍ତି ନେଇଥାନ୍ତି ଯଦିଓ ନିଷ୍ପତ୍ତି ତାଙ୍କ ପାଇଁ କେତେ କଷ୍ଟକର ତାହା ସେମାନେ ଭାବି ନଥାନ୍ତି । ଏହି ହିତାୟତ ଜ୍ଞାନ ଭୁଲିବା ସେମାନଙ୍କୁ ମୃତ୍ୟୁର ବାଟ ଦେଖାଇଥାଏ । ଜଣେ ନିଃସଙ୍ଗ ରହିବା, ଏପରିକି ପରିବାରବର୍ଗ ବା କାହା ସହିତ ବୁଲେଇ କେହି ରହୁଥିଲେ ପିଲାଟି ମାନସିକସ୍ତରରେ ଚାପଗ୍ରସ୍ତ ଅଛନ୍ତି ବୋଲି ବୁଝନ୍ତି । ସେହିପରି ସାଧାରଣ ଜୀବନରେ ହଠାତ୍ କିଛି ପରିବର୍ତ୍ତନ ଆସିବା ଆତ୍ମହତ୍ୟା ମନୋବୃତ୍ତି ସୃଷ୍ଟିର ଆଶଙ୍କାକୁ ବଢ଼ାଇଥାଏ । ସେହିପରି କେହି କେହି ଆତ୍ମହତ୍ୟା କରିବି ବୋଲି ଖୋଲାଖୋଲି ଭାବେ ମଧ୍ୟ କହିଥାନ୍ତି । ତେବେ ଏ କ୍ଷେତ୍ରରେ ପରିବାର ବର୍ଗ ଓ ବନ୍ଧୁପରିଜନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ । ଏ କ୍ଷେତ୍ରରେ ପିଲାଟିକୁ ମାନସିକ ଭାବରେ ଓ ନୈତିକ ସ୍ତରରେ ଧୈର୍ଯ୍ୟ, ସାହାସ ଓ ଦୃଢ଼ ମନୋବଳର ପ୍ରେରଣା ଦିଅନ୍ତୁ । କୌଣସି ପରିସ୍ଥିତିରେ ତାକୁ ନିଃସଙ୍ଗତାର ଅନୁଭବ କରିବାକୁ ଦିଅନ୍ତୁନାହିଁ । ବରଂ ଭଲ ହେବ ପିଲାଟିକୁ କୌଣସି ପ୍ରକାର ଆଧ୍ୟାତ୍ମିକ ରାସ୍ତାର ବାଟ ଦେଖାଇବା । ନିଜର ବ୍ୟସ୍ତବହୁଳ ସମୟରୁ କିଛି କାଢ଼ି ପିଲାଟି ସହିତ ମନଖୋଲା କଥା ହୁଅନ୍ତୁ । କୌଣସି ଦର୍ଶନୀୟ ସ୍ଥାନ, ପ୍ରାକୃତିକ ପରିବେଶ ବା ପିଲାଟିର ସ୍ମୃତି ରହିଥିବା ଜାଗାକୁ ତାକୁ ବୁଲାଇ ନିଅନ୍ତୁ । ମଠ, ମନ୍ଦିର ଯିବାକୁ ଇଚ୍ଛା କରୁଥିଲେ ତ ଖୁବ୍ ଭଲ । ତେବେ ଏ ସବୁ କ୍ଷେତ୍ରରେ ମାନସିକ ରୋଗ ବିଶେଷଜ୍ଞଙ୍କ ପରାମର୍ଶ ଅତ୍ୟନ୍ତ ଜରୁରୀ । କାହା କଥାରେ ଶୁଣି କୌଣସି ଇଆଡୁ ସିଆଡୁ ନିଦ ବଟିକା ପିଲାଟିକୁ ଦିଅନ୍ତୁ ନାହିଁ ବା ଡାକ୍ତରୀ ଚିକିତ୍ସା ନକରି ଗୁଣୀଗାରେଡ଼ି ଝଡ଼ାଫୁଙ୍କା ଚିକିତ୍ସାକୁ ବିଶ୍ୱାସ କରନ୍ତୁ ନାହିଁ । ଧୈର୍ଯ୍ୟହରା ନ ହୋଇ ନିୟମିତ ଡାକ୍ତରୀ ପରାମର୍ଶ ନେଇ ପିଲାମାନଙ୍କୁ ଭଲ ରାସ୍ତା ଦେଖାଇଲେ ଦେଖିବେ ଏହି ସୁଇସାଇଡ଼ର ମାତ୍ରା ନିଶ୍ଚିତ ଭାବରେ କମିଯିବ ।

ସାଧନା

।। ଅଲେଖ ଚନ୍ଦ୍ର ସାମଲ ।।

ପୂର୍ଣ୍ଣଜ୍ଞାତସାରରେ ବିଧିବଦ୍ଧ ଭାବରେ ଆଧ୍ୟାତ୍ମିକ ଜୀବନ ଅତିବାହିତ କରିବାକୁ ସାଧନା କୁହାଯାଏ । ସାଧନା ଉଦ୍ଦେଶ୍ୟରେ ହିଁ ଆମେ ଏଠାକୁ ଆସିଥାଇଁ । ଅଭ୍ୟାସ ଓ ସାଧନା - ଏ ଦୁଇଟି ଏକାର୍ଥ ଶବ୍ଦ । ଜୀବନକୁ କ୍ଷୁଦ୍ର ସଂକୀର୍ଣ୍ଣ କରି ବାନ୍ଧି ରଖି ବା ବନ୍ଧନରୁ ମୁକ୍ତ କରିଦେବା ହିଁ ସାଧନାର ଲକ୍ଷ୍ୟ । ସାଧନା ଏକ ଆଜୀବନ ପ୍ରକ୍ରିୟା । ଜୀବନର ପ୍ରତ୍ୟେକଟି ଦିନ, ପ୍ରତ୍ୟେକଟି ଘଂଟା, ପ୍ରତ୍ୟେକଟି ମିନିଟ ହେଉଛି କିଛି କିଛି ଅଗ୍ରଗତି ସୂଚକ । ଏହି ସୁଦୀର୍ଘ ଯାତ୍ରା ପଥରେ ପ୍ରତିବନ୍ଧକର ସଂଖ୍ୟା ଅଗଣିତ । କିନ୍ତୁ ଯେତେ ଦିନ ପର୍ଯ୍ୟନ୍ତ ଆପଣ ଈଶ୍ୱରଙ୍କୁ ପଥପ୍ରଦର୍ଶକ ରୂପରେ ଗ୍ରହଣ କରିଛନ୍ତି, ସେତେ ଦିନ ପର୍ଯ୍ୟନ୍ତ ଚିନ୍ତିତଶଙ୍କିତ ହେବାର କିଛି ନାହିଁ । ଆପଣ ଯେ ନିଶ୍ଚିତ ଭାବରେ ଆଉକୂଳର ଲକ୍ଷ୍ୟ ସ୍ଥଳରେ ପହଂଚି ଯିବେ, ସେଥିରେ ସନ୍ଦେହ ନାହିଁ । କେତେକ ଲୋକ ଆଧ୍ୟାତ୍ମିକ ମାର୍ଗ ବିଷୟ ଜାଣିବାକୁ କେବଳ କୌତୁହଳ ପ୍ରଦର୍ଶନ କରିଥାନ୍ତି । ସେମାନଙ୍କ ଠାରେ ମୁମୁକ୍ଷା ନଥାଏ । ସେମାନେ ଭାବନ୍ତି, ଯଦି କିଛି ଯୌଗିକ କ୍ରିୟା କରିଦେବେ, ତେବେ ନିଶ୍ଚିତ ଭାବରେ କିଛି ସିଦ୍ଧି ବା ଶକ୍ତି ମିଳିଯିବ କିନ୍ତୁ ପ୍ରକୃତ କ୍ଷେତ୍ରରେ ଯଦି ସେପରି କିଛି ଶକ୍ତି ନ ମିଳିଲା, ତେବେ ସେମାନଙ୍କର ଧୈର୍ଯ୍ୟ ଭାଙ୍ଗିଯାଏ, ସେମାନେ ସାଧନାର ଜଳାଞ୍ଜଳି ଦେଇ ଆଧ୍ୟାତ୍ମିକ ପଥ ପରିତ୍ୟାଗ କରନ୍ତି ଏବଂ ଯୋଗ ଓ ଯୋଗୀମାନଙ୍କୁ ପରିହାସ କରନ୍ତି । କିନ୍ତୁ ଜାଣି ରଖନ୍ତୁ, କେବଳ କୌତୁହଳ କୌଣସି ଆଧ୍ୟାତ୍ମିକ ପ୍ରଗତିଲାଭରେ ସହାୟକ ହେବନାହିଁ । କୌତୁହଳଜାତର ନଷ୍ଟାଚାର ଅପେକ୍ଷା ଅଧିକ ଘୃଣ୍ୟ । ତେଣୁ ନିଜର ଚିନ୍ତାଧାରା ପରୀକ୍ଷା କରି ଦେଖନ୍ତୁ । ଆପଣଙ୍କର ଆଧ୍ୟାତ୍ମିକ ତୃଷ୍ଣା ରହିଛି, ନା କେବଳ କୌତୁହଳ ରହିଛି ? ନିଜର ମନୋଭାବ ପରୀକ୍ଷାକରି ତାହା ଜାଣି ନିଅନ୍ତୁ । ତା'ପରେ ନିତ୍ୟ ସତସଙ୍ଗ କରି, ନିତ୍ୟ ଧର୍ମଗ୍ରନ୍ଥ ପାଠ କରି, ନିତ୍ୟ ପ୍ରାର୍ଥନା, ଜପ ଓ ଧ୍ୟାନ କରି କୌତୁହଳ ପ୍ରବଣତାକୁ ମୁମୁକ୍ଷାରେ ପରିବର୍ତ୍ତିତ କରିଦିଅନ୍ତୁ । ନିଜର ସାଧନାରେ ଆପଣଙ୍କ ଶ୍ରଦ୍ଧା ଓ ଆଗ୍ରହ ରହିଥିବା ଆବଶ୍ୟକ । ସାଧନାର ପ୍ରଣାଳୀ ଓ ସାଧନାର ଉପକାର ବିଷୟ ଆପଣ ହୃଦୟଙ୍ଗମ କରିଥିବା ଆବଶ୍ୟକ । ଆପଣଙ୍କ ପାଇଁ ଯେଉଁ ପ୍ରକାର ସାଧନା ଆବଶ୍ୟକ, ସେହିପ୍ରକାର ସାଧନା ଗ୍ରହଣ କରିବା ଆବଶ୍ୟକ । ସାଧନା କରିବା ଲାଗି ଆପଣଙ୍କଠାରେ ଶକ୍ତି ଓ ସାମର୍ଥ୍ୟ ରହିଥିବା ଆବଶ୍ୟକ । ତା'ହେଲେ ଯାଇ ଆପଣ ସାଧନାରୁ ଆନନ୍ଦ ପାଇବେ; ସାଧନାରେ ସଫଳତା ଅର୍ଜନ କରିପାରିବେ ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨

ପୋଷ୍ୟ ପ୍ରାଣୀ ବଦଳାନ୍ତି ମାନସିକ ପୀଡ଼ା ଆନିମଲ ଆସିଷ୍ଟେଡ ଥେରାପି

।। ପ୍ରଫେସର ଡାକ୍ତର ସମ୍ରାଟ କର ।।

କୁହୁଡ଼ିଭରା ସକାଳୁ ସେ ଦିନ ବନ୍ଧୁ ବିରଂଚି ସୁଦୂର ଜାପାନରୁ ଫୋନ କରିଥିଲେ । ସେ ତାଙ୍କର ଜଣେ ପରିଚିତଙ୍କ ମାନସିକ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପ୍ରସଙ୍ଗ ନେଇ ମୋ ସହ ପରାମର୍ଶ ଚାହିଁଥିଲେ । ତାଙ୍କ କହିବା ମୁତାବକ ସେ ରହୁଥିବା ଆପାର୍ଟମେଂଟରେ ତାଙ୍କର ଜଣେ ପରିଚିତ ବନ୍ଧୁ ଯାହାଙ୍କର ଦୀର୍ଘ ଦିନ ଧରି ମାନସିକ ସମସ୍ୟା ଥିଲା ସେ କିଛି ଦିନ ହେବ କିଛି ଘରୋଇ ପୋଷା କୁକୁରଙ୍କ ସହ ଆଶ୍ଚର୍ଯ୍ୟଜନକ ଭାବେ ସମୟ କାଟୁଛନ୍ତି ଏବଂ ଏହାର ପରବର୍ତ୍ତୀ ସମୟରେ ତାଙ୍କୁ ମାନସିକ ଭାବେ ସୁସ୍ଥକର ଲାଗୁଛି ବୋଲି ତାଙ୍କ ପରିବାରବର୍ଗ ଅନୁଭବ ମଧ୍ୟ କରୁଛନ୍ତି । ମୁଁ ବନ୍ଧୁ ବିରଂଚିଙ୍କୁ ବ୍ୟସ୍ତ ନ ହୋଇ ମୁଁ କହିଲି ଆମ ମାନସିକ ଚିକିତ୍ସା ବିଜ୍ଞାନ ଭାଷାରେ ଏହାକୁ କୁହାଯାଏ 'ଆନିମଲ ଆସିଷ୍ଟେଡ୍ ଥେରାପି' । ଏହାକୁ ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ଇଂଲଣ୍ଡର ଇୟର୍କ ରିଟ୍ରିଟ୍ ମନୋରୋଗ ପୁନର୍ବାସନ କେନ୍ଦ୍ରରେ ପରୀକ୍ଷାମୂଳକ ଭାବେ ଆରମ୍ଭ କରାଯାଇ ବେଶ ସଫଳତା ପାଇବା ପରେ ଊନବିଂଶ ଶତକରେ ଇଂଲଣ୍ଡ ଓ ଆମେରିକାର କେବଳ ସରକାରୀ ନୁହେଁ ଘରୋଇ ମାନସିକ ଚିକିତ୍ସା ପ୍ରତିଷ୍ଠାନ ଓ ନିରାମୟ କେନ୍ଦ୍ରରେ ଏହା କାର୍ଯ୍ୟକାରୀ ହେଲା । ପରେ ଅର୍ଥାତ୍ ୧୯୪୪ ବେଳକୁ ଯାହାକୁ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟ କୁହାଯାଏ ସେ ସମୟରେ ରେଡ଼କ୍ରସ୍ ସଂସ୍ଥାର ଆମେରିକାନ ପ୍ରଶିକ୍ଷଣପ୍ରାପ୍ତ ପୋଷ୍ୟ ପ୍ରାଣୀମାନେ ଡାକ୍ତରଖାନାରେ ମାନସିକ ଭାବେ ଗୁରୁତର ହୋଇଥିବା ଓ ଅସୁସ୍ଥ ହୋଇଥିବା ବର୍ଗଙ୍କ ପାଇଁ ଉପଶମର ବଡ଼ ସହାୟକ ପାଲଟିଥିଲେ ।

୧୯୭୭ ମସିହାରେ ବିଶିଷ୍ଟ ମନୋବିଜ୍ଞାନୀ ଲିଓ କେ ବୁଷ୍ଟାର୍ଡ଼ ଏବଂ ମାଇକେଲ ଜିଜ ମ୍ୟାକୁଲକ ଆମେରିକାର ଓରିଗନ ରାଜ୍ୟର ପୋର୍ଟଲ୍ୟାଣ୍ଡ ସହରରେ ପ୍ରତିଷ୍ଠା କରିଥିଲେ, ଡେଲ୍ଟା ସୋସାଇଟି ଯାହାର ଉଦ୍ଦେଶ୍ୟ ହେଲା ପୋଷ୍ୟ ପ୍ରାଣୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ସେମାନଙ୍କ ସାହାଯ୍ୟରେ ମାନସିକ ଭାରସାମ୍ୟହୀନ ରୋଗୀ ମାନଙ୍କୁ ଆରୋଗ୍ୟ କରାଇବା । ବିଂଶ ଶତାବ୍ଦୀରେ ଏହାଥିଲା ଡିମେନସିଆ ବା ସ୍ମୃତିହୀନ, ଆଲଜିମରସଜାତୀୟ ମାନସିକ ରୋଗ ଆକ୍ରାନ୍ତ ବୟସ୍କ ବ୍ୟକ୍ତି, ପୋଷ୍ଟ ଟ୍ରମାଟିକ ଷ୍ଟ୍ରେସ ଡିସଅର୍ଡ଼ର, ଗୁରୁତର ଆଘାତ ପ୍ରାପ୍ତିର ପରବର୍ତ୍ତୀ ଅବସ୍ଥାରେ ମାନସିକ ଚାପବୃଦ୍ଧି ଜଡ଼ିତ ବ୍ୟାଧିରେ ଆକ୍ରାନ୍ତ ଏବଂ ଅବସରପ୍ରାପ୍ତ ସୈନିକ ଓ ଅଟିଜିମ୍ ଆକ୍ରାନ୍ତ ଶିଶୁମାନଙ୍କ ଠାରେ ମନୋରୋଗ ଉପଶମର ଅନ୍ୟତମ ବୃହତ ପ୍ରତିଷ୍ଠାନ । ଯାହାକି ୨୦୧୨ ମସିହାରେ ପୋଷ୍ୟ ସାଥି ବା ପେଟ ପାର୍ଟନର୍ସ ଭାବେ ନୂଆ ନାମରେ ନାମିତ ହୋଇଥିଲା । ତେବେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ବିଖ୍ୟାତ ଗବେଷକ କୋଲେଙ୍କ ମତ ଅନୁଯାୟୀ ମାନସିକ, ଶାରୀରିକ ଏପରିକି ମନୋ ସାମାଜିକ ଅବସ୍ଥାର ଉପଶମ ଓ ଉନ୍ନତି ବିଧାନ ପାଇଁ ପୋଷ୍ୟଭିତ୍ତିକ ଥେରାପି ଚିକିତ୍ସା ବିଜ୍ଞାନର ଏକ ଗୁରୁତ୍ୱପୂର୍ଣ୍ଣ ଓ ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପରିଚିତ ହେଉଛନ୍ତି । ଆମେ ସାଧାରଣରେ ଦେଖିଛେ ବିରାଡି ହୁଅନ୍ତୁ ବା କୁକୁର, ଗୋରୁ ଗାଈଙ୍କ ଠାରୁ ପକ୍ଷୀ, ଘୋଡ଼ା ହୁଅନ୍ତୁ ବା ଠେକୁଆ ଏପରିକି ଡଲଫିନ ମାନଙ୍କୁ ମଧ୍ୟ ସ୍ୱତନ୍ତ୍ର ଭାବେ ପ୍ରଶିକ୍ଷିତ କରି ସେମାନଙ୍କୁ ମାନସିକ ପୀଡିତଙ୍କ ଶାରୀରିକ ସୁସ୍ଥତା ଓ ସମୟ ଅତିବାହିତ କରି ସେମାନଙ୍କୁ ମାନସିକ ଭାବେ ଆନନ୍ଦ ପ୍ରଦାନ କରିବା ପାଇଁ ପ୍ରୋତ୍ସାହନ ଦିଆଯାଉଛି । ଏହି ମର୍ମରେ ଓୟେସ୍କ ଜର୍ଣ୍ଣାଲ ଅଫ ନର୍ସିଂ ରିସର୍ଚ୍ଚ ପ୍ରତିକାଟିକୁ ଏଠାରେ ଉପସ୍ଥାପନ କରୁଛୁ । ସେଠାରେ ଉଲ୍ଲେଖ ରହିଛି ଯେ ମାନସିକ ରୋଗାକ୍ରାନ୍ତ ହୁଅନ୍ତୁ ବା ପୀଡ଼ିତ ସେମାନଙ୍କର ପୁନର୍ବାସ କେନ୍ଦ୍ରରେ ରହିଥିବା ଆକ୍ୱାରିମର ରଙ୍ଗୀନ ମାଛ ହେଉ ବା ଡଲଫିନର ଆନନ୍ଦମୟ ସନ୍ତରଣ ଦୃଶ୍ୟ ସେମାନଙ୍କୁ ଉଲ୍ଲସିତ ଓ ଆନନ୍ଦିତ କରିଥାଏ । ସଂପ୍ରତି ଆମେରିକା ବ୍ୟତୀତ ନେଦରଲ୍ୟାଣ୍ଡ, ସୁଇଜରଲ୍ୟାଣ୍ଡ ଓ ବେଲଜିୟମରେ ପଶୁ ମାନଙ୍କ ସହିତ ଆଲିଙ୍ଗନ ଜନିତ ଚିକିତ୍ସା ପଦ୍ଧତିକୁ ପ୍ରୋତ୍ସାହିତ କରାଯାଉଛି ଓ ଏହାକୁ ମାନସିକ ଉପଶମ ପାଇଁ ବିଶେଷକରି ପ୍ରିଜନ ପେଟ ପାର୍ଟନସିପ ପୋଗ୍ରାମ ମାଧ୍ୟମରେ କାରାଗାରର ବନ୍ଦୀମାନେ ପୋଷ୍ୟପ୍ରାଣୀଙ୍କ ପ୍ରଶିକ୍ଷଣ ଦେଇ ମାନସିକ ରୋଗୀ ମାନଙ୍କ ରୋଗ ନିରାମୟରେ ସାହାଯ୍ୟ କରୁଛନ୍ତି ।

ଭାରତ ମଧ୍ୟ ଏ କ୍ଷେତ୍ରରେ ପଛୁଆ ନାହିଁ । ଏହି ପ୍ରଚେଷ୍ଟା ମଧ୍ୟ ଆରମ୍ଭ ହୋଇଗଲାଣି । ପ୍ରଶିକ୍ଷିତ ପୋଷ୍ୟଜନ୍ତୁ ମାନଙ୍କ ସାହାଯ୍ୟରେ ମାନସିକ ସ୍ୱାସ୍ଥ୍ୟ ପୁନରୁଦ୍ଧାର ପରି ସେବା ପ୍ରଚଳନ ପାଇଁ କାର୍ଯ୍ୟରତ ରହିଛି ଆନିମଲ ଆଞ୍ଜେଲସ ଫାଉଣ୍ଡେସନ ଓ ମାନିବ ଫାଉଣ୍ଡେସନ, ମୁମ୍ବାଇ, ଓୟୋରାଭିଲେ, ବେଙ୍ଗାଲୁର ଏବଂ ଫୀର ବଲ ଷ୍ଟୋରୀ, ଦିଲ୍ଲୀ । ପ୍ରଥମ ଓ ଚତୁର୍ଥ କେନ୍ଦ୍ରରେ ପୋଷ୍ୟ ପ୍ରାଣୀ କୁକୁର, ଦ୍ୱିତୀୟ କେନ୍ଦ୍ରରେ ବିରାଡ଼ି ଏବଂ ତୃତୀୟ କେନ୍ଦ୍ରରେ ପୋଷ୍ୟ ହେଉଛି ଘୋଡ଼ା । ଜର୍ଣ୍ଣାଲ ଅଫ ସାଇକୋସୋମାଟିକ ରିସର୍ଚ୍ଚ ପତ୍ରିକାରେ ୨୦୦୦ ମସିହାରେ ପ୍ରକାଶିତ ଗବେଷଣା ନିବନ୍ଧରେ ମନୋବିଜ୍ଞାନୀ ଜେ.ଏସ୍. ଓଡେଂଟୋଲ ଉଲ୍ଲେଖ କରିଛନ୍ତି ମାନସିକ ରୋଗୀ ଏବଂ ପୋଷ୍ୟ ମାନଙ୍କ ଶାରୀରିକ ସାକ୍ଷାତରେ ସେମାନଙ୍କ ଉଭୟଙ୍କର ଦେହରେ ନିଉରୋକେମିକାଲ କ୍ଷରଣରେ ତାତ୍ପର୍ଯ୍ୟପୂର୍ଣ୍ଣ ପରିବର୍ତ୍ତନ ସଂଘଟିତ ହୋଇଥାଏ, ଯାହା ସେମାନଙ୍କ ମଧ୍ୟରେ ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ସ୍ଥାପନରେ ସହାୟକ ଏବଂ ରୋଗୀର ରୋଗମୁକ୍ତିରେ ଅତ୍ୟନ୍ତ ଫଳପ୍ରଦ । ମାସାଚୁସେଟସ ଜେନେରାଲ ହସ୍ପିଟାଲର ଗବେଷକ ଡାକ୍ତର ଜରିସ ଏସ ପଲଙ୍କ ମତରେ ସିଜୋଫ୍ରେନିଆ, ଅଲଜିମରସ, ଡିମେନସିଆ, ମ୍ୟାନିକ ଡିପ୍ରେସନ ପ୍ରଭୃତି ମାନସିକ ରୋଗାକ୍ରାନ୍ତ ବ୍ୟକ୍ତିମାନଙ୍କ ସହିତ ପ୍ରଶିକ୍ଷଣ ପ୍ରାପ୍ତ ପ୍ରାଣୀମାନଙ୍କର ନିବିଡ଼ ସଂଯୋଗ ଫଳରେ ସେମାନଙ୍କ ଶରୀରରେ ନିଉରୋଟ୍ରାନ୍ସମିଟର ସିରୋଟୋନିନ୍ ଏବଂ ଏଣ୍ଡୋରଫିନର କ୍ଷରଣମାତ୍ରା ବୃଦ୍ଧି ହେବା ସଙ୍ଗେ ସଙ୍ଗେ ଷ୍ଟେସହରମୋନ କର୍ଟିସଲ ଓ ଆଡ୍ରେନାଲିନର କ୍ଷରଣମାତ୍ରା ହ୍ରାସ ପାଏ, ଫଳରେ ସେମାନଙ୍କ ଠାରେ ଅନେକାଂଶରେ ଦୂରୀଭୂତ ହୋଇଯାଏ ମାନସିକ ଅବସାଦ ଓ ଶାରୀରିକ ଅବସନ୍ନତା ।

ସାଧାରଣତଃ ପୋଷ୍ୟ ପ୍ରାଣୀ ମାନଙ୍କ ସହ ମାନସିକ ପୀଡ଼ିତମାନେ ସମୟ ଅତିବାହିତ କରିବା ଦ୍ୱାରା ସେମାନଙ୍କ ଠାରେ ଇମ୍ୟୁନୋଗ୍ଲୋବୁଲିନର ମାତ୍ରା ବଢ଼ିଥାଏ । ଆମେରିକାନ ହାର୍ଟ ଆସୋସିଏସନର ତଥ୍ୟ ଅନୁଯାୟୀ ପୋଷ୍ୟ ପ୍ରାଣୀ ଭିତ୍ତିକ ଚିକିତ୍ସା ମଧ୍ୟ ଫଳପ୍ରଦ ହୋଇଥାଏ । ରିପୋର୍ଟ ଅନୁଯାୟୀ ପୋଷ୍ୟପ୍ରାଣୀଙ୍କ ସହ ସୁମଧୁର ଆଳାପ ବା ସମୟ ଅତିବାହିତ କରିବା ଦ୍ୱାରା ରକ୍ତରେ ଆଡ୍ରେନାଲିନ ହରମୋନର ମାତ୍ରା ୧୭ ଶତାଂଶ କମିଯାଉଛି, ହୃତପିଣ୍ଡ ସ୍ଥିତ ବାମ ଅଳିନ୍ଦର ରକ୍ତଚାପ ଦଶ ଶତାଂଶ ପ୍ରଶମିତ ହୋଇଯାଉଛି ଯାହାଦ୍ୱାରା ହୃଦରୋଗରେ ଆକ୍ରାନ୍ତ ବ୍ୟକ୍ତିଙ୍କ ଠାରେ ରୋଗ ଜନିତ ଉଦବେଗ ୨୪ ଶତାଂଶ ହ୍ରାସ ଘଟୁଛି । ଏହି ମର୍ମରେ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାର ତଥ୍ୟ ଅନୁଯାୟୀ ଦେଢ଼ଶହ ମିନିଟର ହାଲକା ଶାରୀରିକ ପରିଶ୍ରମ ଦ୍ୱାରା ଜଣେ ଯେଉଁ ସ୍ୱାସ୍ଥ୍ୟଗତ ଫାଇଦା ବା ଉପଶମ ପାଇଥାଏ ତାହା ଦିନକୁ ଦୁଇଥର ନିଜ ପୋଷା କୁକୁର ସହ ପ୍ରସସ୍ତ ଯାଗାରେ ଚଲାବୁଲା କଲେ ସମାନ ଫଳପ୍ରଦ କରିଥାଏ । ତେବେ ଏହି ଗବେଷଣାର ଅନ୍ୟ ଏକ ତଥ୍ୟ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାହା ହେଉଛି ଆପଣ ପୋଷା ଆଦରର କୁକୁରଟି ଆପଣଙ୍କ ସହ ଯେଉଁ ସଯତ୍ନ ସ୍ନେହ ଆଦର ଓ ଯତ୍ନବତ ଭାବ ପ୍ରବଣତା ଆପଣଙ୍କୁ ପ୍ରଦାନ କରିଥାଏ ତାହା ଜଣେ ମାନସିକ ପୀଡ଼ିତର ଶରୀରରେ ଅକ୍ସିଟୋସିନ ଓ ପ୍ରୋଲାକ୍ଟିନ ହରମୋନର କ୍ଷରଣକୁ ଶରୀରରେ ବଢ଼ାଇ ଦେଇଥାଏ ଯାହା ଜଣଙ୍କୁ ବିଶେଷକରି ସଂପୃକ୍ତ ମାନସିକ ପୀଡ଼ିତଜଣଙ୍କୁ କ୍ରୋଧ ସମ୍ବରଣ ଓ ଆବେଗ ପରିବର୍ତ୍ତନରେ ତାଙ୍କ ମାନସିକ କ୍ଷତକୁ ଉପଶମ କରି ଜୀବନ ଛନ୍ଦକୁ ଆନନ୍ଦମୟ କରିବାର ପ୍ରେରଣା ଦେଖାଇଥାଏ । ଆପଣ ଅନୁଭବ କରୁଥିବେ ପୋଷ୍ୟ ପ୍ରାଣୀମାନେ ବାସ୍ତବିକ କେବଳ ମାନସିକ ପୀଡ଼ିତ ମାନଙ୍କ ପାଇଁ ନୁହେଁ, ବରଂ ସାମଗ୍ରିକ ଭାବେ ଜଣଙ୍କ ଜୀବନ ଆନନ୍ଦମୟ ଗଢ଼ି ତୋଳିବାରେ ଯେଉଁ ଅତୁଟ ଅମାପ ଓ ନିଃସ୍ୱାର୍ଥପର ସେବା ସହଯୋଗ, ଭଲପାଇବା ଦେଇଥାଏ ତାହା ସ୍ମରଣୀୟ । ଏହି ଲେଖାଟି ପ୍ରସ୍ତୁତ କଲାବେଳକୁ ଆପଣଙ୍କୁ କିଛି ଦିନ ତଳର ଭୁବନେଶ୍ୱରର ଏକ ଘଟଣା ମନେପକାଇ ଦେଉଛି । ଏକ ପୋଷ୍ୟ କୁକୁର ଘରକୁ ଆସୁଥିବା ବିଷାକ୍ତ ସାପକୁ ମାଲିକର ଜୀବନ ବଂଚାଇବା ପାଇଁ ନିଜେ ଲଢ଼ି ଜୀବନକୁ ଉତ୍ସର୍ଗ କରିଥିଲା । ଏପରି ଅନେକ ଘଟଣା ଆମ ମାନଙ୍କର ହାତ ପାହାନ୍ତାରେ ରହିଛି । ଗ୍ରାମ୍ୟ ଜୀବନରେ ଆପଣଙ୍କ ଗାଈ ଗୋରୁ ବାଛୁରୀ ଏପରିକି ପୋଷା ପକ୍ଷୀମାନେ କିପରି ସଯତ୍ନ ଭଲପାଇବା ଓ ବିଶେଷକରି ଗୋରୁ ଗାଈ ମାନେ ମଣିଷ ମୁହଁରେ ଶ୍ରଦ୍ଧେୟ ଅନାବିଳର ଯେଉଁ ମହାର୍ଘ ମୁହଁ ଘଷା ସ୍ନେହ ପ୍ରଦାନ କରିଥାନ୍ତି ତାହା ଅନେକଙ୍କର ସ୍ମରଣୀୟ ଥିବ । ମାନସିକ ସ୍ୱାସ୍ଥ୍ୟ ଚିକିତ୍ସାରେ ପୋଷ୍ୟ ପ୍ରାଣୀମାନଙ୍କୁ ଆଦର ଯତ୍ନ କଲାବେଳେ ସର୍ବପ୍ରଥମେ ସେମାନଙ୍କୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଏବଂ ପୀଡ଼ିତର ପରିବାର ବର୍ଗଙ୍କ ଏପରି କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସହଯୋଗ ଓ ପ୍ରେରଣା ରହିଛି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ୍, ପୁରୀଘାଟ ରୋଡ଼, କଟକ, ଦୂରଭାଷ : ୯୧୩୨୪୩୩୩୩୩

ନାହିଁ ନାହିଁ ନାହିଁ

।। ଉତ୍କଳାନନ୍ଦ ଅଜୟ କୁମାର ବେହେରା ।।

ନାହିଁ, ନାହିଁ ଏମିତି ସ୍ଥାନ ବ୍ରହ୍ମାଣ୍ଡରେ କେବଳ ବୈକୁଣ୍ଠରେ ଅଛି, କୁଣ୍ଠା ମନେ ନାହିଁ । କୁହାଯାଏ ନେଭର ନାହିଁ ଶବ୍ଦକୁ ଅଭିଧାନରୁ ସମ୍ରାଟ ନେପୋଲିଆନ ଉଠାଇ ଦେଇଥିଲେ ଯେଉଁ ସୂତ୍ରରେ ସେ ବ୍ରିଟିଶ ସେନାପତି ନେଲସନ ଦ୍ୱାରା ପରାଜିତ ହୋଇଥିଲେ । ପ୍ରମାଣିତ କ'ଣ ହେଲା ତାହା ପାଠକେ ଭାବିବେ । ବେରିବେରୀ ବୋଲି ଏକ ରୋଗ ଅଛି ଏହାର ଅର୍ଥ କୌଣସି ଏକ ଭାଷାରେ ନାହିଁ ନାହିଁ । ଏହି ରୋଗ ହେଲେ ରୋଗୀ ମାନସିକ ସ୍ତରରେ ଏତେ ଦୁର୍ବଳ ହୁଏ ଯେ, ସବୁବେଳେ ସବୁ କାମକୁ ଅପାରଗ ମନେ କରି ନାହିଁ ନାହିଁ କରିଥାନ୍ତି । ମୋର ପିଲାଦିନରେ ବେରିନବଲ ବୋଲି ଏକ ଔଷଧ ଦୋକାନରେ ମିଳୁଥିଲା । ଯାହା ସେ ରୋଗର ଔଷଧ । ଏହା ଏକ ପ୍ରକାର ଭିଟାମିନ ଅଭାବ ଜନିତ ରୋଗ ବୋଲି ଡାକ୍ତର ମନେ କରନ୍ତି । ପାଠ ପଢ଼ିବା ଆରମ୍ଭ ବେଳେ ସବୁ ଛାତ୍ରଛାତ୍ରୀ ଗୃହ ପରିବେଶ ମା ସ୍ନେହ ମମତା ଛାଡ଼ି ବିଦ୍ୟାଳୟ ଯିବାକୁ ନାହିଁ ନାହିଁ ହୋଇଥାନ୍ତି । ମାତ୍ର ମା'ସ୍ନେହ ସଦୃଶ ଶିକ୍ଷୟିତ୍ରୀ ଶିକ୍ଷକ ମନେ ଯଦି ପ୍ରାଥମିକ ସ୍ତରରେ ଶିଶୁ ଛାତ୍ରଛାତ୍ରୀଙ୍କ ପ୍ରଭାବିତ କରନ୍ତି ତେବେ ପାଠ, ନିଶା ସେ ପିଲାମାନଙ୍କୁ ଲାଗିବା ଆରମ୍ଭ କରିଥାଏ । ପରବର୍ତ୍ତୀବନରେ ସେମାନେ ଏକ ବିଦ୍ୱାନ ହେବା ନିମନ୍ତେ ଏ କ୍ଷେତ୍ରରେ ପ୍ରାଥମିକ ମୌଳିକ ଶିକ୍ଷା ଦାନକାରି ମନେ ପିଲାଙ୍କ ନାହିଁ ନାହିଁ ଛଡ଼ାଇ ଥାନ୍ତି । ବଳଦ, ଘୋଡ଼ା, ମଣ ନହେଲେ କୌଣସି କର୍ମରେ ସିଧା ମୃତୟନ କରାଯାଏ ନାହିଁ । ମଣ ଅର୍ଥ ତାଲିମ, ବଳଦ ହଳକୁ ମଇକୁ ଶଗଡ଼ ଟଣାକୁ ବେଙ୍ଗନାକୁ ତାଲିମ ବା ମଣ କରାଯାଏ । ଘୋଡ଼ା ମନେ ସେହିପରି ସହିସ, କଟୁସନ, ଘୋଡ଼ାଙ୍କୁ ଚହଲାଇ ଦୌଡ଼ାଇବା ଅଭ୍ୟସ୍ତ କରନ୍ତି । କାବୁଲ, ଆରବ, ତୁରସ୍କ ଘୋଡ଼ାଙ୍କୁ ଧାବିତ ତାଲିମ ଦେଇ ଆମ ଦେଶ ରାଜଙ୍କ ପାଇଁ ଓ ରାଜସେନା କଟୁଆଳ ଦୂତଙ୍କ ବ୍ୟବହାର ପାଇଁ ଆଣୁଥିଲେ ବି ସେ ଘୋଡ଼ା ତତ ଦେଶ ଭାଷାର ବୋଲିରେ ତାଲିମ ବେଳେ ଯେଉଁ ଆଦେଶ ମାନନ୍ତି ତାହା ଘୋଡ଼ା ବିକ୍ରିପାରେ ଭିନ୍ନ ଭାଷାର ଆଦେଶକୁ ବୁଝିବା ପାଇଁ ପୁନଃ ଆଦେଶର ଆବଶ୍ୟକ ଥାଏ । ସବୁପଶୁ ମନୁଷ୍ୟର କେବେ ସହଜରେ ବଶୀଭୂତ ନୁହଁନ୍ତି ତାଙ୍କ ସ୍ୱାଧୀନତାରେ ମନୁଷ୍ୟର ସ୍ୱାର୍ଥପରତାରେ ନାହିଁ ନାହିଁ ହେଲେ ମନୁଷ୍ୟର ସେବା ମମତା ଦୟା ପ୍ରଦର୍ଶନରେ ଖାଲି ବଳଦ ଗାଈ ଘୋଡ଼ା କୁକୁର ଭଣ ହାତୀ, ବାଘ, ସିଂହ ନାହିଁ ନାହିଁ ଛାଡ଼ି ବୋଲକରା ହୋଇଯାଆନ୍ତି । ବୋହୂ ବୋଲ କରା ଅନେକ ଶାଶୁ ଘରେ ହେଉନାହାନ୍ତି । ଏମିତି ଶୁଣିବାକୁ ମିଳେ, ଶାଶୁ ମା ଓ ନିଜ ମା ମଧ୍ୟରେ ବଡ଼ ପ୍ରାଚୀର ରହୁଛି ଅନେକ ବୋହୂ ଭାବନ୍ତି, ଏହା ସମ୍ପୂର୍ଣ୍ଣ ସତ୍ୟ ନୁହେଁ ମାତ୍ର ଅନେକ କ୍ଷେତ୍ରରେ ଏହା ଦେଖାଯାଉଛି, ଆତୁର ହୋଇ ବିବାହ କନ୍ୟାର ବା ବରର ବିବାହ ବୟସ ଗଡ଼ି ଯାଉଛି ଭାବି କୁଳଶୀଳ ନବୁଝି ବିବାହ କରାଗଲେ ଏହାପର ସମୟକୁ ପ୍ରକଟ ସ୍ୱାମୀର ନହେଲେ ସ୍ତ୍ରୀ ନାହିଁ ନାହିଁ ଅବୋଲ କରା ଢ଼ଙ୍ଗ ପ୍ରକଟ ହେଉଛି । ପୂର୍ବେ ପାଟକ ଜାତି ପରମ୍ପରା ଥିଲା ଝିଅ ମନେ ବାପା ମାଆଙ୍କ ଦ୍ୱାରା ତାଙ୍କ ଘର ଆୟକାରୀ ବୃତିରେ ଅଭ୍ୟସ୍ତ ହୋଇ ବିବାହ ପରେ ଶାଶୁଘରେ ସେହିପରି କାମରେ ପରିବାର ସହ ମିଳି କାମ ଏକ ଅଂଶୀଦାର ଭାବରେ କରୁଥିଲେ । ଏହି ଦାମ୍ପତ୍ୟ ଜୀବନକୁ ବିଶେଷ ପ୍ରଭାବିତ କରୁନଥିଲା । ଏହାଥିଲା କୁଳ ପରମ୍ପରା । ପଞ୍ଜାବ କୃଷକ ପରିବାରକୁ ଦେଖନ୍ତୁ ଗହମ କ୍ଷେତ୍ରରେ ପୁରା ପରିବାର ଜନ ଦିନ ତମାମ କାମ କରୁଛନ୍ତି । ତାଙ୍କର ଖାଇବା ପିଇବା ସେହି କ୍ଷେତ୍ରରେ ହିଁ ସାଧନ ହେଉଛି । ରାଜା ବିବାହରେ ରାଣୀ ଆଣିଲେ ମହଲ ଚଳେଇବା ପାଇଁ ଟାକରାଣୀ ଖଞ୍ଜା କରନ୍ତି । ଏବର ବିବାହ ଆଡ଼ମ୍ବର ଥାଟ ବାଟର ବିବାହ ପାଇଁ ଆୟୋଜନ ଯୌତୁକ ଦାବୀ ଆଉ କନ୍ୟାର ବିଦ୍ୟା ଆୟ ରୂପଗୁଣ ସବୁ ଦେଖିବା ପରେ ଠିକ ରାଜପରିବେଶରେ ବିବାହ ହୋଇ ଗଲେ ବି ତାଙ୍କ ସ୍ତ୍ରୀ ରାଣୀକାମ କରବାର ନୁହେଁ ସେଇ ଶାସ୍ତା ଟାକରାଣୀ କାମ ତୁଲାଇବା ଦେଖାଯାଉଛି । ତାହେଲେ ବରମୁଣ୍ଡରେ କାହିଁକି ପଗଡ଼ି ମୁକୁଟ, କାହିଁକି ରାଜ ଥାଟବାଟ ଆଖିଦୃଶିଆ ଜ୍ଞାତି ଭୋଜନ ? ଯେମିତି ସବୁ ଥିଏଟର, ନାଟକ, ସିନେମା, ବିବାହ ହେଉଛି ସେହି ଦୃଶ୍ୟ ଏବେ ସର୍ବତ୍ର ସତ୍ୟ ମଂଚରେ ଦୃଶ୍ୟ ଥିଲା ବନଦୁର୍ଗା ପତ୍ର ପୁଷ୍ପରେ ସଜାଇ ପୂଜା, ଘୃତ ବନଔଷଧିର ସାକଲ୍ୟ ଶାଳ ଆମ୍ବ ଗଛର କାଠ, ବିଧିରେ ସମୟରେ ଶୁଦ୍ଧ ସିଦ୍ଧ ସାଧକ ବ୍ରାହ୍ମଣଙ୍କ ଦ୍ୱାରା ମହାପୂଜା ଦେବ ଉପଚାର କରାଯିବା ଏବେ ସବୁ ଦେଖାଣିଆ ସହରୀ ଦୁର୍ଗାପୂଜା, ସହରରେ ଯେଉଁମାନ ପୁରୋହିତ ବନ୍ଧା ସମ୍ପର୍କ ନାହିଁ । କେବଳ ବହିପଢ଼ା ସାଧନା ବିହୀନ ଶୁଦ୍ଧ କି ଅଶୁଦ୍ଧ ଅଜଣା ଡାକବାଜି ଯନ୍ତରେ ମନ୍ତ୍ର ବୋଲିବା ପୁରୋହିତ ପଇସା ଖର୍ଚ୍ଚ ମଜୁରୀ ଟେଣ୍ଡରରେ ଯେ କମ ନେଇକି ପୂଜା ଚଳାଇ ନେବ ଏପରି ଦୁର୍ଗାପୂଜା ଆଜି ବହୁ ଆଖି ଦୃଶିଆ ସାଜସଜା ଅର୍ଥବଳି ଲୋକଙ୍କୁ କର୍ତ୍ତା ବନାଇ କରାଯାଉଛି । ଦେବୀ ଆବାହନୀ କଳସ ବୁଡ଼ରେ ପଟୁଆର ନାହିଁ, ଦେବୀ ମୂର୍ତ୍ତି ବିସର୍ଜନ ଯାହା ବିରହ ବ୍ୟଥା ଦାୟକ ଏଥିରେ ପୁରା ରାଜସିକ ଥାଟ ବାଟ, କେହି ଏଥିରେ ବାରିବାକୁ ନାହିଁ, ମାର୍ଗ ଦର୍ଶକ ଅଭାବ, ନେତା ମନ୍ତ୍ରୀ ତାଙ୍କର ଭବିଷ୍ୟତ କ୍ଷେତ୍ରସୃଷ୍ଟିରେ ଦେବୀଙ୍କ ସହ ଜନତାଙ୍କୁ ନମସ୍କାର ହାତଯୋଡ଼ା ଏଥିରେ ବହୁ ଶାସ୍ତ୍ର ମାନ୍ୟତା ନାହିଁ ଅଛି । ଆଧୁନିକ କଲ୍ୟାଣ ମଣ୍ଡପ ଭଡ଼ା ଘରେ କନ୍ୟା ଦାନ ଉଚିତ କି ନୁହଁ ଏକଥା କୌଣସି ଧର୍ମଶାସ୍ତ୍ରରେ ବିଶେଷ ସଭାରେ କରାଯାଇ ନାହିଁ । ବିବାହ କାର୍ଯ୍ୟ ପାଇଁ ଏବେ ସମ୍ପୂର୍ଣ୍ଣ ବଣିକ ସୌଦାଗର ବୃତି, ମାଲ କିସିକା କମାଲ କିସିକା, ଲୋକେ ସ୍ଥିର ମତିରେ ଭାବନ୍ତୁ, ଧର୍ମଶାସ୍ତ୍ରକୁ ବାନ୍ଧି ପୂଜା କରନ୍ତୁ ନାହିଁ ଏହାର ସଦା ତର୍ଜମା ପାଇଁ ସରକାର ଲୋକ ପାଳନୀୟ ପାଇଁ ସୁବ୍ୟବସ୍ଥା ଶୀଘ୍ର କରନ୍ତୁ, କେବଳ ଏକ ଧର୍ମପତ୍ରଙ୍କ ପାଇଁ ନୁହଁ ସମସ୍ତଙ୍କ ପାଇଁ ଧର୍ମଶାସ୍ତ୍ରର ଅନୁଷ୍ଠାନ ସଭା ରାଜନିୟନ୍ତ୍ରଣ କରାଗଲେ ବହୁ ପ୍ରକାର ଶାନ୍ତି, ବୃଥା ଖର୍ଚ୍ଚାନ୍ତ, ବିବାଦ ସଂକୁଚିତ ହୋଇଯାନ୍ତା ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

ବାବାସାହେବ ଭୀମରାଓ ଆମ୍ବେଦକର

।। ଡକ୍ଟର ତପନ କୁମାର ପାଳ ।।

୧୯୪୭ ମସିହା ଭାରତ ସ୍ୱାଧୀନ ହେଲା । ତାପରେ କଥା ପଡ଼ିଲା ଦେଶ ଚାଲିବ କେମିତି, ଏହାକୁ ଚଳାଇବ କିଏ । ସେଥିପାଇଁ କିଛି ନୀତି ନିୟମ ଓ ଆଇନ କାନୁନ୍‌ର ଆବଶ୍ୟକ ପଡ଼ିଲା । ଫଳରେ ତିଆରି ହେଲା ଆମର ସମ୍ବିଧାନ ଯାହାକି ବିଶ୍ୱର ସର୍ବବୃହତ୍ ସମ୍ବିଧାନର ମାନ୍ୟତା ପାଇଛି । ସମ୍ବିଧାନ ଚିଠା ପ୍ରସ୍ତୁତି ପାଇଁ ଗଠନ ହେଲା ସମ୍ବିଧାନ ସଭା । ମାତ୍ର ଜାଣିଛ କି ପିଲାଏ ଏହି ସମ୍ବିଧାନର ପ୍ରକୃତ ପ୍ରଣେତା କିଏ ? ସମ୍ବିଧାନ ପ୍ରଣେତା ହେଉଛନ୍ତି ବାବା ସାହେବ ଭୀମରାଓ ଆମ୍ବେଦକର । ସେନା ସୁବେଦାର ମେଜର୍ ରାମ୍‌ଜୀ ମାଲୋଜୀ ସକ୍‌ପାଲ ଓ ଭୀମାବାଈଙ୍କ ୧୪ତମ ସନ୍ତାନ ଭୀମରାଓ । ତାଙ୍କର ଜନ୍ମ ମହାରାଷ୍ଟ୍ରର ରତ୍ନଗିରି ଜିଲ୍ଲାର ଆମ୍ବାଭାଦେକର ଗ୍ରାମରେ ୧୮୯୧ ମସିହା ଏପ୍ରିଲ ୧୪ ତାରିଖରେ । ପିଲାଦିନୁ ଅତ୍ୟନ୍ତ ମେଧାବୀ ଥିବା ଭୀମରାଓ ପରବର୍ତ୍ତୀ ସମୟରେ ସାହାସୀ, ଧୈର୍ଯ୍ୟବାନ, ନିଷ୍ଠାବାନର ପରିଚୟ ଦେଇଥିଲେ । ମୁମ୍ବାଇର ଏଲ୍‌ଫିନ୍‌ଷ୍ଟୋନ୍ କଲେଜରୁ ଏଫ୍.ଏ ପାସ୍ ପରେ ଉଚ୍ଚଶିକ୍ଷା ପାଇଁ ଯାଇଥିଲେ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବିଆ ବିଶ୍ୱବିଦ୍ୟାଳୟ । ସେଠାରୁ ଏମ୍‌ଏ ଡିଗ୍ରୀ ପରେ ପିଏଚ୍‌ଡ଼ି ମଧ୍ୟ କରିଥିଲେ । ତା ପରେ ସେ ପରିଚିତ ହେଲେ ଡକ୍ଟର ଆମ୍ବେଦକର ଭାବରେ । ତଥାପି ସନ୍ତୁଷ୍ଟ ହୋଇନଥିଲେ ଜ୍ଞାନୀ ଭୀମରାଓ । ବିଲାତ ଯାଇ ସେଠାରୁ ଆଇନ, ଅର୍ଥଶାସ୍ତ୍ର ଓ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କଲେ । ସ୍ୱଦେଶ ଫେରିବା ପରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନର ସହ ଅସ୍ପୃଶ୍ୟତା ଓ ଜାତିଭେଦ ବିରୋଧରେ ଆନ୍ଦୋଳନର ନେତୃତ୍ୱ ନେଲେ ଆମ୍ବେଦକର । ସ୍ନେହରେ ତାଙ୍କୁ ଡାକୁଥିଲେ ସମସ୍ତେ ବାବାସାହେବ । ତୀକ୍ଷ୍ଣ ବୁଦ୍ଧିସମ୍ପନ୍ନ, ଆଇନ ବିଶାରଦ ଆମ୍ବେଦକର ହୋଇଥିଲେ ସ୍ୱାଧୀନ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଏବଂ ସମ୍ବିଧାନ ଚିଠା କମିଟିର ଥିଲେ ଅଧ୍ୟକ୍ଷ । ସମ୍ବିଧାନରେ ଦଳିତବର୍ଗଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ଆବଶ୍ୟକ ଧ୍ୟାନ ଦେଇଥିଲେ ସେ । ଶେଷରେ ୧୯୪୯ ମସିହା ନଭେମ୍ବର ୧ ତାରିଖରେ ଚିଠା ସମ୍ବିଧାନ ସରକାରଙ୍କ ସ୍ୱୀକୃତି ଲାଭ କଲା । ହିନ୍ଦୁ ଜାତିପ୍ରଥାରେ ଅତିଷ୍ଠ ହୋଇ ସେ ବୌଦ୍ଧଧର୍ମ ଗ୍ରହଣ କରିଥିଲେ । ଜାଣିଛ ପିଲାଏ ସେ ବହି ପଢ଼ିବାକୁ ଏତେ ଭଲ ପାଉଥିଲେ ଯେ ଥରେ ନ୍ୟୁୟର୍କ ଯାଇଥିବାବେଳେ ଏକାଥରକେ ୨୦୦୦ ବହି କିଣି ପକାଇଥିଲେ । ୧୯୫୬ ଡିସେମ୍ବର ୬ ତାରିଖରେ ଦେହତ୍ୟାଗ କରିଥିବା ଏହି ମହାନ୍ ବ୍ୟକ୍ତିତ୍ୱ ଶିକ୍ଷା ଦେଇ ଯାଇଛନ୍ତି କିଭଳି ନିଜର ବୁଦ୍ଧିମତା ସହ ନିଷ୍ଠା, କଠୋର ପରିଶ୍ରମ ଓ ସଚ୍ଚୋଟତା ଜଣକୁ ଶୀର୍ଷକୁ ଉଠିବାରେ ସାହାଯ୍ୟ କରେ ।

ଏସବିଆଇ, ଷ୍ଟାଫ କଲୋନୀ, ତେଲେଙ୍ଗ ସାହି, ତୁଳସୀପୁର, କଟକ

ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୧୦ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୫

ରାଜ୍ୟସ୍ତରୀୟ ବିଦ୍ୟାଳୟସମୂହ କ୍ରିକେଟ ଲିଗ ମ୍ୟାଚର ଚତୁର୍ଥ ଦିବସ ପ୍ରତିଯୋଗିତାର ଫଳାଫଳ

ଜଗତସିଂହପୁର,୦୯/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ସାତୋଟି କ୍ରିକେଟ ଗ୍ରାଉଣ୍ଡରେ ୩୧ଟି କ୍ରୀଡ଼ାଜିଲ୍ଲା ମଧ୍ୟରୁ ଆଜି ଚତୁର୍ଥ ଦିବସରେ ୧୭ବର୍ଷରୁ କମ ବାଳକ ବିଭାଗରେ ୧୦ଟି ମ୍ୟାଚ ଓ ବାଳିକା ବିଭାଗରେ ୬ଟି ମ୍ୟାଚ ଲିଗ ଭିତିରେ ଅନୁଷ୍ଠିତ ହୋଇଯାଇଛି । ବାଳକ ବିଭାଗରେ ନବ କୃଷ୍ଣ ଚୌଧୁରୀ ଷ୍ଟାଡିୟମଠାରେ କୋରାପୁଟ ବନାମ ସୋନପୁର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ରେ କୋରାପୁଟ ୮ରନ୍ ରେ ବିଜୟ ଲାଭ କରିଥିଲାବେଳେ କେନ୍ଦ୍ରାପଡ଼ା ବନାମ ଗଜପତି ମ୍ୟାଚ୍‌ରେ ଗଜପତି ୭ ୱିକେଟ୍‌ରେ ବିଜୟ ଲାଭ କରିଛି । ନନ୍ଦବ୍ରତ ଷ୍ଟାଡିୟମ ଠାରେ ଅନୁଷ୍ଠିତ ରାୟଗଡ଼ା ବନାମ ବଲାଙ୍ଗୀର ମ୍ୟାଚ୍‌ରେ ବଲାଙ୍ଗୀର ୮ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ବାଲେଶ୍ୱର ବନାମ ନବରଙ୍ଗପୁର ମ୍ୟାଚ୍ ରେ ନବରଙ୍ଗପୁର ୭୪ ରନ୍ ରେ ବିଜୟ ଲାଭ କରିଅଛି । ସତୀ ଖେଳପଡିଆ ଠାରେ ସମ୍ବଲପୁର ବନାମ କଳାହାଣ୍ଡି ମ୍ୟାଚ୍ ରେ ସମ୍ବଲପୁର ୧୨୭ ରନ୍ ରେ ବିଜୟ ଲାଭ କରିଥିଲାବେଳେ ମାଲକାନଗିରି ବନାମ ନୟାଗଡ଼ ମ୍ୟାଚ୍ ରେ ମାଲକାନଗିରି ୮ ୱିକେଟ୍‌ରେ ବିଜୟ ଲାଭ କରିଅଛି । ତର୍ତ୍ତଙ୍ଗ ମିନିଷ୍ଟାଡିୟମ ଠାରେ ମୟୂରଭଞ୍ଜ ବନାମ ଖୋର୍ଦ୍ଧା ମ୍ୟାଚ୍ ରେ ଖୋର୍ଦ୍ଧା ୬ ୱିକେଟ୍ ରେ ବିଜୟ ଲାଭ କରିଥିଲାବେଳେ, ଝାରସୁଗୁଡ଼ା ବନାମ କେଉଁଝର ମ୍ୟାଚ୍ ରେ କେଉଁଝର ୫ୱିକେଟ୍ ରେ ବିଜୟ ଲାଭ କରିଅଛି । ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ଖେଳ ପଡିଆ ରେ ଅନୁଗୁଳ ବନାମ ଢେଙ୍କାନାଳ ମ୍ୟାଚ୍ ରେ ଢେଙ୍କାନାଳ ୧ ୱିକେଟ୍‌ରେ ବିଜୟ ଲାଭ କରିଥିଲାବେଳେ ଗଂଜାମ ବନାମ ଭଦ୍ରକ ମ୍ୟାଚ୍ ରେ ଭଦ୍ରକ ୫୫ ରନ୍‌ରେ ବିଜୟ ଲାଭ କରିଅଛି । ସେହିପରି ୧୭ବର୍ଷରୁ କମ ବାଳିକା ବିଭାଗରେ ପୁନଙ୍ଗ ସ୍ଥିତ ପୋଲିସ ବାରକ୍ଷକ ପଡିଆରେ କେଉଁଝର ବନାମ ସମ୍ବଲପୁର ମ୍ୟାଚ୍ ରେ ସମ୍ବଲପୁର ୪ ରନ୍ ରେ ବିଜୟ ଲାଭ କରିଥିଲାବେଳେ ଭୁବନେଶ୍ୱର ବନାମ ଭଦ୍ରକ ମ୍ୟାଚ୍ ରେ ଭୁବନେଶ୍ୱର ୯ ୱିକେଟ୍ ରେ ଏବଂ ମୟୂରଭଞ୍ଜ ବନାମ ନବରଙ୍ଗପୁର ମ୍ୟାଚ୍ ରେ ମୟୂରଭଞ୍ଜ ୨ରନ୍ ରେ ବିଜୟ ଲାଭ କରିଅଛି ।ଜୟଦୁର୍ଗା ଯୁଥ ଆଥଲେଟିକ କ୍ଲବ ଖେଳ ପଡିଆରେ ବଲାଙ୍ଗୀର ବନାମ ପୁରୀ ମ୍ୟାଚ୍ ରେ ପୁରୀ ୯ ୱିକେଟ୍ ରେ,କଟକ ବନାମ ଅନୁଗୁଳ ମ୍ୟାଚ୍ ରେ କଟକ ୯ ୱିକେଟ୍‌ରେ ଓ ବଲାଙ୍ଗୀର ବନାମ ଝାରସୁଗୁଡ଼ା ମ୍ୟାଚ୍‌ରେ ବଲାଙ୍ଗୀର ୯ ୱିକେଟ୍ ରେ ବିଜୟ ଲାଭ କରିଛନ୍ତି । ସମସ୍ତ ମ୍ୟାଚ୍ କୁ ଜିଲ୍ଲା ଶିକ୍ଷାଧିକାରୀ କେଶବ ମେହେରଙ୍କ ମାର୍ଗଦର୍ଶନରେ ଏବଂ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ରାଜଶ୍ରୀ ସାହୁ, ଡ. ସୁଶାନ୍ତ ମହାନ୍ତି, ସହକାରୀ ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ପରିଡା ଓ ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ଜୟନ୍ତ କୁମାର ରକ୍ଷିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ପ୍ରତ୍ୟେକ ମ୍ୟାଚ୍ ସ୍ଥଳରେ ଜଗତସିଂହପୁର ଜିଲ୍ଲା ଜୁନିଅର ରେଡକ୍ରସ ତରଫରୁ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯାଇଥିଲା ବେଳେ ପ୍ରତିଦିନ ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପସ୍ଥିତ ସମସ୍ତ ଖେଳାଳି ଉପଭୋଗ କରିଥିଲେ । ଏହି ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କ୍ରିକେଟ ପ୍ରତିଯୋଗିତାରେ ସମସ୍ତ ବ୍ଲକର ବ୍ଲକ ଶିକ୍ଷାଧିକାରୀ,ଏହି କ୍ରିକେଟ ପ୍ରତିଯୋଗିତା ପାଇଁ ଗଠିତ ଜିଲ୍ଲା କମିଟିର ସମସ୍ତ ସଦସ୍ୟ ସଦସ୍ୟା ଓ ରାଜ୍ୟ କର୍ମକର୍ତ୍ତା ମାନେ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ଓ ସହଯୋଗ ପ୍ରଦାନ କରିଥିଲେ ।

ବେଦର ଗୁପ୍ତ ରହସ୍ୟ ଶୀର୍ଷକ ଆଲୋଚନା ଚକ୍ର ପ୍ରସ୍ତୁତି ବୈଠକ

ପୁରୀ, ୦୯/୧୨ (ଆ.ପ୍ର) : କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର ଓ ଅରୋଜ୍ୟୋତି ଟ୍ରଷ୍ଟ ପୁରୀର ମିଳିତ ଆନୁକୂଲ୍ୟରେ ତା.୧୨.୧୨.୨୦୨୫ ରୁ ତା. ୧୩.୧୨.୨୦୨୫ ପର୍ଯ୍ୟନ୍ତ ଦୁଇ ଦିନ ବ୍ୟାପି ବେଦର ଗୁପ୍ତ ରହସ୍ୟ ଶୀର୍ଷକ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ଏହାକୁ ରାଜେନ୍ଦ୍ର ନାରାୟଣ କୃଷି ବୈଷୟିକ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଆନୁଷ୍ଠାନିକ ଭାବେ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ଦ୍ୱିଦିବସୀୟ ଆଲୋଚନାଚକ୍ରରେ ରାଜ୍ୟ ତଥା ଦେଶର ବିଭିନ୍ନ ପ୍ରାନ୍ତରୁ ବିଦ୍ୱାନମାନେ ଅଂଶଗ୍ରହଣ କରି ବେଦର ରହସ୍ୟ ଉପରେ ବିବିଧ ଦିଗରୁ ଚର୍ଚ୍ଚା କରିବେ ବୋଲି ମଙ୍ଗଳବାର ଦିନ ପରିସରର ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପରିସରର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ଅରୋଜ୍ୟୋତି ଟ୍ରଷ୍ଟ, ପୁରୀର ଟ୍ରଷ୍ଟି ବିପିନାନନ୍ଦ ମିଶ୍ର ସୂଚନା ପ୍ରଦାନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମର ସଂଯୋଜକ ଡକ୍ଟର ପ୍ରିୟରଞ୍ଜନ ରଥ ଯୋଗ ଦେଇଥିବା ବେଳେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ପରିସରର ଅଧ୍ୟାପକ ତଥା ପରିସରର ଜନ ସମ୍ପର୍କ ଅଧିକାରୀ ଡକ୍ଟର ବିଶ୍ୱନାଥ ମିଶ୍ର ଓ ଧନ୍ୟବାଦ ପ୍ରଦାନ କରିଥିଲେ ଅଧ୍ୟାପକ ତଥା ପରିସରର ସହ ଜନ ସମ୍ପର୍କ ଅଧିକାରୀ ଡକ୍ଟର ରୁଦ୍ର ପ୍ରସାଦ ମିଶ୍ର ।

ମରଣଯନ୍ତା ପାଲଟିଛି ଯାଜପୁର ସହରର ଗରିଆପୁର ମୁକୁଳା ଡ୍ରେନ

ଯାଜପୁର, ୦୯/୧୨ (ଆ.ପ୍ର) : ଯାଜପୁର ସହରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାସ୍ତା ହେଉଛି ଯାଜପୁର ସହର ର ଗରିଆପୁର ଛକ । ରାତି ପାହିଲେ ଆବାଳବୃଦ୍ଧବନିତା ସମସ୍ତେ ସେହି ରାସ୍ତା ଦେଇ ସହର ମଧ୍ୟରେ ଯିବାଆସିବା କରିବା ପାଇଁ ଚଳଚଂଚଳ ହୋଇପଡୁଥିବା ଦେଖିବାକୁ ମିଳେ । କୁନିକୁନି ପିଲାମାନେ ସେହି ରାସ୍ତା ଦେଇ ସ୍କୁଲ ଯିବା ଆସିବା କରୁଥିବା ବେଳେ କଲେଜ ଛାତ୍ରଛାତ୍ରୀଙ୍କ ପାଇଁ ଏହି ରାସ୍ତାଟି ବହୁ ଗୁରୁତ୍ୱପୂର୍ଣ୍ଣ ଅଟେ । କାରଣ ସବୁ ଆଡ଼େ ଯିବାଆସିବା କରିବାର ସଂଯୋଗ କରୁଥିବା ରାସ୍ତାଟି ହେଲା ଗରିଆପୁର ଛକ । ବଡ଼ ବିଡ଼ମ୍ବନାର ବିଷୟ ହେଉଛି ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନ ଗୁଡ଼ିକ ମୁକୁଳା ହୋଇ ପଡ଼ିଥିବା ଦେଖିବାକୁ ମିଳେ । ଏଥିପାଇଁ ବହୁ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟି ବହୁ ଧନଜୀବନ ହାନୀ ହେଉଥିବା ବେଳେ, ଏହାର ସ୍ଥାୟୀ ସମାଧାନ ପାଇଁ ଯାଜପୁର ପୌରପାଳିକା ପକ୍ଷରୁ ଜମାରୁ ଦୃଷ୍ଟି ଆକର୍ଷଣ ହେଉନଥିବାର ଅଭିଯୋଗ ହେଉଛି । ଗରିଆପୁର ମୁଖ୍ୟ ରାସ୍ତାକୁ ଜୋର ଜବରଦଖଲ କରି ରଖିଥିବା ବ୍ୟକ୍ତିମାନଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଯାହା ଫଳରେ ସର୍ବସାଧାରଣ ଲୋକେ ସେହି ରାସ୍ତା ଦେଇ ଯିବାଆସିବା କରିବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବ ସରକାରଙ୍କ ସମୟରେ ହୋଇଥିବା ଯାଜପୁର ସହରର ଉନ୍ନତି ମୂଳକ କାର୍ଯ୍ୟକ୍ରମ ଅଧାଗଢ଼ା ହୋଇ ପଡ଼ିରହିଛି । ନୂତନ ସରକାର ଆସିବାକୁ ୧୭ ମାସ ହୋଇଯାଇଥିଲେ ମଧ୍ୟ ଯାଜପୁରର ବିକାଶ ଦିଗରେ ନୂତନ ସରକାର କୌଣସି ପଦକ୍ଷେପ ନିଆଯାଇନଥିବା ଦେଖିବାକୁ ମିଳେ । ଯାଜପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଗରିଆପୁର ମୁଖ୍ୟ ରାସ୍ତା କଡ଼ରେ ଥିବା ଡ୍ରେନ ଗୁଡ଼ିକ ଅବସ୍ଥା ସଙ୍କଟାପନ୍ନ ହୋଇଥିବା ବେଳେ ଡ୍ରେନ ଉପରେ ସ୍ଲାପ୍ ପକାଇବାର ବ୍ୟବସ୍ଥା କରିବା ପାଇଁ ଯାଜପୁର ସହରର ସମସ୍ତ ଜନସାଧାରଣ ଓ ବୁଦ୍ଧିଜୀବ ମାନେ ଦାବି କରିଛନ୍ତି ।

ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଶ୍ରୀମଦ ଭାଗବତ ଜ୍ଞାନଯଜ୍ଞ ଅନୁଷ୍ଠିତ

ଚନ୍ଦାହାଣ୍ଡି, ୦୯/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକର ଦଳବେଡା ଗ୍ରାମଠାରେ ମାଁ ଠାକୁରାଣୀ ଭାଗବତ ତୁଙ୍ଗି ଆନୁକୂଲ୍ୟରେ ସାତଦିନ ବ୍ୟାପି ମହାଲକ୍ଷ୍ମୀ ପୂଜା ଉପଲକ୍ଷେ ଶ୍ରୀମଦ ଭାଗବତ ଜ୍ଞାନଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଭାଗବତ କଥାକୁ ସ୍ୱାମୀ ଅସୀମାନନ୍ଦ ସରସ୍ୱତୀଙ୍କ କୃପାପାତ୍ର ବ୍ରହ୍ମଚାରି ସତ୍ୟ ଚୈତନ୍ୟ ଗାନ କରିଥିଲେ । ଏଥିରେ ହରିହାଟ ବା ଆନନ୍ଦମୁଖୀ ଭାଗବତ ପାଠ, ପିତୃମାତୃ ପୂଜନ, ପ୍ରତିଭା ଅନ୍ୱେଷଣ, ଶୁଭକର୍ମ କରିବା ପାଇଁ ସଂକଳ୍ପ ସୂତ୍ର ଧାରଣ, ଗୃହ ପରିକ୍ରମା, ଦିଅଁ ମାଜଣା, ବିଦ୍ୟା ଆରମ୍ଭ ସଂସ୍କାର ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ । ପୂଜକ ପଣ୍ଡିତ ସୁରେଶ ଚନ୍ଦ୍ର ପଣ୍ଡା, ପଣ୍ଡିତ ସୁଧୀର ପ୍ରସାଦ ନନ୍ଦ ଏବଂ କର୍ତ୍ତା ଭାବେ ନୃସିଂହ ମାଝୀ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ମାଝୀ, ଓ ତ୍ରିନାଥ ଧୁରୁଆ ଧର୍ମପତ୍ନୀ ଜୟମନୀ ଧୁରୁଆ ଦମ୍ପତିରେ ରହିଥିଲେ । ଏହି ଭାଗବତ କାର୍ଯ୍ୟକ୍ରମକୁ ସଭାପତି ଚନ୍ଦ୍ର ମାଝୀ, ଉପସଭାପତି ମାଧବ ଧୁରୁଆ, ସମ୍ପାଦକ ମଙ୍ଗଳ ନାୟକ, ସହ ସମ୍ପାଦକ ଭୁବନେଶ୍ୱର ପୂଜାରୀ, କୋଷାଧ୍ୟକ୍ଷ ଚରଣସିଂହ ନାୟକ, ତାରାଚନ୍ଦ ମାଝୀ, ନାଇକୁ ମାଝୀ, କ୍ଷେତ୍ରମୋହନ ନାୟକ, ଲାଲୁ ମାଝୀ, ପୂର୍ଣ୍ଣଚନ୍ଦ୍ର ଧୁରୁଆ, ନିଙ୍ଗା ମାଝୀ, ବଳି ପୋଟା, ଘନଶ୍ୟାମ ନାୟକ, ରୁକଧର ନାୟକ, ଅପିନ୍ଦ୍ର ନାୟକ, ଗୁଣଧର ମାଝୀ, ଜଗନ୍ନାଥ ଗୌଡ଼, ଚଣ୍ଡିମଳ ନାଗ,ଚିଦାନନ୍ଦ ନାୟକ, କୁମର ସୁନାନୀ, ଧବଳେଶ୍ୱର ଜାଲ, ବହାଦୁର ମାଝୀ, ଟିକ୍ରନ ମାଝୀ, ଓ ସମସ୍ତ ଦଳବେଡା ଗ୍ରାମ ବାସୀମାନେ ସହଯୋଗ କରିବା ସହିତ ପରିଚାଳନା କରିଥିଲେ ।

ରାଜଶ୍ରୀ ପବ୍ଲିକ ସ୍କୁଲରେ ୧୪ତମ ବିଜ୍ଞାନ, କଳା ଓ ହସ୍ତକର୍ମ ପ୍ରଦର୍ଶନୀ ଉଦ୍‌ଘାଟିତ

ସିନାପାଲି, ୦୯/୧୨ (ଆ.ପ୍ର) : ସିନାପାଲି ସହରସ୍ଥ ରାଜଶ୍ରୀ ପବ୍ଲିକ ସ୍କୁଲ ପରିସରରେ ଆଜି ବିଭିନ୍ନ ଆକର୍ଷଣୀୟ କାର୍ଯ୍ୟକ୍ରମ ସହ ୧୪ତମ ବିଜ୍ଞାନ, କଳା ଓ ହସ୍ତକର୍ମ ପ୍ରଦର୍ଶନୀ ଧୁମଧାମ ଆୟୋଜିତ ହୋଇଯାଇଛି । ଉଦଘାଟନୀ ସଭାରେ ସ୍କୁଲର ଚେୟାରମ୍ୟାନ ରାଜେଶ କୁମାର ଅଗ୍ରୱାଲ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟିମନପୁରର ଅଧ୍ୟକ୍ଷ ଶିବୁକୁମାର ବିଶ୍ୱାଳ, ମୁଖ୍ୟ ବକ୍ତା ଭାବେ ସରକାରୀ ଉ.ପ୍ରା. ବିଦ୍ୟାଳୟ, ନୀଳଜିର ପ୍ରଧାନଶିକ୍ଷକ ସତ୍ୟବ୍ରତ ଗହୀର, ସମ୍ମାନିତ ଅତିଥି ଭାବେ ନୀଳଜି ପଂଚାୟତ ସରପଂଚ ଲକ୍ଷ୍ମଣ ପ୍ରଧାନ ଉପସ୍ଥିତ ଥିଲେ । ପ୍ରକଳ୍ପ ବିଚାରକ ଭାବେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପୋଷ୍ଟ–ଗ୍ରାଜୁଏଟ ଶିକ୍ଷୟତ୍ରୀ ରୋଶନି ନାଏକ ଓ ବିଜ୍ଞାନ ଶିକ୍ଷୟିତ୍ରୀ ହେମଲତା ଚନ୍ଦ୍ରକାନ୍ତ ଯୋଗଦେଇଥିଲେ । ସ୍କୁଲ ଅଧ୍ୟକ୍ଷା ଭାଗ୍ୟବତୀ ପ୍ରଧାନ ଅତିଥିମାନଙ୍କୁ ମଂଚକୁ ଆମନ୍ତ୍ରଣ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଛାତ୍ରୀମାନେ ଫୁଲ ଗୁଚ୍ଛ, ସିନ୍ଦୁର–ଚନ୍ଦନ ଓ ବ୍ୟାଚ ଦେଇ ଅତିଥିମାନଙ୍କୁ ସମ୍ମାନିତ କରିଥିଲେ । ପରେ ଶ୍ରୀଗଣେଶ ପ୍ରତିମାଙ୍କ ପାଖରେ ପୂଜା, ଦୀପାଞ୍ଜଳି ଓ ନାରିକେଳ ଅର୍ପଣ ହୋଇ ବିଦ୍ୟାଳୟର ମଙ୍ଗଳ କାମନା କରାଗଲା । ସଭାରେ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ବୈଜ୍ଞାନିକ ମନୋବୃତ୍ତି ପୋଷଣ କରି ଭବିଷ୍ୟତରେ ବୈଜ୍ଞାନିକ, ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଓ ସୁନାଗରିକ ହୋଇ ଦେଶଗଠନରେ ଯୋଗଦାନ କରିବା ପାଇଁ ପ୍ରେରଣା ଦେଇଥିଲେ । ପ୍ରଦର୍ଶନୀରେ ସ୍କୁଲର କୁନି–କୁନି ଛାତ୍ରଛାତ୍ରୀମାନେ ୩ଟି ବିଭାଗରେ ମୋଟ ୧୧୦ଟି ପ୍ରକଳ୍ପ ପ୍ରଦର୍ଶନ କରି ନିଜମାନଙ୍କ ଜ୍ଞାନ, କୌଶଳ ଏବଂ ସୃଜନଶୀଳତା ଦେଖାଇଥିଲେ । ଅପରାହ୍ନରେ ଉତ୍କୃଷ୍ଟ ପ୍ରକଳ୍ପ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଗଲା । ଶେଷରେ ଅଧ୍ୟକ୍ଷା ଧନ୍ୟବାଦ ଜ୍ଞାପନ କରି ସଭାର ସମାପନ ଘୋଷଣା କଲେ ।

ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶରେ ମାପଚୁପ ହେଲା ରାସ୍ତା ଜବରଦଖଲ ହଟିଲା ଦୂରହେଲା ଲୋକଙ୍କ ସମସ୍ୟା

ତିର୍ତ୍ତୋଲ, ୦୯/୧୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ, ଗରାମ ପଂଚାୟତ ଅଧିନ ଖଣ୍ଡକୋପାଳ ଗ୍ରାମର ଉତ୍ତମ ବାରିକ ନାମକ ଜଣେ ବ୍ୟକ୍ତି ସରକାରୀ ରାସ୍ତା ଉପରେ, ଜବରଦଖଲ କରି ବାରଣ୍ଡା ନିର୍ମାଣ କରିଥିବାରୁ ଦୀର୍ଘ ଦୁଇଦଶନ୍ଧି ଧରି ଏଠାରେ ସରକାରଙ୍କ ଅନୁଦାନ ରେ କଂକ୍ରିଟରୋଡ୍ ନିର୍ମାଣ ହୋଇ ପାରିନଥିଲା । ଏହାର ପ୍ରତିବାଦ ରେ ଆଖପାଖ ତୁଳଙ୍ଗ, ଜଗନ୍ନାଥପୁର, ଗୋବିନ୍ଦପୁର ଆଦି ଚାରି ପଂଚାୟତ ର ଅଧିବାସୀ ମାନେ ବାରମ୍ବାର ରାଜସ୍ୱନିରୀକ୍ଷକଙ୍କ କାର୍ଯ୍ୟାଳୟ, ତିର୍ତ୍ତୋଲ ତହସିଲ ଅଫିସ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଦୌଡି ଦୌଡ଼ି ନାକେଦମ ହେବାକୁ ପଡିଥିଲା । ଶେଷରେ ନିରୁପାୟ ହୋଇ ଗ୍ରାମବାସୀମାନେ ଉପଯୁକ୍ତ ନ୍ୟାୟ ପାଇବା ପାଇଁ ଆବେଦନ କରିବା ପରେ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଓ ଜଗତସିଂହପୁର ଉପଜିଲ୍ଲାପାଳଙ୍କ ଆଦେଶ ଅନୁଯାଇ, ଗତ ଡିସେମ୍ବର ୯ ତାରିଖ ମଙ୍ଗଳବାର ଦିନ ଏଗାରଟା ବେଳେ ବୃତାନ୍ତ ମାପଚୁପ ହେବ ବୋଲି ନୋଟିସ ହୋଇଥିବା ବେଳେ ଦୀର୍ଘ ଅପେକ୍ଷାଘଂଟା ପରେ, ଆର ଆଇ ପୁରୁଷୋତମ ସେଠି ଓ ସରକାରୀ ଅମିନ ଗାଲୁ ମାଝି ଓ ଜଣେ ସହଯୋଗୀଙ୍କୁ ନେଇ ସେଠାରେ ପହଂଚିବା ପରେ ଘଂଟାଘଂଟା ଧରି ଅପେକ୍ଷାରେ ଥିବା ସ୍ଥାନୀୟ ଜନପ୍ରତିନିଧି ଓ ଅଧିବାସୀ ମାନଙ୍କ ମଧ୍ୟରେ ଉତେଜନା ପ୍ରକାଶ ପାଇଥିଲା । ମୁରବିଶ୍ରେଣୀୟ ଲୋକମାନେ ଆପୋଷ ବୁଝାସୁଝା କରିବା ପରେ ଅପରାହ୍ନରେ ମାପଚୁପ କରାଯାଇ, ସବୁଥର ଭଳି ସେହି ଜବରଦଖଲ ସ୍ଥାନ ନିରୂପଣ କରାଯାଇ କିଳା ପୋତା ଯାଇଥିଲା । ତେବେ ସବୁଥର ଭଳି ଏଥର ମଧ୍ୟ ଏହି ଜବରଦଖଲକୁ ହଟାଯିବ ନାଁ ପୂର୍ବପରି କେବଳ ମାପଚୁପରେ ରହିଯିବ ବୋଲି ଗ୍ରାମବାସୀ ଓ ଜନପ୍ରତିନିଧି ମାନେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିଙ୍କ ସମ୍ମୁଖରେ ନିଜନିଜର ପ୍ରତିକ୍ରିୟା ପ୍ରକାଶ କରିଅଛନ୍ତି । ତଥାପି ଦୀର୍ଘ କୋଡି ଏବର୍ଷ ପରେ ଉଚ୍ଚନ୍ୟାୟାଳୟର ନିର୍ଦ୍ଦେଶରେ ଏହି ବୃତାନ୍ତ ମାପଚୁପ ହୋଇଥିବାରୁ ସାଧାରଣରେ ଆଶ୍ୱସ୍ତି ପ୍ରକାଶ ପାଉଛି । ତେବେ ଏହି ମାପଚୁପ ସମୟରେ ଗରାମ ସରପଂଚ ପ୍ରଦ୍ୟୁମ୍ନ କେଶରୀ ଚଇନି, ସମିତିସଭ୍ୟ ଉମେଶ ଚନ୍ଦ୍ର ବାରିକ, ଜଗନ୍ନାଥପୁର ସରପଂଚ ସୁଶାନ୍ତ କୁମାର ନାୟକ, ନମିନି ଶେଖ ରଫିକ ଉଦ୍ଦିନ, ନିକୁଞ୍ଜ କିଶୋର ଶତପଥୀ, ମାନବାଧିକାର କର୍ମୀ ସତ୍ୟବ୍ରତ ଶତପଥୀ, ସ୍ଥାନୀୟ ଅମିନ ରାଜକିଶୋର ପ୍ରଧାନ, ପ୍ରଦ୍ୟୁମ୍ନ ତ୍ରିପାଠୀ, ଗଗନ ଖୁଣ୍ଟିଆ, ଜଗବନ୍ଧୁ ସାହୁ, କାଳନ୍ଦୀ ଶତପଥୀ, ଯଦୁମଣି ବାରିକ, ପ୍ରଶାନ୍ତ ପଣ୍ଡା ଓ ରଶ୍ମିରଞ୍ଜନ ଶତପଥୀ ଙ୍କ ସମେତ ସମସ୍ତ ଗ୍ରାମବାସୀ ଓ ଜବରଦଖଲକାରୀ ଉତମ ବାରିକ ମଧ୍ୟ ଉପସ୍ଥିତ ଥିବାର ଦେଖିବାକୁ ମିଳିଥିଲା । ତେବେ ଦେଖିବାକୁ ବାକିରହିଲା, ସରକାରଙ୍କ ତରଫରୁ କେବେ ଉଚ୍ଛେଦ ହେଉଛି, ପର୍ବ୍ୱିକରାସ୍ତା ଉପରେ ଥିବା ଜବରଦଖଲ ଆଉ କେବେ ନିର୍ମାଣ ହେବାକୁ ଯାଉଛି ଅଧାପନ୍ତରିଆ ହୋଇ ପଡିରହିଥିବା କଂକ୍ରିଟ ରାସ୍ତା ତାହା ଦେଖିବାକୁ ବାକି ରହିଲା ।

ବିବାହିତା ନାବାଳିକାଙ୍କୁ ଉଠାଇ ଆଣିଲେ ସିଡିପିଓ

ଗଣିଆ, ୦୯/୧୨ (ଆ.ପ୍ର) : ବାଲ୍ୟ ବିବାହ ନୟାଗଡରେ ଏକ ବ୍ୟାଧି ପାଲଟିଗଲାଣି । ଜିଲ୍ଲାର ବିଭିନ୍ନ ସ୍ଥାନରେ ବାଲ୍ୟ ବିବାହ ଦିନକୁ ଦିନ ବଢିବାରେ ଲାଗିଛି । ତେବେ ଗଣିଆ ବ୍ଲକର ଛାମୁଣ୍ଡିଆ ପଂଚାୟତ ମହୁକଣ ଗ୍ରାମରେ ବିବାହ କରିଥିବା ଏକ ନାବାଳିକାଙ୍କୁ ଉଠାଇ ଆଣିଛନ୍ତି ଗଣିଆ ସିଡିପିଓ ଲକ୍ଷ୍ମୀରାଣୀ ସାହୁ । ନାବାଳିକା ଜଣକର ମହିପୁର କୃଷ୍ଣଚନ୍ଦ୍ରପୁର ହୋଇଥିବା ବେଳେ ସେ ଗତ ୨୦୨୨ ମସିହାରୁ ବିବାହ କରି ମହୁକଣରେ ରହୁଥିଲେ । ନାବାଳିକା ଜଣଙ୍କୁ ଏବେ ୧୭ ବର୍ଷ ୨ ମାସ ହୋଇଥିବା ବେଳେ ୨୦୨୨ ମସିହାରେ ମାତ୍ର ୧୪ ବର୍ଷ ବୟସରେ ତାଙ୍କୁ ବାହାଘର କରାଯାଇଥିଲା । ଖବରପାଇ ସିଡିପିଓ ଲକ୍ଷ୍ମୀରାଣୀ ସାହୁ,ସୁପରଭାଇଜର କଳ୍ପନା ମିଶ୍ର,ଗଣିଆ ଥାନା ଏଏସଆଇ ଶାହା ଆଲାମ ଖାଁ ପ୍ରମୁଖ ମହୁକଣରେ ପହଂଚି ନାବାଳିକାଙ୍କୁ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିଥିବା ଜଣାପଡିଛି । ତେବେ ନାବାଳିକା ବିବାହ ବନ୍ଦ ପାଇଁ ସରକାରୀ ସ୍ତରରେ ସଚେତନ କରାଯାଉଥିଲେ ମଧ୍ୟ ଏହା ବନ୍ଦ ହେବାର ନାଁ ଗନ୍ଧ ଧରୁ ନାହିଁ ।

କଲ୍ୟାଣସିଂହପୁର ବ୍ଲକ ସ୍ତରୀୟ ଚଇତି ମହୋତ୍ସବ ପାଳିତ

କଲ୍ୟାଣସିଂହପୁର, ୦୯/୧୨ (ଆ.ପ୍ର) : ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ସଦର ବଡ଼ଦାଣ୍ଡ ରଥ ପଡିଆ ଠାରେ ବ୍ଲକ ସ୍ତରୀୟ ଚଇତି ମହୋତ୍ସବ ୨୦୨୫ ପାଳନ ହୋଇ ଯାଇଛି । ଚଇତି ୨୦୨୫ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ମୁଖ୍ୟଅତିଥି ଜିଲ୍ଲାପରିଷଦ ସଭାପତି ସରସ୍ୱତୀ ମାଝୀ ଯୋଗ ଦେଇ ଚଇତି ଷଳ ଉଦଘାଟନ କରିଥିଲେ । ବିଡ଼ିଓ ମନୀଷା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ମାନୀୟ କେନ୍ଦ୍ରୀୟ ଆଦିବାସୀ ଜନଜାତି ମୋର୍ଚ୍ଚା ର ସାଧାରଣ ସମ୍ପାଦକ କାଳିରାମ ମାଝୀ, କଲ୍ୟାଣସିଂହପୁର ବ୍ଲକ (କ)ଜନ ଜିଲ୍ଲା ପରିଷଦ ଭି ଓ୍ୱାରା ପ୍ରସାଦ ରାଓ,ସାଂସଦ ପ୍ରତିନିଧି କୁମାର ସ୍ୱାମୀ କୌଶଲ୍ୟା, କନ୍ଧ କୁଜ ସମାଜ ବ୍ଲକ ସଭାପତି ଯୋଗେନ୍ଦ୍ର ୱାଡାକା, ଉପ ସଭାପତି ଶଙ୍କର ହୁଇକା, ଡମ ସମାଜ ବ୍ଲକ ସଭାପତି ଡାଗାମ ବେନିଆ, ବିଜେପି ବ୍ଲକ ମଣ୍ଡଳ ସଭାପତି ଅଜିତ ପାଣିଗ୍ରାହୀ, କଂଗ୍ରେସ ବ୍ଲକ ସଭାପତି ସି ଏଚ ନାଗେଶ୍ୱର ରାଓ, ଡ୍ରାଇଭର ସଙ୍ଗର ସଭାପତି ଗୋଜେନ୍ଦ୍ର ଗରଡ଼ିଆ,ବ ନଂଚଳ ଅଧିକାରୀ ଚନ୍ଦନ ଗମାଙ୍ଗ, ରାୟଗଡ଼ା ଜିଲ୍ଲା କଳା ସଂସ୍କୃତି ସଙ୍ଘ ଉପ ସଭାପତି ସନ୍ତୋଷ କୁମାର ବଢା, କଲ୍ୟାଣସିଂହପୁର ତହସିଲଦାର ରଞ୍ଜନ କୁମାର ମାନସେଠ, ସମିତି ସଭ୍ୟା ପ୍ରମୁଖ ମଂଚାସିନ ରହିଥିଲେ । କଲ୍ୟାଣୀ ଓ ନାଗାବଳୀ ନଦୀ ସଙ୍ଗମ ସ୍ଥଳ ଶିବ ମନ୍ଦିର ଠାରୁ କଳସ ରେ ଜଳ ସଂଗ୍ରହ କରି ଗ୍ରାମ ପରିକ୍ରମା କରି ଯାତ୍ରା ପରେ ଚଇତି ମଣ୍ଡପରେ ପହଂଚି ଥିଲା । ଗାଁ ଗହଳିରେ ଲୁକାୟିତ୍ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ପାଇଁ ସରକାରୀ ଓ ପ୍ରଶାସନର ଅଭିନବ ପ୍ରୟାସ ଦ୍ୱାରା କରାଯାଇଛି । ଏହି ଚଇତି କାର୍ଯ୍ୟକ୍ରମକୁ ରାୟଗଡା ଡାଡମା ବିଦ୍ୟାଳୟର ଶିକ୍ଷକ ଶ୍ରୀଧର ପଟ୍ଟନାୟକ ପରିଚାଳନା କରିଥିଲେ । ସଂସ୍କୃତିକ କାର୍ଯ୍ୟକୁ ବ୍ଲକର ବିଭିନ୍ନ ବିଦ୍ୟାଳୟ ଏବଂ ସଂକୀର୍ତ୍ତନ ମଣ୍ଡଳୀର କଳାକାର ମାନେ ନୃତ୍ୟ ପରିବେଷଣ କରିଥିଲେ । ଏହା ପରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରି ଥିଲେ ଏବଂ ଶେଷରେ କୁଇ ଓ ଦେଶିଆ ମେଲୋଡ଼ି ମୁଖ୍ୟ ଆକର୍ଷଣ ହୋଇଥିଲା ଯେଉଁଥିରେ ସୁପ୍ରିତ, ପଦ୍ମନ୍ ପାଣି, ଜଗଦାସ ନାଚିକା, ଅଞ୍ଜଳି ବିଭୋର, ମୁନା ହିମିରିକା, ସୁବାସ କୁଳିଶିକା ଓ ଅନେକ କଳାକାର ଗୀତ ଗାଇଥିଲେ ଏହି କାର୍ଯ୍ୟ କ୍ରମକୁ ଫ୍ରିନ୍ଡ ଗ୍ରୁପ୍ସ ମଂଚ ପରିଚାଳନା କରିଥିଲେ ।

ମାଗଣା ଚକ୍ଷୁ ଚିକିତ୍ସା ଓ ସ୍ୱାସ୍ଥ୍ୟ ଚିକିତ୍ସା ଶିବିର

ପାରଳାଖେମୁଣ୍ଡି, ୦୯/୧୨ (ଆ.ପ୍ର) : ଗଜପତି ଜିଲ୍ଲା ମୁଖ୍ୟ କାର୍ଯ୍ୟାଳୟ ପାରଳାଖେମୁଣ୍ଡିର ଗୋଲାସାହିରେ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ନ୍ୟାୟାଳୟର କାର୍ଯ୍ୟନିର୍ବାହୀ ପବ୍ଲିକ୍ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସ୍ଥାନୀୟ ଆଦର୍ଶ ଥାନାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତି ଓ ସମାଜସେବୀ ଏଗୋପୀ ଅତିଥି ରୂପେ ଯୋଗଦାନ କରିଥିଲେ । ବିଶିଷ୍ଟ ସମାଜସେବୀ କୁମାର ରେଡ୍ଡୀଂଙ୍କ ନେତୃତ୍ୱରେ ଅଖିଳ ଭାରତୀୟ ଯୁବାଗଣ ସମିତି ଆନୁକୁଲ୍ୟରେ ଏବଂ ଶିବଶଂକର ମେଡିକାଲ ଷ୍ଟୋର ସହଯୋଗରେ ଅନୁଷ୍ଠିତ ଏହି ଶିବିରରେ ଡ.ପିମନୋହର ଓ ଡ.ରୋଜାଲିନ ୧୦୦ରୁ ଉର୍ଦ୍ଧ୍ୱ ରୋଗୀଂକର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ବିଶେଷକରି ଯକ୍ଷ୍ମା,ଉଚ୍ଚ ରକ୍ତଚାପ, ଥାଏରଏଡ୍ ପ୍ରଭୃତି ପରୀକ୍ଷା କରାଯାଇ ମାଗଣା ଔଷଧ ଦିଆଯାଇଥିଲା । ସେହିପରି ଗୋଷାଣି ବ୍ଲକର ସାଇଲାନ ଗ୍ରାମରେ ସ୍ଥାନୀୟ ବିଦ୍ୟାଳୟ ଠାରେ ଚକ୍ଷୁ ପରଳ ଓ ଗ୍ଲୋକୁମା ମାଗଣା ପରୀକ୍ଷା କରାଯାଇ ଥିଲା । ଏଥିରେ ୭୦ରୁ ଉର୍ଦ୍ଧ୍ୱ ବୃଦ୍ଧବୃଦ୍ଧା ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ । ସେମାନଙ୍କର ମଧ୍ୟରୁ ୧୦ ଜଣକର ଅସ୍ତ୍ରୋପଚାର ସଫଳତାର ସହ ବ୍ରହ୍ମପୁରରେ ହୋଇ ସେମାନେ ଫେରିଥିଲେ । ଏହାକୁ ବ୍ରହ୍ମପୁରର ଇସ୍ପତ ନର୍ସିଂହୋମ ସହଯୋଗ କରିଥିଲେ । ସରପଂଚ ଲକ୍ଷ୍ମଣ ରେଡ୍ଡୀ ଓ ଗାୟତ୍ରୀ ସମାଜର ସନ୍ତୋଷ କୁମାର ଗନ୍ତାୟତ ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଆଗାମୀ ଦିନରେ ଅନ୍ୟାନ୍ୟ ସ୍ଥାନରେ ଏହିଭଳି କାର୍ଯ୍ୟକ୍ରମ କରାଯିବ ବୋଲି ସମାଜସେବୀ ରେଡ୍ଡୀ ଜଣାଇଛନ୍ତି ଏବଂ ସଫଳତାର ସହ ଏହି ସ୍ୱାସ୍ଥ୍ୟ ଚିକିତ୍ସା ଶିବିର କରିଥିବାରୁ ଆୟୋଜକ ସଂଗଠନକୁ ଧନ୍ୟବାଦ ଜଣାଇଛନ୍ତି ।

ସ୍ମୃତି ସାଉଁଟିଲେ ପୁରାତନ ବିଦ୍ୟାର୍ଥୀ

ବାଲିଗୁଡା, ୦୯/୧୨ (ଆ.ପ୍ର) : ବାଲିଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୫ ମ୍ୟାଟ୍ରିକ ବ୍ୟାଚର ବିଦ୍ୟାର୍ଥୀ ଏକାଠି ହୋଇ ସ୍ମୃତି ସାଉଁଟିଲେ । ଏମାନଙ୍କ ମଧ୍ୟରୁ କେହି ବିଦେଶରେ, ଅନ୍ୟକେହି ଜିଲ୍ଲା, ରାଜ୍ୟ ବାହାରେ ଚାକରି ବ୍ୟବସାୟଆଦି କରି ଜିବିକା ନିର୍ବାହ କରୁଛନ୍ତି । ଦୀର୍ଘ ୩୦ ବର୍ଷ ପୂର୍ବରୁ ଏହି ବିଦ୍ୟାଳୟରେ ପଢୁଥିବା ବିଦ୍ୟାର୍ଥୀ ଆଜି ଏକାଠି ହୋଇ ନିଜନିଜ ମଧ୍ୟରେ ଭାବ ବିନିମୟ କରି ପଢୁଥିବା ବିଦ୍ୟାଳୟକୁ ଦେଖିଯାଇଥିଲେ । ସ୍ଥାନୀୟ କଟପୋଟି ପଡିଆର ନଦୀ କୂଳରେ ଏକ ବଣଭୋଜିରଆସର କରିଥିଲେ । ସମସ୍ତ ସାଙ୍ଗ ମାନଙ୍କ ଭଲମନ୍ଦରେ ସାମିଲ ହେବାସହ କୌଣସି ସାଙ୍ଗର ଯଦି କିଛି ଜରୁର ଦରକାର । ସେ ତେବେ ସମସ୍ତେ ଏକ ହୋଇ ସହାୟତାର ହାତ ବଢାଇବାକୁ ନିଷ୍ପତି ନେଇଛନ୍ତି ।

ଇନଭଟର ବ୍ୟାଟ୍ରି ଚୋରୀ ଘଟଣାରେ ୪ ଗିରଫ

ଜଗତସିଂହପୁର, ୦୯/୧୨ (ଆ.ପ୍ର) : ଇନଭଟର ବ୍ୟାଟ୍ରି ଚୋରୀ ଘଟଣାରେ ୪ ଜଣଙ୍କୁ ପୋଲିସ ଆଜି ଗିରଫ କରିଛି । ସେମାନଙ୍କ ମଧ୍ୟରେ ୩ ଅଭିଯୁକ୍ତ ଓ ଜଣେ ରିସିଭର ଅଟେ । ୩ ଅଭିଯୁକ୍ତ ହେଲେ ଖେରସ ଗ୍ରାମର ଭୀମ ସିଂହ (୩୬), ଜିଲୁ ଭୋଇ (୨୮), ଗୁଣିଆ ଓରଫ ଆଶିଷ ଗୁରୁ (୨୫) ଓ ରିସିଭର ରାଜକିଶୋର ଦୃଷ୍ଟି (୪୩) । ଏନେଇ ଜଗତସିଂହପୁର ଥାନାରେ କେସ ନମ୍ବର ୯୬୧/୫. ୧୨. ୨୫ ରେ ଏକ ମାମଲା ରୁଜୁ କରିଥିଲା । ଆଜି ଅଭିଯୁକ୍ତ ମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାପଡିଛି । ଘଟଣାଟି ଏହିପରି ଗତ ୫. ୧୨. ୨୫ ରାତିରେ ଅଭିଯୁକ୍ତ ମାନେ ତର୍ଦ୍ଦିକା ବଜାର ନିକଟରେ ନୂଆ କରି ହୋଇଥିବା ଇରିଗେସନ ଅଫିସର ଆଇବି ଗ୍ରିଲ ତାଲା ଭାଙ୍ଗି ଦୁର୍ବୃତ ମାନେ ଇନଭଟର ବ୍ୟାଟ୍ରି ଚୋରୀ କରି ନେଇଥିଲେ । ତେବେ ଅଭିଯୁକ୍ତ ମାନଙ୍କୁ ଆଜି କୋର୍ଟଚାଲାଣ କରାଯାଇଥିବାର ଥାନା ପକ୍ଷରୁ ଜଣାପଡିଛି ।

ସିଥୋ ଆରମ୍ଭ
SEITHO ARAMBHA
ବୁଧବାର, ୧୦ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୬

ହାଡ଼ଭଙ୍ଗା ଶୀତରେ ଥରୁଛି ସାରା ଓଡ଼ିଶା

ଜି.ଉଦୟଗିରି, ୦୯/୧୨ (ଆ.ପ୍ର) : ଜି.ଉଦୟଗିରି ସମେତ ସାରା ରାଜ୍ୟରେ ଜାରି ରହିଛି ଶୀତ ର ଲହରୀ । ଏକ ସପ୍ତାହ ହେବ ହାଡ଼ ଭଙ୍ଗା ଶୀତରେ ଥରୁଛି ଜି.ଉଦୟଗିରି । ସୋମବାର ଦିନ ସର୍ବନିମ୍ନ ତାପମାତ୍ରା ୪.୩ ଡିଗ୍ରୀ ସେଲସିୟସ ରହିଥିଲା ଜି.ଉଦୟଗିରି ରେ ମଙ୍ଗଳବାର ଦିନ ୪. ୮ ଡିଗ୍ରୀ ସେଲସିୟସ ରହିଥିବା ବେଳେ ଫୁଲବାଣୀରେ ୬. ୮ ଡିଗ୍ରୀ ଓ ଦାରିଙ୍ଗବାଡ଼ି ରେ ୮ ଡିଗ୍ରୀ ରହିଛି । ପ୍ରବଳ ଶୀତ ଓ ଘନ କୁହୁଡ଼ି ଯୋଗୁଁ ଜନ ଜୀବନ ପ୍ରଭାବିତ ହେଉଛି । ବିଶେଷ କରି ଘନ କୁହୁଡ଼ି ଯୋଗୁଁ କଳିଙ୍ଗା ଘାଟିରେ ଯାନବାହାନ ଚଳାଚଳ ଅସୁବିଧା ହେଉଛି ଓ ଦୁର୍ଘଟଣା ମଧ୍ୟ ବଢ଼ୁଛି । ଏଣେ ପ୍ରବଳ ଶୀତ ଯୋଗୁଁ ରାସ୍ତା ପାର୍ଶ୍ୱରେ ରହି ବ୍ୟବସାୟ କରୁଥିବା ସ୍ଥାନୀୟ ଚାଷୀ ମାନେ ବେଶୀ ପ୍ରଭାବିତ ହେଉଛନ୍ତି । ଏଣେ ଶୀତର ମଜା ନେବା ପାଇଁ ରାଜ୍ୟବାହାରୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ି ଚାଲିଛି । କଳିଙ୍ଗା ବନ ଉଦ୍ୟାନର ମଜା ନେବା ସହିତ ଗବେଷଣା ପାଇଁ ଗବେଷକ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଛି । ହିଲଟପ, କଫିବଗିଚା ରେ ପ୍ରବଳ ଗହଳି ଦେଖିବାକୁ ମିଳୁଛି । ଏଣେ ଶୀତ ମହୋତ୍ସବ ପାଇଁ ଜୋର ସୋର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ପ୍ରବଳ ଶୀତ ଯୋଗୁଁ ସକାଳ ୧୦ ଘଂଟା ପୁର୍ବୀ ଘରୁ ବାହାରିବା କଷ୍ଟ ହେଉଛି, ସନ୍ଧ୍ୟା ହେବା କ୍ଷଣି ବଜାରରେ ଗହଳି କମି ଯାଉଛି ଓ ଶୀତ ଦାଉରୁ ରକ୍ଷା ପାଇବା ପାଇଁ ନିଆଁ ଜାଳି ନିଆଁ ପୁଂଉଛନ୍ତି ।

ପଳାତକ ଘୋଷଣା କରିଛନ୍ତି କୋର୍ଟ ଟାଉନ୍ ଥାନା ପକ୍ଷରୁ ଲଟକା ଜାରି

ଯାଜପୁର, ୦୯/୧୨ (ଆ.ପ୍ର) : ପଳାତକ ଘୋଷଣା କରୁଛି ଯାଜପୁର ଟାଉନ ଥାନା ପୋଲିସ୍ । ଆଜି ମାନ୍ୟବର କୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଭିନ୍ନ ଭିନ୍ନ କେଶରେ ସମ୍ପୃକ୍ତ ଆସାମୀ ମାନେ ଦୀର୍ଘ ଦିନ ଧରି, ଅଦାଲତ ପକ୍ଷରୁ ନୋଟିସ ଜାରି ହେଉଥିଲେ ମଧ୍ୟ ମାନ୍ୟବର କୋର୍ଟଙ୍କୁ ଅବମାନନା କରିଆସୁଥିବା କାରଣରୁ ସେମାନଙ୍କୁ ପଳାତକ ଘୋଷଣା କରାଯାଇଥିବା ଦେଖିବାକୁ ମିଳିଛି । ଟାଉନ ଥାନା ଅଧିନସ୍ଥ ବାସୁଦେବପୁର ପଂଚାୟତ

ଜାଲପୁର ଗ୍ରାମର ମଦନ ପାଣିଙ୍କ ପୁଅ ଅମରେନ୍ଦ୍ର ପାଣି ଓ ସାନସୁଆର ପଂଚାୟତର ଅରଡ଼ପଡ଼ା ଗ୍ରାମର କୈଳାଶ ଜେନାଙ୍କ ପୁଅ ରାଜେଶ କୁମାର ଜେନାଙ୍କୁ ଆଜି ମାନ୍ୟବର ଅଦାଲତ ଟାଉନ ଥାନା ପୋଲିସ୍ ମାଧ୍ୟମରେ ପଳାତକ ଘୋଷଣା କରିଥିବା ଦେଖିବାକୁ ମିଳିଛି । ଯଦି ୯/୧୨/୨୫ ଠାରୁ ୧/୧/୨୬ ମଧ୍ୟ ରେ ମାନ୍ୟବର କୋର୍ଟଙ୍କ ନିକଟରେ ହାଜର ନ ହୁଅନ୍ତୁ, ତାହେଲେ ମାନ୍ୟବର କୋର୍ଟ ଉଭୟଙ୍କ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିକୁ ବାଜାପ୍ତି କରିବା ପାଇଁ ପଦକ୍ଷେପ ନିଆଯିବ ।

ପ୍ରତିଶ୍ରୁତି ପୂରଣ ନ ହେବାରୁ ଗ୍ରାମବାସୀଙ୍କ ପୁନଃ ଭାରତମାଳା ରାସ୍ତାରୋକ

ପାପଡାହାଣ୍ଡି, ୦୯/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ପାପଡାହାଣ୍ଡି ନିକଟ ଢେ଼ଙ୍ଗାଗୁଡ଼ା ଠାରେ ନିର୍ମାଣଧୀନ ଭାରତମାଳା ରାସ୍ତାକୁ ଓଭରବ୍ରିଜ କିମ୍ବା ଅଣ୍ଡରପାସ ରାସ୍ତା ଦେବା ନିମନ୍ତେ ଢେ଼ଙ୍ଗାଗୁଡ଼ା ପଂଚାୟତ ଏବଂ ମୋକିଆ ପଂଚାୟତର ଚାରୋଟି ଗ୍ରାମର ଲୋକ ଭାରତମାଳା ରାସ୍ତାକୁ ଅବରୋଧ କରି ରଖିଛନ୍ତି । ଫଳରେ ଭାରତମାଳା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଛି, ଉକ୍ତ ରାସ୍ତା ଦେଇ ନବରଙ୍ଗପୁର ଠାରୁ ରାଇଘର ଓ ଉମରକୋଟ ଯାତାୟାତ ପାଇଁ ମୁଖ୍ୟ ରାସ୍ତା ୩୯ ନମ୍ବର ରାଜ୍ୟ ରାଜପଥ ପରିବର୍ତ୍ତେ ନିର୍ମାଣଧୀନ ରାସ୍ତାକୁ ବିକଳ୍ପ ରାସ୍ତା ରୂପେ ବର୍ତ୍ତମାନ ବ୍ୟବହାର କରାଯାଉଛି କିନ୍ତୁ ଏହି ରାସ୍ତାରେ ଆଜି ଗ୍ରାମବାସୀ ଅବରୋଧ କରି ରଖିଥିବା ଯୋଗୁଁ ଅସୁବିଧା ସୃଷ୍ଟି ହୋଇଛି । ଢେ଼ଙ୍ଗାଗୁଡ଼ା, ସିଉନାଗୁଡ଼ା, ଭାଲିଆଗୁଡା ଓ ନୂଆଗୁଡା ଗ୍ରାମର ଶତାଧିକ ମହିଳା, ପୁରୁଷ ଓ ଛୋଟ ଶିଶୁ ମଧ୍ୟ ଏହି ଆନ୍ଦୋଳନ ରେ ସାମିଲ ହୋଇଛନ୍ତି । ଭାରତମାଳା ରାସ୍ତା ନିର୍ମାଣ ଆରମ୍ଭ ବେଳେ ପାପଡାହାଣ୍ଡି ଏକଜିଟ ସକାଶେ କିଛି ପରିବାରଙ୍କୁ ଉଚ୍ଛେଦ ହେବାକୁ ପଡିଥିଲା ସେହି ମାନଙ୍କୁ ଢେ଼ଙ୍ଗାଗୁଡ଼ା ପଂଚାୟତର ନୂଆଁଗୁଡା ଓ ସିଉନାଗୁଡ଼ାକୁ ସ୍ଥାନାନ୍ତର କରାଯାଇଥିଲା । ନୂଆଁଗୁଡା ଓ ସିଉନାଗୁଡ଼ାର ଜନସାଧାରଣ ଅଙ୍ଗନୱାଡି, ସ୍କୁଲ ଓ ପଂଚାୟତ ସକାଶେ ଢେ଼ଙ୍ଗାଗୁଡ଼ା ଏବଂ ମୋକିଆ ଉପରେ ନିର୍ଭର କରୁଥିବା ବେଳେ ଢେ଼ଙ୍ଗାଗୁଡ଼ାର ଜନସାଧାରଣ ରାସ୍ତାର ଅପର ପାର୍ଶ୍ୱରେ ଥିବା ଜମିରେ ଚାଷ କରି ଜୀବିକା ନିର୍ବାହ କରନ୍ତି କିନ୍ତୁ ଏହି ସବୁ ଗ୍ରାମବାସୀଙ୍କ ସକାଶେ ଭାରତମାଳା ରାସ୍ତାରେ ଓଭରବ୍ରିଜ କିମ୍ବା ଅଣ୍ଡରପାସ ନାହିଁ ଫଳରେ ପ୍ରାୟ ସାତ କିଲୋମିଟର ବୁଲି କି ଯିବାକୁ ପଡୁଛି ଏଣୁ ଓଭରବ୍ରିଜ କିମ୍ବା ଅଣ୍ଡରପାସ, ଉଚ୍ଛେଦ ହୋଇଥିବା ଗ୍ରାମ ରେ ଅଙ୍ଗନୱାଡି କେନ୍ଦ୍ର, ପାନୀୟ ଜଳ, ବିଦ୍ୟୁତ ସଂଯୋଗ ଭଳି ମୌଳିକ ସୁବିଧା ଯୋଗାଇବା ଦାବୀ ରେ ରାସ୍ତା ଅବରୋଧ କରିଛନ୍ତି । ଏହି ରାସ୍ତା ରୋକକୁ ପାପଡାହାଣ୍ଡି ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା ଏବଂ କଂଗ୍ରେସ ଦଳର ଜିଲ୍ଲା ସଭାପତି ଡ଼. ଲିପିକା ମାଝୀ, ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ, କଂଗ୍ରେସ ବରିଷ୍ଠ ନେତା ଈଶ୍ୱର ମିର୍ଗାନ , ବ୍ଲକ ସଭାପତି ଓ୍ୱାଜିର ହୁସେନ ସହ ଅନ୍ୟମାନେ ଗ୍ରାମବାସୀଙ୍କ ଦାବୀକୁ ସମର୍ଥନ କରି ରାସ୍ତା ରୋକକୁ ତୀବ୍ରତର କରିଥିଲେ ଖବର ପାଇ ତୁରନ୍ତ ଘଟଣା ସ୍ଥଳରେ ପାପଡାହାଣ୍ଡି ତହସିଲଦାର ତପନକୁମାର ନାୟକ, ଭାରତମାଳା ରାସ୍ତାର ପ୍ରୋଜେକ୍ଟ ମ୍ୟାନେଜର ଅଭିଷେକ ଶର୍ମା ପ୍ରମୁଖ ଆନ୍ଦୋଳନ କାରିଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କୌଣସି ସମସ୍ୟାର ସମାଧାନର ରାସ୍ତା ବାହାରି ପାରିନଥିବାରୁ ଆସନ୍ତାକାଲି ଏନ ଏଚ ଆଇ ପ୍ରକଳ୍ପ ନିର୍ଦ୍ଦେଶକ ଢେ଼ଙ୍ଗାଗୁଡ଼ାରେ ଆସି ତିନିଗ୍ରାମ ବାସୀଙ୍କ ସହ ଆଲୋଚନା କରି ସମସ୍ୟାର ସମାଧାନ ତୁରନ୍ତ କରାଯିବ କହିବାରୁ ରାସ୍ତା ରୋକକୁ ଲୋକେ ଅହରିଥିଲେ । ଏନେଇ କୋଡିଙ୍ଗା ଥାନା ତରଫରୁ ପୋଲିସ ଘଟଣା ସ୍ଥଳରେ ପହଂଚି ଘଟଣାକୁ ତଦାରଖ କରିଥିଲେ ।

ଚାରିଛକ ପ୍ରେସ କ୍ଲବ ପକ୍ଷରୁ ବନ୍ଧୁ ମିଳନ -୨୦୨୫

ନିମାପଡା, ୦୯/୧୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକ ପ୍ରେସ କ୍ଲବ ପକ୍ଷରୁ ଏକ ବନ୍ଧୁ ମିଳନ ଉତ୍ସବ ଅସ୍ତରଙ୍ଗ ନିକଟସ୍ଥ ଗଙ୍ଗା ଦେବୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କ୍ଲବ ର ଉପଦେଷ୍ଟା ପ୍ରଫେସର ଗୋପୀନାଥ କର, ଡଃ ସନ୍ତୋଷ କୁମାର ମିତ୍ର ଆଇ ଆର ଏସ ଚନ୍ଦ୍ର କାନ୍ତ ଦଳାଇ ପଂଚାନନ ସାହୁ ଆଇନଜୀବୀ ରଜନୀକାନ୍ତ ତ୍ରିପାଠୀ, କାହ୍ନୁ ଚରଣ ବେହେରା ସନାତନ ପାତ୍ର, କୃଷ୍ଣ ଚନ୍ଦ୍ର ରାଉତ, ବନବିହାରୀ ଦାଶ ଶିଶିର ନାୟକ, ଅର୍ଜୁନ ପାତ୍ର ଅଧୀନ ପାତ୍ର, ପ୍ରସନ୍ନ ଦାଶ ହିମାଂଶୁ ଦାଶ ଜୟନ୍ତ କୁମାର ସେଠୀ, ଗଙ୍ଗାଧର କର, କୈଳାସ ଚନ୍ଦ୍ର କର ମହେନ୍ଦ୍ର କୁମାର ନାୟକ ସଭାପତି ପ୍ରଫୁଲ କୁମାର କର ଉପ ସଭାପତି ବସନ୍ତ କୁମାର ଦାଶ ସମ୍ପାଦକ ଡଃ କେଦାରନାଥ ସାହୁ ସଂଗଠନ ସମ୍ପାଦକ ବିଜୟ କୁମାର ବେହେରା ସହ ସ ମ୍ପାଦକ ସନ୍ତୋଷ କୁମାର ଦାସ ସହ ସଂପାଦକ ସୁବାସ ଚନ୍ଦ୍ର ସାହୁ କୋଷାଧ୍ୟକ୍ଷ ସୌମ୍ୟ ରଞ୍ଜନ ତ୍ରିପାଠୀ ମିଡ଼ିଆ ସେଲ ସଂଯୋଜକ ବସନ୍ତ କୁମାର ମଲ୍ଲ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ପତି ନାରାୟଣ ବେହେରା ବସନ୍ତ କୁମାର ନାୟକ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ରବିନ୍ଦ୍ର କୁମାର ସାହୁ ପ୍ରଫୁଲ କୁମାର ସାହୁ ଅଚ୍ୟୁତାନନ୍ଦ ମିଶ୍ର ଶଶୀ କାନ୍ତ ତ୍ରିପାଠୀ ଦେବାଶିଷ ନାୟକ ରାଜେଶ କୁମାର ଲେଙ୍କା ପ୍ରଶାନ୍ତ ସାହୁ ବିନୋଦ ପ୍ରଧାନ ସୁଦର୍ଶନ ବେହେରାଙ୍କ ସମେତ ସମସ୍ତ ଉପଦେଷ୍ଟା ଓ ସଦସ୍ୟ ଯୋଗ ଦେଇଥିଲେ. ବୋଟ ରେ ବୁଲିବା ସହ ଭୋଜି ଭାତ ଖାଇ ଖୁସି ମନାଇ ଥିଲେ । ମାତ୍ର ଉକ୍ତ ପୀଠକୁ ଯାତାୟାତ ନିମନ୍ତେ ଭଲ ରାସ୍ତା ଟିଏ ନାହିଁ ପର୍ଯ୍ୟଟକ ମାନଙ୍କ ଗାଡି ରଖିବା ଲାଗି ପାର୍କିଙ୍ଗ ସ୍ଥାନଟିଏ ମଧ୍ୟ ନାହିଁ. ଯାହା ଫଳରେ ଉକ୍ତ ପୀଠ କୁ ବହୁ କମ ସଂଖ୍ୟା ରେ ପର୍ଯ୍ୟଟକ ଆସୁଛନ୍ତି । ରାଜ୍ୟ ଉପ ମୁଖ୍ୟ ମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡା ଓ ସ୍ଥାନୀୟ ବିଧାୟକ ତୁଷାର କାନ୍ତି ବେହେରା ଦୃଷ୍ଟି ଦେବାକୁ ପ୍ରେସ କ୍ଲବର ସଦସ୍ୟ ମାନେ ଦାବୀ କରିଛନ୍ତି ।

ବିଦ୍ୟୁତ ବିଭାଗକୁ ପାରଳା ପୌର ପରିଷଦର ସତର୍କମୂଳକ ଚିଠି

ପାରଳାଖେମୁଣ୍ଡି, ୦୯/୧୨ (ଆ.ପ୍ର) : ଗଜପତି ଜିଲ୍ଲା ବିଦ୍ୟୁତ୍ ବିଭାଗକୁ ପାରଳାଖେମୁଣ୍ଡି ପୌର ପରିଷଦ ତରଫରୁ ସର୍ବସମ୍ମତି କ୍ରମେ ଅବଗତ କରାଯାଇଛି ଯେ ସେମାନଙ୍କ କର୍ମକର୍ତାଗଣ ଗ୍ରାହକ ନଥିବା ବେଳେ ମିଟର ବଦଳାଇ ପାରିବେ ନାହିଁ । ଏହିଭଳି ଅଭିଯୋଗ ଆଗରୁ ବହୁବାର ପୌର କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା । ତେଣୁ ପୌର ପରିଷଦ ସଭ୍ୟ/ସଭ୍ୟାମାନେ ପୌରାଧ୍ୟକ୍ଷା, ବିଧାୟକ ପ୍ରତିନିଧି ଓ ସାଂସଦ ପ୍ରତିନିଧି ମାନଂକ ନଜରକୁ ଆଣିଥିଲେ ଗ୍ରାହକଙ୍କ ବିନା ଅନୁମତିରେ କିମ୍ବା ଘରେ ତାଲା ପଡିଥିବା ବେଳେ ସ୍ମାର୍ଟ ମିଟରକୁ କର୍ତ୍ତୃପକ୍ଷ ବଦଳାଇବା ନଜିର ରହିଛି । ତେଣୁ ବିଦ୍ୟୁତ୍ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଚିଠି ଦ୍ୱାରା ପୌର ପରିଷଦ ତରଫରୁ ଜଣାଇଦିଆଯାଇଛି ଯେ ସେମାନେ ଗ୍ରାହକଙ୍କ ବିନା ଅନୁମତିରେ ମିଟର ବଦଳାଇ ପାରିବେ ନାହିଁ କିମ୍ବା ସ୍ମାର୍ଟ ମିଟର ଲଗାଇବାକୁ ବାଧ କରିପାରିବେ ନାହିଁ ।

କୃଷି ବିଜ୍ଞାନ କେନ୍ଦ୍ର ଜଗତସିଂପୁରରେ ରଙ୍ଗୀନ ମାଛ ଚାଷର ଏକ ଦିନିଆ ସଚେତନତା ଶିବିର



ଜଗତସିଂହପୁର, ୦୯/୧୨ (ଆ.ପ୍ର) : କୃଷି ବିଜ୍ଞାନ କେନ୍ଦ୍ର, ଜଗତସିଂହପୁରର ଆନୁକୂଲ୍ୟରେ NFDB, hydrabadର ଆର୍ଥିକ ସହାୟତାରେ ରଙ୍ଗୀନ ମାଛ ଚାଷ ବିଷୟରେ ୧ ଦିନିଆ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମରେ ଜଗତସିଂପୁର ଜିଲ୍ଲାର ବିଭିନ୍ନ ଗ୍ରାମରୁ ୩୦ ରୁ ଊର୍ଦ୍ଧ୍ୱ ଚାଷୀ ଭାଗ ନେଇଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକଙ୍କ ଉପସ୍ଥିତିରେ କେନ୍ଦ୍ରର ମୁଖ୍ୟ ଡ. ଜୀବନଜିତ ସେନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ମତ୍ସ୍ୟ ବିଶେଷଜ୍ଞ ଶ୍ରୀମତୀ ସରିତା ଦାସ ଭାଗ ନେଇଥିବା ଚାଷୀମାନଙ୍କୁ ଉତ୍ତମ ବୈଜ୍ଞାନିକ ପ୍ରଣାଳୀରେ ରଙ୍ଗୀନ ମାଛ ଚାଷ ଏବଂ ଏହାର ସହଜ ପ୍ରଣାଳୀରେ ପ୍ରଜନନ ବିଷୟରେ ଅବଗତ କରାଇଥିଲେ । ଛୁଆ ଦେଉଥିବା ମାଛ ମଲ୍ଲି, ଗପୀ, ସୋଡଟେଲ, ପ୍ଲାଟି ଓ ଅଣ୍ଡା ଦେଉଥିବା ରଙ୍ଗୀନ ମାଛ କୋଇକାର୍ପ, ଗୋଲ୍ଡ ଫିସ, ଟିଟିଲିଡ୍, ଟେଟ୍ରା, ବାର୍ବ ଆଦି ଲାଭଜନକ ରଙ୍ଗୀନ ମାଛ ପ୍ରଜାତି ଉପରେ ବିଶେଷ । ଭାବରେ ତଥ୍ୟ ପ୍ରଦାନ କରାଯାଇଥିଲା ଓ ରଙ୍ଗୀନ ମାଛର ରୋଗ ଯଥା କଟନ ଉଲ୍ ଡିଜିଜ, ବ୍ୟାକ୍ଟେରିୟାଲ ଡିଜିଜ ଆଦି ରୋଗ ଓ ଏହାର ନିରାକରଣ ପଦ୍ଧତି ଉପରେ ବିଶେଷ ଦୃଷ୍ଟିପାତ କରାଯାଇଥିଲା । ବିଭିନ୍ନ ଲାଭ ଜନକ ପ୍ରଜାତିର ରଙ୍ଗୀନ ମାଛ ଏବଂ ଏହାର ଚାଷ ପ୍ରଣାଳୀ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରାଯାଇଥିଲା । ଅତିଥି ରୂପରେ କୁଜଙ୍ଗ AFO ସ୍ୱସ୍ତିକ ସତ୍ୟରଞ୍ଜନ, SFTA ବିଧାନଚନ୍ଦ୍ର ଦାସ, ତିର୍ତୋଲ ଭିଉଞ୍ଚଇ ପ୍ରିୟଙ୍କା ମହାନ୍ତି ଯୋଗଦାନ କରି ରଙ୍ଗୀନ ମାଛର ଉତମ ପରିଚାଳନା ଓ ଏହି ଚାଷରେ ଥିବା ସରକାରୀ ସୁବିଧା ସୁଯୋଗ ବିଷୟରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଜ୍ଞାନିକ ଦେବାଶିଷ ପଣ୍ଡା, ଡ଼. ପ୍ରଦୀପ୍ତ ମାଝୀ, ସସ୍ମିତା ପୁରୋହିତ, ବଳିଆ ମାଝୀ, ରୁଦ୍ରପ୍ରତାପ ସ୍ୱାଇଁ, ବିଜୟିନୀ ସାହୁ ସହଯୋଗ କରିଥିଲେ ।

ରାଇକିଆରେ ପ୍ରାକ ବଡ଼ଦିନ ଉତ୍ସବ ପାଳନ

ରାଇକିଆ, ୦୯/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ରାଇକିଆ ଠାରେ ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ପକ୍ଷରୁ ପ୍ରାକ ବଡ଼ଦିନ ଉତ୍ସବ ପାଳନ ହୋଇଛି । ରାଇକିଆ ବ୍ଲକ ରେ ଥିବା ପ୍ରାୟ ୮୦ରୁ ଊର୍ଦ୍ଧ ମଣ୍ଡଳୀରୁ ପ୍ରାୟ ବାରଶହ ଖ୍ରୀଷ୍ଟ ବିଶ୍ୱାସୀ ଭାଇ ଭଉଣୀମାନେ ଏହି ଉତ୍ସବରେ ଯୋଗଦେଇଥିଲେ । ଏଥିରେ ବକ୍ତା ଭାବେ କଟକରୁ ଡ଼ଃ ରେଭ-ପ୍ରାଚୀ ରଞ୍ଜନ ଦାଶ ଯୋଗ ଦେଇ 'ଯୀଶୁ ଖ୍ରୀଷ୍ଟ ଜଗତର ତ୍ରାଣ କର୍ତା' ପ୍ରସଙ୍ଗରେ ବାକ୍ୟ ପରିବେଷଣ କରିଥିବା ବେଳେ ସ୍ଥାନୀୟ ଅଂଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ସେଥିମଧ୍ୟରୁ ବ୍ଲକ ଅଧ୍ୟକ୍ଷା ରୀନା ପ୍ରଧାନ, ସରପଂଚ ରାଇକିଆ ଗୀତାଞ୍ଜଳି ନାୟକ, ସରପଂଚ ବେରେଡାକିଆ ଅକ୍ଷୟ ପ୍ରଧାନ, ସରପଂଚ ଉଡିଙ୍ଗିଆ ଅଶୋକ ପ୍ରଧାନ, କୁଇ ସମାଜ ସଭାପତି ଭାସ୍କର ପ୍ରଧାନ, ସମିତି ସଭ୍ୟ ନିରାକାର ଦିଗାଲ, ଜିକୁନ ସାହୁ ଏବଂ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜର ଜିଲ୍ଲା କର୍ମକର୍ତା ମଧ୍ୟରୁ ସଭାପତି କ୍ଳେଶ ପ୍ରଧାନ, ଉପସଭାପତି ଅମୀର ଚାନ୍ଦ ନାୟକ ସମ୍ପାଦକ ପ୍ରଶାନ୍ତ କୁମାର ଦାସ, ଯୁଗ୍ମ ସମ୍ପାଦକ ବିମଳ ଦିଗାଲ, କୋଷାଧ୍ୟକ୍ଷ ଶରତ ଚନ୍ଦ୍ର ନାୟକ ଏବଂ ବିଭିନ୍ନ ସଂଗଠନ ମଧ୍ୟରୁ ଭାରତୀୟ ଅଜାଦି ସଂଘଟନର କର୍ମକର୍ତା, ଭିମାର୍ମି ସଂଘଠନର କର୍ମକର୍ତା, ଆମ୍ବେଦକର ମଂଚର କର୍ମକର୍ତା, ସିଲର କର୍ମକର୍ତା, ପାଷ୍ଟର ଆସୋସିଏସନ ଟ୍ରଷ୍ଟର ସଭ୍ୟ ବୃନ୍ଦ ଯୋଗ ଦେଇଥିଲେ । ଅତିଥି ମାନଙ୍କ ମଧ୍ୟରୁ କ୍ଳେଶ ପ୍ରଧାନ, ଭାସ୍କର ପ୍ରଧାନ ଶୁଭେଚ୍ଛା ବାର୍ତା ପ୍ରଦାନ କରିଥିଲେ । ପ୍ରଥମ ଅଧିବେଶନ ଆରମ୍ଭରେ ସଭାପତି ବାହାନ ପ୍ରଧାନ ଓ ଉପସଭାପତି ମନୋଜ ଦିଗାଲ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ ଓ ଶୀତଲ ନାୟକ ଧର୍ମଶାସ୍ତ୍ର ବାଇବଲରୁ ଲୂକ ପୁସ୍ତକ ୨ ଅଧ୍ୟାୟ ୧୧ ପଦକୁ ପାଠ କରିଥିଲେ । କାର୍ଯ୍ୟକ୍ରମକୁ ସମ୍ପାଦକ ପରିଚାଳନା କରିଥିବାବେଳେ ଦ୍ୱିତୀୟ ଅଧିବେଶନରେ ସଙ୍ଗୀତ ଓ ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମକୁ ଯୁଗ୍ମ ସମ୍ପାଦକ ସନ୍ତୋଷ ଦିଗାଲ ପରିଚାଳନା କରିଥିଲେ ।

ଚୌଦ୍ୱାର ଅଂଚଳରୁ ୭୫ଲିଟର ଦେଶୀ ମଦ ଜବତ, ୩ଗିରଫ



ଟାଙ୍ଗୀ ଚୌଦ୍ୱାର, ୦୯/୧୨ (ଆ.ପ୍ର) : ଅବକାରୀ ସୁପେରିଂଟେଣ୍ଡେଂଟଙ୍କ ନିର୍ଦ୍ଦେଶରେ ଚୌଦ୍ୱାର ଅବକାରୀ ଥାନା ତରଫରୁ ବିଭିନ୍ନ ଅଂଚଳରେ ଚଢ଼ାଉ କରି ହାତରନ୍ଧା ଦେଶୀ ମହୁଲି ମଦ ବିପୁଳ ପରିମାଣର ଜବତ୍ କରିଛି । ଚୌଦ୍ୱାର ଓ ଜଗତପୁର ଅଂଚଳର ବିଭିନ୍ନ ସ୍ଥାନରେ ଚଢାଉ କରି ୭୫ଲିଟର ଦେଶୀ ମହୁଲି ମଦ ଜବତ ହୋଇଛି, ଏହି ଚଢାଉରେ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଚୌଦ୍ୱାର ଅବକାରୀ ଥାନା ପକ୍ଷରୁ ସୂଚନା ଦିଆଯାଇଛି ଏହି ଚଢ଼ାଉରେ ଇନ୍ସପେକ୍ଟର ମାନସୀ ନାୟକ, ବିପିନ ବିହାରୀ ସାହୁ, ଆଶୁତୋଷ ଜେନା, ରାଜକୃଷ୍ଣ ବିଶ୍ୱାଳ, ସୁନିଲ ବଳ, ଲକ୍ଷ୍ମଣ ବେହେରା ପ୍ରମୁଖ ସାମିଲ ଥିଲେ । ଆସାମୀ ମାନଙ୍କ ବିରୁଦ୍ଧରେ ଅବକାରୀ ମାମଲା ରୁଜୁ କରାଯାଇଛି,କେସ ନମ୍ବର ୧୮୪/୨୫,୧୮୫/୨୫,୧୮୬/୨୫ ଅଟେ । ଆସାମି ମାନକର ନାମ ଯଥାକ୍ରମେ ଭଗବାନ ବେହେରା (ଚୌଦ୍ୱାର ତନବଦ୍ୱାର), ଜଗନ ସାମଲ (ଚୌଦ୍ୱାର ମଙ୍ଗଳସାହି) ଓ ଶିଶିର ନାୟକ (ଜଗତପୁର) ।

କୋମନା ବ୍ଲକ୍‌ରେ 'ଜୁହାର' କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନ ମନ୍ତ୍ରୀ ଆବାସ ନିର୍ମାଣ ପାଇଁ ସଚେତନତା ସୃଷ୍ଟି

ନୂଆପଡା, ୦୯/୧୨ (ଆ.ପ୍ର) : କୋମନା ବ୍ଲକ୍ ଦର୍ଲିପଡା ପଂଚାୟତରେ ଏକ ଅଭିନବ କାର୍ଯ୍ୟକ୍ରମ ' ଜୁହାର 'ମାଧ୍ୟମରେ ପ୍ରଧାନ ମନ୍ତ୍ରୀ ଆବାସ ନିର୍ମାଣ ପାଇଁ ହିତାଧୀକାରୀ ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯାଇଛି । ସୂଚନାଯୋଗ୍ୟ ଯେ ଦୀର୍ଘ ଦିନ ଧରି ନିର୍ମାଣ କାର୍ଯ୍ୟାଦେଶ ପାଇଥିଲେ ମଧ୍ୟ ବହୁ ହିତାଧୀକାରୀ ପ୍ରଧାନ ମନ୍ତ୍ରୀ ଆବାସ ନିର୍ମାଣ କରୁନାହାନ୍ତି କିମ୍ବା ଗୃହ ନିର୍ମାଣ ସଂପୂର୍ଣ୍ଣ କରୁ ନାହାନ୍ତି । ଏହା ଫଳରେ ପ୍ରଶାସନ ଉପରେ ଅଯଥା ଚାପ ସୃଷ୍ଟି ହେଉଛି ଏବଂ ନୂତନ କୋଟା ପୂରଣ ପାଇଁ ଅସୁବିଧା ହେଉଛି । ଏହାକୁ ଦୃଷ୍ଟିରେ ରଖି ପ୍ରୋଗ୍ରାମ ମେନେଜର ରୁରାଲ୍ ହାଉସିଂ, ପିଏମ-ଆର୍ଏଚ୍ ନୂଆପଡା ବିଦେଶ ଘୋଷ, ଏବିଡିଓ କୋମନା ଭକ୍ତବନ୍ଧୁ ବୁଡେକ୍, ବିପିସି ଆର୍ ଏଚ ରୁଦ୍ରେଶ୍ୱର ନାଗ ଏବଂ ପିଇଓଙ୍କ ସମ୍ମିଳିତ ଉଦ୍ୟମ କ୍ରମେ ଏକ ଅଭିନବ ଜୁହାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୃଦଙ୍ଗ ଓ ତାଳର ଗୁଞ୍ଜରଣରେ ଭକ୍ତିସହିତ ମନୋହର ଭାବେ କୀର୍ତନ ଦ୍ୱାରା ଏହା ଆରମ୍ଭ ହେଲା । ହାତ ଯୋଡ଼ି ବିନମ୍ର ଭାବରେ ହିତାଧିକାରୀମାନଙ୍କୁ ଅଧିକାରୀ ମାନେ ନିବେଦନ କଲେ ଯେ ଆର୍ଏଚ୍ ଯୋଜନାରେ ପ୍ରାପ୍ତ ଆବାସଗୁଡ଼ିକୁ ସେମାନେ ଶୀଘ୍ର ନିର୍ମାଣ କରି ସ୍ୱପ୍ନର ଘରକୁ ବାସ୍ତବରେ ପରିଣତ କରନ୍ତୁ । କୀର୍ତନ ଓ ମୃଦଙ୍ଗ ତାଳ ସହ ଘରେ ଘରେ ପହଂଚି, ଶ୍ରଦ୍ଧା, ସମ୍ମାନ ଓ ସଚେତନତାର ପରିବେଶ ସୃଷ୍ଟି କରାଯାଇଥିଲା । ହିତାଧିକାରୀ ମାନଙ୍କୁ ମାଳା ଅର୍ପଣ କରି ସମ୍ମାନର ସହ ସେମାନଙ୍କୁ ଘର ନିର୍ମାଣକାର୍ଯ୍ୟ ଶୀଘ୍ର ସମାପ୍ତ କରିବାପାଇଁ ପ୍ରେରିତ କରାଗଲା । ଏହି ନୂତନ ' ଜୁହାର' ଉଦ୍ୟମ ପଂଚାୟତରେ ଜାଗରଣ, ସକାରାତ୍ମକତା ଓ ସମ୍ପୃକ୍ତ ଦାୟିତ୍ୱବୋଧର ଅନୁପମ ପରିବେଶ ସୃଷ୍ଟି କରିଥିଲା ।

ବ୍ଲକସ୍ତରୀୟ ଲୋକ ମହୋତ୍ସବ ମଣ୍ଡେଇ ଅନୁଷ୍ଠିତ, ଅସନ୍ତୋଷ ବ୍ୟକ୍ତ କଲେ ପାରମ୍ପରିକ ଲୋକ କଳାକାର

ଚନ୍ଦାହାଣ୍ଡି, ୦୯/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ ବିଡିଓ, ଚୈତନ୍ୟ ଗଣ୍ଡଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ । ଚନ୍ଦାହାଣ୍ଡି ବ୍ଲକ ପରିସର ରେ ୨୦୨୫ ଲୋକ ମହୋତ୍ସବ ମଣ୍ଡେଇ ପାଳନ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ଚନ୍ଦାହାଣ୍ଡି ବ୍ଲକ ଅଧ୍ୟକ୍ଷା ସୁମିତ୍ରା ପୂଜାରୀ ଯୋଗଦାନ କରି ଥିଲେ । ସମ୍ମାନୀତ ଅତିଥି ଭାବରେ ସାଂସଦ ପ୍ରତିନିଧି ଗୋବିନ୍ଦ କୁମାର ଜୈନ, ବିଧାୟକ ପ୍ରତିନିଧି ପ୍ରତାପ ବାଗ, ଜିଲ୍ଲା ପରିଷଦ ଜୋନ ୧ ସଭ୍ୟା ବର୍ଷାରାଣୀ ପଟେଲ, ଉପାଧ୍ୟକ୍ଷ ବାସୁଦେବ ଗୌଡ଼, ବରିଷ୍ଠ କଂଗ୍ରେସ ନେତା କ୍ଷମରାଜ ବାଘ, ବରିଷ୍ଠ ବିଜେପି ନେତା ଅକାନ୍ତ ଜାନି, ତହସିଲଦାର ସହଦେବ କୁନ୍ଦ୍ରକା, ଗୋଷ୍ଠୀ ଚିକିତ୍ସା ଅଧିକାରୀ ମନୀଷ କୁମାର ପୁରୋହିତ, ପ୍ରମୁଖ ମଞ୍ଚାସିନ ରହି ଥିଲେ । କାର୍ଯ୍ୟକ୍ରମ ଆରମ୍ଭ ପୂର୍ବରୁ ଚନ୍ଦାହାଣ୍ଡି ସ୍ଥିତ ମାଁ ପେଣ୍ଡରାଣୀ ମନ୍ଦିର ରେ ପୂଜାପାଠ କରିବା ସହ ମୁଖ୍ୟ ଅତିଥି ଏବଂ ଅନ୍ୟାନିମନ୍ତ୍ରିତ ଅତିଥି ବ୍ଲକ କର୍ମଚାରୀ ସହ । ପାରମ୍ପରିକ ବାଦ୍ୟ ବାଜଣା ସହ ଏକ ମଶାଳ ଶୋଭାଯାତ୍ରା ବାହାର କରାଯାଇ ଥିଲା । ଏହା ପରେ ବିଡିଓ ଚୈତନ ଗଣ୍ଡଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ଥିଲା । ବୈଠକରେ ଅଂଚଳର ମାଦିଳି, ଘୁଡୁକି,ସମ୍ବଦା, ବନାବାଡ଼ି ପରି ପୁରାତନ କଳାକୁ ଜୀବିତ ରଖିବା ସହ ଏହା ଅଧିକା ଲୋକପ୍ରିୟତା ପାଇଁ ପ୍ରୟାସ କରାଯିବ ଏବଂ ଭଏରା ଘୁମର ଜନ ପ୍ରସାଦର ବିକାଶ ପାଇଁ ପ୍ରୟାସ କରାଯିବ ବୋଲି ବୈଠକ ରେ ଆଲୋଚନା କରାଯାଇ ଥିଲା । ଉତମ ସ୍ୱାସ୍ଥ୍ୟ ସେବା ପାଇଁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ସ୍ୱାସ୍ଥ୍ୟକର୍ମୀ ପ୍ରମିଳା ନାୟକ, ଉମାକାନ୍ତି ଜଗତ, ନମିତା ଖମାରୀ, ଏବଂ ସ୍ୱାସ୍ଥ୍ୟ କର୍ମୀ ଆଶୁତୋଷ ଖମାରୀଙ୍କୁ ମଂଚରେ ଉପଢ଼ୌକନ ଏବଂ ପ୍ରମାଣ ପତ୍ର ସହ ସମ୍ମାନୀତ କରାଯାଇ ଥିଲା । ପୂଜାରୀ ସଂଘର ସଭାପତି ହର ପୂଜାରୀଙ୍କ ତତ୍ତ୍ୱାବଧାନ ରେ ୮୪ ଖଣ୍ଡ ଗ୍ରାମର ଦେବା ଦେବୀ, ଶିରା ପୂଜାରୀ, ଲାଠି ବିମାନ, ପାରମ୍ପରୀକ ନଗେରା ବାଦକ ମାନେ ଯୋଗଦାନ ଦେଇ ଅତି ଚମତ୍କାର ବାଦ୍ୟ ପରିବେଷଣ କରି ଥିଲେ । ଆଂଚଳିକ ଲୋକ କଳାକାର ମାନଙ୍କୁ ଅଣ ଦେଖା କରିବାର ଅଭିଯୋଗ କରି ମାଦଳୀ ଏବଂ ଅନ୍ୟ କଳାକାର ମାନେ କଳା ପରିବେଷଣ ନ କରି ଫେରି ଯାଇ ଥିଲେ । ସେମାନଂକୁ ମଣ୍ଡେଇ କର୍ତ୍ତୃପକ୍ଷ ବୁଝାସୁଝା କରିବା ସତ୍ତ୍ୱେ ସେମାନେ ତାଙ୍କ ଜିଦ ରେ ଅଟଳ ରହି ଫେରି ଯାଇ ଥିଲେ । ସ୍କୁଲ ଛାତ୍ର ଛାତ୍ରୀ ମାନେ କଳା ପରିବେଷଣ କରି ଥିଲେ । ଓର ମାସ, ମିଲେଟ ମିଶନ, ଶିଶୁ ବିଭାଗ, ଆରଏଏଚଆଇ ଏନଆରଜିଏସ ତରଫରୁ ଷ୍ଟଲ ପକା ଯାଇ ଥିଲା । ମଣ୍ଡେଇ କାର୍ଯ୍ୟକ୍ରମକୁ ସୁଷମା ଦାଶ, ଏବଂ ପାନାବେଡା କନିଷ୍ଠ ମହାବିଦ୍ୟାଳୟର ଅଧ୍ୟକ୍ଷ ନଳିନୀ କୁମାର ଦାଶ ପରିଚାଳନା କରି ଥିବା ବେଳେ ସିପି ସତ୍ୟ ଦଣ୍ଡସେନା ସହଯୋଗ କରି ଥିଲେ । ଅନ୍ୟ ମାନଙ୍କ ମଧ୍ୟ ରେ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ପରିଡା, ଜିପିଡିଓ ବାନାମ୍ବର ଦାଶ, ଯୋଗାଣ ନିରୀକ୍ଷକ, ପୃଥ୍ୱିରାଜ ମେହେର, ମତ୍ସ୍ୟ ସମ୍ପ୍ରସାରଣ ଅଧିକାରୀ ଭାବଗ୍ରାହୀ ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ବେହେରା, ଜଳଯୋଗାଣ ସହକାରୀ ଯନ୍ତ୍ରୀ ଅନିତା ପ୍ରଧାନ, ଏପିଓ ଦେବେନ୍ଦ୍ର ବେହେରା, କନିଷ୍ଠ ଯନ୍ତ୍ରୀ ନୀଳକଣ୍ଠ ପଟ୍ଟନାୟକ, ରାଜୀବ ଲୋଚନ ଧଳ, ବ୍ଲକର ସମସ୍ତ ସରପଂଚ, ସମିତି ସଭ୍ୟ ସଭ୍ୟା ଏବଂ ପଂଚାୟତ ନିର୍ବାହୀ ଅଧିକାରୀ ଉପସ୍ଥିତ ରହିଥିବା ବେଳେ । ପାନାବେଡା ମହାବିଦ୍ୟାଳୟ ଛାତ୍ର ଛାତ୍ରୀ, ଆଶା କର୍ମୀ ଅଙ୍ଗନୱାଡି ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ମାନେ ସହଯୋଗ କରି ଥିଲେ ।

ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ପ୍ରଚାର ପ୍ରସାର ପାଇଁ ଗଠନ ହେଲା ସାମାଜିକ ଗଣମାଧ୍ୟମ ଟିମ୍

ଖଣ୍ଡପଡ଼ା, ୦୯/୧୨ (ଆ.ପ୍ର) : ଡିସେମ୍ବର ୨୭ ତାରିଖରୁ ୩୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା । ଆୟୋଜକ କଳା ବିକାଶ ପରିଷଦ ପକ୍ଷରୁ ପ୍ରସ୍ତୁତି ଚାଲୁ ରହିଥିବା ବେଳେ ମହୋତ୍ସବ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ କଳା ବିକାଶ ପରିଷଦ ପକ୍ଷରୁ ସ୍ୱତନ୍ତ୍ର ଭାବେ ସାମାଜିକ ଗଣମାଧ୍ୟମ ଟିମ୍ ଗଠନ କରାଯାଇଛି । ଆଜି ପୂର୍ବାହ୍ନରେ ଖଣ୍ଡପଡ଼ା କଳା ବିକାଶ ପରିଷଦର ସଂଯୋଜକ ରମେଶ କୁମାର ମହାନ୍ତିଙ୍କ ତତ୍ୱାବଧାନରେ ସ୍ଥାନୀୟ ଶୁଭ ମଣ୍ଡପ ପରିସରରେ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରୁ ପାଖାପାଖି ୫୦ରୁ ଊର୍ଦ୍ଧ୍ୱ ବଛାବଛା ସାମାଜିକ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ମହୋତ୍ସବ ସମ୍ପର୍କରେ କିଭଳି ବ୍ୟାପକ ପ୍ରଚାର ପ୍ରସାର କରାଯାଇ ପୂର୍ଣ୍ଣମାତ୍ରାରେ ଲୋକଙ୍କୁ ମହୋତ୍ସବରେ ଭାଗୀଦାରି କରାଯିବ ସେ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ମହୋତ୍ସବ ସମ୍ପର୍କିତ ରଙ୍ଗାରଙ୍ଗ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ବାବଦରେ କିଭଳି ଲୋକ ମାନଙ୍କୁ ସଚେତନ କରାଯିବ ଏବଂ ସାମାଜିକ ଗଣମାଧ୍ୟମ ପ୍ରତିନିଧି ମାନେ କେଉଁ ତରିକାରେ ମହୋତ୍ସବର ସୁଦୂର ପ୍ରଚାର ପ୍ରସାର କରିବେ ସେ ଦିଗରେ କଳା ବିକାଶ ପରିଷଦର ସଭ୍ୟ ପରମେଶ୍ୱର ମହାନ୍ତି ପରାମର୍ଶ ଦେଇଥିଲେ । ବୈଠକରେ ଉପସ୍ଥିତ ସମସ୍ତ ସାମାଜିକ ଗଣମାଧ୍ୟମ ପ୍ରତିନିଧି ମାନେ ପୂର୍ଣ୍ଣ ସହଯୋଗ ମୁତାବକ ଖଣ୍ଡପଡ଼ା ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ବ୍ୟାପକ ପ୍ରଚାର ପ୍ରସାର ଦିଗରେ ଉଦ୍ୟମ ଜାରି ରଖିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ତେବେ ମହୋତ୍ସବ ସମ୍ପର୍କରେ ବ୍ୟାପକ ପ୍ରଚାର ପ୍ରସାର କରାଗଲେ ମହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ସାଙ୍ଗକୁ ଏକ ସୁନ୍ଦର ଭାଇଚାରାର ବାର୍ତ୍ତା ବହନ କରିପାରିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ଆଜିର ବୈଠକକୁ କଳା ବିକାଶ ପରିଷଦର ସାମାଜିକ ଗଣମାଧ୍ୟମ ସଂଯୋଜକ ଭବାନି ଶଙ୍କର ମହାନ୍ତି ପରିଚାଳନା କରିଥିବା ବେଳେ ଅନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ ।

ପିଲାଙ୍କ ଭବିଷ୍ୟତ ସହ ଖେଳ ଖେଳୁଛନ୍ତି ଶିକ୍ଷକ : ପାଠପଢ଼ା ଛାଡି ଧର୍ମଘଟ କରୁଛନ୍ତି କାହା ସ୍ୱାର୍ଥରେ

ମାହାଙ୍ଗା, ୦୯/୧୨ (ଆ.ପ୍ର) : ରାଜ୍ୟରେ ଶିକ୍ଷକମାନଙ୍କ ଆନ୍ଦୋଳନ ଯୋଗୁ ଅନେକ ବିଦ୍ୟାଳୟରେ ପାଠପଢ଼ା ଠପ୍ ହୋଇଯାଇଛି, ଯାହାକୁ ନେଇ ବୁଦ୍ଧିଜୀବି ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି । ସରକାରୀ ବିଦ୍ୟାଳୟ ଗୁଡିକରେ ଠିକ୍ ଭାବରେ ପାଠପଢ଼ାଯାଉ ନଥିବା ବେଳେ ଛାତ୍ରଛାତ୍ରୀ ଅଭାବରେ ଅନେକ ବିଦ୍ୟାଳୟରେ ତାଲା ପଡିଲାଣି । ଗ୍ରାମାଂଚଳରେ ସରକାରୀ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀମାନେ ଓଡ଼ିଆରେ ଠିକ୍ ଭାବରେ ବହି ପଢ଼ି ପାରୁ ନାହାନ୍ତି, ଅଙ୍କ, ଇଂରାଜୀ କଥା ଛାଡ । ଅନେକ ଶିକ୍ଷକ ଅଛନ୍ତି ଯେଉଁମାନେ ଠିକ୍ ଭାବରେ ପାଠପଢ଼ାଇ ଜାଣି ନାହାନ୍ତି । ଶିକ୍ଷକମାନଙ୍କ ଆନ୍ଦୋଳନ ଫଳରେ ଛାତ୍ରଛାତ୍ରୀମାନଙ୍କର ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହୋଇଛି । ଏଣୁ ରାଜ୍ୟ ସରକାର ଶିକ୍ଷକମାନଙ୍କ ଆନ୍ଦୋଳନକୁ ବେଆଇନ ଘୋଷଣା କରିବା ସହିତ ଆନ୍ଦୋଳନରତ ଶିକ୍ଷକମାନଙ୍କ ଦରମା ବନ୍ଦ କରିବାକୁ ସାଧାରଣରେ ଦାବି ହେଉଛି । ଶିକ୍ଷକମାନଙ୍କ ଦାବି ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ କରିବା ସହିତ ଯଦି ତାହା ପୂରଣ ନହେଉଛି ତେବେ କୋର୍ଟରେ ଆଶ୍ରୟ ନେଇପାରିବେ । ନିଜ ହାତକୁ ଆଇନ ନେବା କେତେଦୂର ଯୁକ୍ତିଯୁକ୍ତ, ବିଧାନସଭା କାର୍ଯ୍ୟ ଆରମ୍ଭ ହେଲେ ଶିକ୍ଷକ ଓ ଅନ୍ୟକର୍ମଚାରୀମାନଙ୍କ ଆନ୍ଦୋଳନ ହୋଇଥାଏ । ଏହା ବରାବର ଗୋଟିଏ ଫାର୍ସ ଚାଲିଛି । ଏଣୁ ରାଜ୍ୟ ସରକାର ସାଧାରଣ ଛାତ୍ରଛାତ୍ରୀମାନଙ୍କର ଭବିଷ୍ୟତକୁ ଦୃଷ୍ଟିଦେଇ ତୁରନ୍ତ ଆନ୍ଦୋଳନରତ ଶିକ୍ଷକମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି ।

ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସରେ ଯୋଗ ଦେଲେ ଜିଲ୍ଲା ସଭାପତି ଓ ବ୍ଲକ ଅଧକ୍ଷ

ବାସୁଦେବ ପୁର, ୦୯/୧୨ (ଆ.ପ୍ର) : ବାସୁଦେବପୁର ଅଟଳବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଂସଦ ଖେଳ ମହୋତ୍ସବର ଶୁଭ ଉଦ୍ଘାଟନ ହୋଇ ଯାଇଛି । ବାସୁଦେବପୁର ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସାଂସଦ ଖେଳ ମହୋତ୍ସବର ଦ୍ୱିତୀୟ ଦିବସ ଖେଳ ଅନୁଷ୍ଠିତ ହୋଇ ଯାଇଛି । ଏହି ଖେଳରେ ବାସୁଦେବ ପୁର ନିର୍ବାଚନ ମଣ୍ଡଳୀରୁ ୨୫୦ ପିଲା ଭାଗ ନେଇ ଥିଲେ, ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହୋଇଛି । ଏହି ଖେଳକୁ ପରିଚାଳନା କରୁଥିଲେ ଗଙ୍ଗାଧର ସେଠୀ, ଏଥିରେ ଯୋଗ ଦାନ କରି ଥିଲେ ଜିଲ୍ଲା ସଭାପତି ଭଗବାନ ପଣ୍ଡା ତଥା ବାସୁଦେବପୁର ବ୍ଲକ ଅଧକ୍ଷ ନରେନ୍ଦ୍ର ପ୍ରସାଦ ବିଶ୍ୱାଳ, ଜିଲ୍ଲା ଜପ ସଭାପତି ଜୟ ନାରାୟଣ ମଲ୍ଲିକ, ସାଂସଦ ଖେଳ ସଂଯୋଜକ କିଶୋର କିଙ୍କୋର ପରୀହାରୀ, ବାସୁଦେବ ପୁର ସାଂସଦ ଖେଳ ସଂଯୋଜକ, ଅମେରସ ନାୟକ, ଡକ୍ଟର ଉମାକାନ୍ତ ଖୁଣ୍ଟିଆ, ପ୍ରତାପ ସେନାପତି, ଜୟ ପ୍ରକାଶ ମଲ୍ଲିକ, ମଣ୍ଡଳ ସଭାପତି ହେଲେ ରତିକାନ୍ତ ବଳାଇ, (ଲିକୁନ) ଅସୋତୋଷ ସାମଲ, ବିଜୟ କୁମାର ମାଝି, ଜଗବନ୍ଧୁ ମଳିକ, ଅମରେନ୍ଦ୍ର ନାୟକ, ଅମର ଦାସ, ପରିଷଦ ପାଂଚ ନମ୍ବର୍ ୱାର୍ଡ଼ ଜଗବନ୍ଧୁ ଦାସ, ମଧୁସୂଦନ ପାଢୀଙ୍କ ସମେତ ବିଜେପି ଦଳ କର୍ମୀ ଓ କର୍ତ୍ତା ମାନେ ଉପସ୍ଥିତ ଥିଲେ ।

ପଥପ୍ରାନ୍ତ ସୁବିଧା କେନ୍ଦ୍ର ପୁନଃଉଦ୍ଧାର ଦାବି ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଭବାନୀପାଟଣା, ୦୯/୧୨ (ଆ.ପ୍ର) : ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ଦ୍ୱାରା ପ୍ରାୟ ୫୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହୋଇଥିଲା ପଥ ପ୍ରାନ୍ତ ସୁବିଧା କେନ୍ଦ୍ର । କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ନିକଟସ୍ଥ ଚଂଚରାଭାଡ଼ି, ଆମପାଣି, ଉର୍ଲାଦାନୀ ନିକଟସ୍ଥ ରଙ୍ଗାପଦର ଓ ଭବାନୀପାଟଣା ସଦର ବ୍ଲକ ବୋର୍ଡାଠାରେ ଗତ ଛଅ ବର୍ଷ ତଳେ ଏସବୁ ଉଦଘାଟିତ ହୋଇଥିଲା । ଜିଲ୍ଲା ଓ ଜିଲ୍ଲା ବାହାର ତଥା ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀ ଓ ପର୍ଯ୍ୟଟକଙ୍କ ପାଇଁ ଏହି ସୁବିଧା କେନ୍ଦ୍ର ଏକ ପ୍ରକାର ସାମୟିକ ଆଶ୍ରୟସ୍ଥଳୀ ଥିଲା । ଏଠାରେ ଶୌଚାଳୟ, ପିଇବା ପାଣି, ପାର୍କିଂ ବ୍ୟବସ୍ଥା, ଜଳପାନ ଆଦିର ସୁବିଧା ଥିଲା । ପୂର୍ତ୍ତ ବିଭାଗ ଦ୍ୱାରା ପ୍ରପର୍ଟି ସଲ୍ୟୁସନ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଏହାର ପରିଚାଳନା ଦାୟିତ୍ୱ ନେଇଥିଲା । ଏହି କେନ୍ଦ୍ର ଗୁଡ଼ିକର ପରିଚାଳନା ଓ ରକ୍ଷଣାବେକ୍ଷଣ ପାଇଁ ପ୍ରଥମେ ୧୩ ଜଣ ଓ ପରେ ଏହାକୁ କମାଇ ୬ ଜଣ କେଜୁଆଲ୍ କର୍ମଚାରୀଙ୍କୁ ଏଠାରେ ନିଯୁକ୍ତ କରାଯାଇଥିଲା । ସେମାନେ ଯାତ୍ରୀ ଓ ପର୍ଯ୍ୟଟକମାନଙ୍କୁ ବିଭିନ୍ନ ସେବା ପ୍ରଦାନ କରୁଥିଲେ । କିନ୍ତୁ ଛଅ ବର୍ଷ ପରେ ଗତ ୨୦୨୪ ଜୁନ ୩୧ ତାରିଖରୁ ଏହି ସଂସ୍ଥାର ଟେଣ୍ଡରର ଅବଧି ଶେଷ ହେବା ପରେ ସେଦିନଠାରୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରଗୁଡ଼ିକରେ ତାଲା ଝୁଲୁଛି । ଏବେ ପ୍ରାୟ ଦେଢ଼ ବର୍ଷ ପରେ ଏହି ଚାରୋଟି ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଲଟାବୁଦାରେ ଭର୍ତ୍ତି ହୋଇଯାଇଥିବାବେଳେ ସଂପୂର୍ଣ୍ଣ ଭୁତକୋଠି ପାଲଟିଛି । ରକ୍ଷଣାବେକ୍ଷଣ ଅଭାବ ଓ କୌଣସି ସୁରକ୍ଷା ବ୍ୟବସ୍ଥା ନଥିବାରୁ ଏଠାରେ ଥିବା ଲାଇଟ, ଫ୍ୟାନ ଆଦି ଚୋରି ହେବାକୁ ଲାଗିଲାଣି । ଯେଉଁ ପଥ ପ୍ରାନ୍ତ ସୁବିଧା କେନ୍ଦ୍ର ଦିନେ ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ବିଭିନ୍ନ ସୁବିଧା ଯୋଗାଉଥିଲା, ସେସବୁ ଆଜି ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳୀ ପାଲଟିଛି । ଯାହାଫଳରେ ଜିଲ୍ଲାରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି କେନ୍ଦ୍ରଗୁଡ଼ିକ କାହା କାମରେ ଲାଗୁନାହିଁ । ଏଣୁ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରର ପୁନଃଉଦ୍ଧାର ସହିତ ପୂର୍ବ ପରି ଯାତ୍ରୀ ଓ ପର୍ଯ୍ୟଟକଙ୍କୁ ଉପଲବ୍ଧ ସୁବିଧା ପ୍ରଦାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି ଯୁବ ସାମ୍ବାଦିକ ଓ ସମାଜସେବୀ ସୁଶୀଲ କୁମାର ବାଗ । ଶ୍ରୀ ବାଗ ଏନେଇ ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କୁ ଚିଠି ଲେଖି ଏ ସମ୍ପର୍କରେ ଦାବି କରିଛନ୍ତି । ଆଜି କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶଙ୍କ ଜରିଆରେ ସେ ଏହି ଦାବି ପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି ।

ସ୍ୱଚ୍ଛ କର୍ମଚାରୀ ମାନଙ୍କୁ ଶୀତ ବସ୍ତ୍ର ବଂଟନ

ବାସୁଦେବ ପୁର, ୦୯/୧୨ (ଆ.ପ୍ର) : ବାସୁଦେବ ପୁର ପୌରପାଳିକା କାର୍ଯ୍ୟାଳୟ ଠାରେ ବାସୁଦେବ ପୁର ପୌରପାଳିକା ତରଫରୁ ଆଜି ୧୦୦ ରୁ ଊର୍ଦ୍ଧ୍ୱ ସ୍ୱଚ୍ଛ କର୍ମଚାରି ମାନଙ୍କୁ ଶୀତ ବସ୍ତ୍ର ବଂଟନ କଲେ ବାସୁଦେବ ପୁର ପୌରପାଳିକା ଅଧକ୍ଷା ନିବେଦିତା ବେହେରା, ଏହି ପରି ପ୍ରତିବର୍ଷ ସ୍ୱଚ୍ଛ କର୍ମଚାରି ମାନଙ୍କୁ ଶୀତ ଦିନରେ ବାସୁଦେବ ପୁର ପୌରପାଳିକା ତରଫରୁ ଶୀତ ବସ୍ତ୍ର ବଂଟନ କରାଯାଏ, । ଏଥିରେ ଯୋଗ୍ ଦାନ କରିଥିଲେ । ବାସୁଦେବ ପୁର ପୌରପାଳିକା ଅଧକ୍ଷା ନିବେଦିତା ବେହେରା, ବାସୁଦେବ ପୁର ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ବାସୁଦେବ ପୁର ପୌରପାଳିକା ଉପାଧକ୍ଷ ଉତମ ବାରିକ୍, ସାନିଟେସନ ଏକ୍ସପର୍ଟ୍ ବିଶ୍ୱରଞ୍ଜନ ଜେନା, ବାସୁଦେବ ପୁର ପୌରପାଳିକାର କର୍ମଚାରୀ ମାନେ ଉପସ୍ଥିତି ଥିଲେ ।

ଶ୍ରୀ ଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା ଟ୍ରଷ୍ଟି ଗଠନ

ବାଳିଗୁଡା, ୦୯/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଳିଗୁଡ଼ା ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରର ନୂତନ ପରିଚାଳନା ଟ୍ରଷ୍ଟି ଗଠନ କରାଯାଇଛି । ଏଥିରେ ସ୍ଥାନୀୟ ଉପ-ଜିଲାପାଳ, ଥାନା ଅଧିକାରୀଙ୍କ ସମେତ ଟ୍ରଷ୍ଟି ଭାବେ ମଧୁସୁଦନ ଦାସ, ଗଙ୍ଗାଧର ସାହୁ, ଟି.ଶ୍ରୀନିବାସ ରାଓ, ଭଗବାନ ପଣ୍ଡା, ରଞ୍ଜିତ କୁମାର ସାହୁ, ପ୍ରକାଶ ଚନ୍ଦ୍ର ନାୟକ, ଓ ନବ କିଶୋର ପାଣିଗ୍ରାହୀ ନିଜ ନିଜ ଦାୟିତ୍ୱ ଗ୍ରହଣ କରି ସମସ୍ତ ସଦସ୍ୟ ତଥା ଗ୍ରାମବାସୀଙ୍କ ସହଯୋଗରେ ମନ୍ଦିରର ରୀତିନୀତି ଓ ଉନ୍ନତି କରାଯିବ ବୋଲି ନିଜ ନିଜ ବକ୍ତବ୍ୟ ରେ ପ୍ରକାଶ କରିଛନ୍ତି ।

ବାଲିଗୁଡା ଥାନା ଅଂଚଳରୁ ଜଣେ ଗିରଫ

ବାଲିଗୁଡା, ୦୯/୧୨ (ଆ.ପ୍ର) : ଏକ ଗଂଜେଇ ମାମଲାରେ ଗୁଜୁରାଟ ପୋଲିସ ବାଲିଗୁଡା ଥାନା ଅଂଚଳରୁ ଜଣକୁ ଗିରଫ କରି ନେଇଛନ୍ତି । ସୁଚନା ପ୍ରକାରେ ଗୁଜୁରାଟର ରାଜକୋଟ ଗ୍ରାମୀଣ ଥାନାରେ ଗତ ୨୦୨୨ ମସିହାରେ ଜଣେ ଗଂଜେଇ ମାଫିଆକୁ ଗିରଫ କରିଥିଲେ । ଏହାପରେ ଗିରଫ ମାଫିଆ କେଉଁଠୁ ଗଂଜେଇ ଆଣିଥିଲା ତାହାକୁ ତଦନ୍ତ କରିଥିଲେ । ଏହାପରେ ସେ ମାଫିଆ ବାଲିଗୁଡା ଥାନା ଅନ୍ତର୍ଗତ ସୁଦ୍ରା ପଂଚାୟତର ପଗୁଭଙ୍ଗା ଗ୍ରାମର ସଚିନ କହଁର ଠାରୁ ଗଂଜେଇ କିଣିଥିବା ନେଇ କହିବା ପରେ, ଗୁଜୁରାଟ ପୋଲିସ ବାଲିଗୁଡା ପହଁଚି ବାଲିଗୁଡା ପୋଲିସର କହିବା ପରେ ବାଲିଗୁଡା ପୋଲିସ ସହାୟତା ରେ ସଚିନ କହଁର ଘରକୁ ଯାଇ ଗିରଫ କରି ନେଇଥିବା ନେଇ ବାଲିଗୁଡା ପୋଲିସ ପକ୍ଷରୁ ସୁଚନା ମିଳିଛି ।

ଗଜପତିରୁ ୨ ଜଣ ଶିକ୍ଷକ ସିସିଆରଟି ତାଲିମରେ ଯୋଗଦାନ



ପାରଳାଖେମୁଣ୍ଡି, ୦୯/୧୨ (ଆ.ପ୍ର) : ରାଜସ୍ଥାନର ସେଂଟର ଫର୍ କଲଚରାଲ ରିସୋର୍ସ ଟ୍ରେନିଂ ରିଜିଓନାଲ ସେଂଟର(ସିସିଆରଟି) ଉଦୟପୁର ଠାରେ ଜାତୀୟ ସ୍ତରରେ ଆୟୋଜିତ ଶିକ୍ଷକ ପ୍ରଶିକ୍ଷଣ ଶିବିରରେ ଓଡିଶାରୁ ୪ ଜଣ ଶିକ୍ଷକ/ଶିକ୍ଷୟିତ୍ରୀ ଯୋଗଦାନ କରିଛନ୍ତି । ସେଥିରେ ଗଜପତି ଜିଲ୍ଲାର ଗୁମ୍ମା ବ୍ଲକର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରାମକୃଷ୍ଣ ବୋମାଳି ଏବଂ ମୋହନା ବ୍ଲକର ଗୋଠକେଳି ଉନ୍ନୀତ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଶିବରାମ ମଣ୍ଡଳଂକ ସହ ଯାଜପୁର ଜିଲ୍ଲାର ଶୁଭାଂଶୁ ଭୂଷଣ ନାଏକ ଓ ଚିନ୍ମୟ କୁମାର ରଥ ଯୋଗଦାନ କରିଛନ୍ତି । ସେମାନେ ଜାତୀୟ ଶିକ୍ଷାନୀତି ଅନୁସାରେ ପ୍ରଣୀତ ଶିକ୍ଷା ସମ୍ବନ୍ଧରେ ୨୬ ନଭେମ୍ବର ରୁ ୧୬ ଡିସେମ୍ବର ପର୍ଯ୍ୟନ୍ତ ତାଲିମ ନେବେ ।

ମା' ମହା ଲକ୍ଷ୍ମୀଙ୍କ ଭସାଣି ଉତ୍ସବ

ନିମାପଡା, ୦୯/୧୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡା ବ୍ଲକ ଚାରିଛକସ୍ଥିତ ଦୈନିକ ପରିବା ହାଟରେ ୫ ଦିନ ଧରି ପୂଜା ପାଉଥିବା ମା ମହା ଲକ୍ଷ୍ମୀଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏକ ସୁ ସଜ୍ଜିତ ଗାଡ଼ିରେ ମା'ଙ୍କୁ ବସାଇ ପାରମ୍ପରିକ ଘଂଟ ବାଜା ବଜାଇ ବଜାର ପରିକ୍ରମା କରିବା ପରେ ନିକଟସ୍ଥ ପ୍ରାଚୀ ନଦୀରେ ମୃଣ୍ମୟୀ ମୂର୍ତ୍ତିକୁ ବିସର୍ଜନ କରାଯାଇଥିଲା । ଏହି ଭସାଣି ଉତ୍ସବରେ ସଭାପତି ଗୌରାଙ୍ଗ ପରିଡା, ଉପ ସଭାପତି ବ୍ରଜବନ୍ଧୁ ଦାଶ ସମ୍ପାଦକ ଚିତ ରଞ୍ଜନ ମୁଦୁଲି ସହ ସମ୍ପାଦକ କୈଳାସ ମଲ୍ଲିକ, କୋଷାଧକ୍ଷ ଭରତ ପରିଡା ଉପଦେଷ୍ଟା ପ୍ରଫୁଲ ସାହୁ, ବ୍ୟବସାୟୀ ଚନ୍ଦନ ଲେଙ୍କା ସଞ୍ଜୟ ପରିଡା ଗଣେଶ ସ୍ୱାଇଁ ଟିକି ନାୟକ ରବିନ୍ଦ୍ର ସାହୁ ଅରକ୍ଷିତ ସାହୁ, ଭୀମସେନ ସାହୁ ରଶ୍ମି ରଞ୍ଜନ ଜେନା କାଳନ୍ଦୀ ସାହୁ ସଞ୍ଜୟ ସାହୁ ହାଟ ପରିଚାଳକ ଶିଶିର ନାୟକ ସମାଜସେବୀ ତଥା ବରିଷ୍ଠ ବ୍ୟବସାୟୀ ପ୍ରଶାନ୍ତ ସାହୁ (ବାବୁ)ସମେତ ସମସ୍ତ ବ୍ୟବସାୟୀ ଯୋଗ ଦେଇଥିଲେ ଏହି ମର୍ମରେ ୪ ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ପାଲା ଗାୟକ ପ୍ରିୟଙ୍କା ପ୍ରିୟ ଦର୍ଶିନୀ ଦାଶ ଓ ସାଥି ମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇଥିଲା । ହାଟ କମିଟି ପକ୍ଷରୁ ଥାନା ଅଧିକାରିଣୀ ମମତା ବିଶ୍ୱାଳ ସେକେଣ୍ଡ ଅଫିସର କୃଷ୍ଣ ଚନ୍ଦ୍ର ମୁଦୁଲି ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବରିଷ୍ଠ ସାମ୍ବାଦିକ ବସନ୍ତ ଦାସ ପୂର୍ଣ୍ଣ ଚନ୍ଦ୍ର ମହାପାତ୍ର, ସମାଜ ସେବୀ ପ୍ରଶାନ୍ତ ବେହେରା ରମା ରମଣ ଦେବ ପାତ୍ର ମହେନ୍ଦ୍ର ମହାପାତ୍ର ପ୍ରମୁଖଙ୍କୁ ପାଲା ମଂଚ ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ବରିଷ୍ଠ ବ୍ୟବସାୟୀ ପ୍ରଶାନ୍ତ ସାହୁ ହାଟ ପରିଚାଳକ ଶିଶିର ନାୟକ ଦୈନିକ ହାଟର ସମସ୍ତ ବ୍ୟବସାୟୀ ଯୋଗ ଦେଇଥିଲେ । ଭସାଣି ସମୟରେ ଥାନା ପକ୍ଷରୁ ଟ୍ରାଫିକ ସମସ୍ୟାକୁ ଆଖି ଆଗରେ ରଖି ପୋଲିସ ମୁତୟନ କରାଯାଇଥିଲା ।

ମଂଚ ନାଟକର ଦ୍ୱିତୀୟ ସନ୍ଧ୍ୟା 'ଅନ୍ଧକାରର ସୁରୁଜ' ନାଟକ ମଂଚସ୍ଥ

ନବରଙ୍ଗପୁର, ୦୯/୧୨ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲା ଲୋକ ମହୋତ୍ସବ ମଣ୍ଡେଇ ୨୦୨୫ ପାଳନ ଅବସରରେ ସ୍ଥାନୀୟ ଶାସ୍ତ୍ରୀ ଭବନ ପରିସରରେ ମଂଚ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା ତେନ୍ତୁଳିଖୁଂଟି ପଂଚାୟତ ସମିତି ପ୍ରଯୋଜିତ ତ୍ରିଶକ୍ତି ସାଂସ୍କୃତିକ ସଂଘ ନିବେଦିତ ସାମାଜିକ ନାଟକ' ଅନ୍ଧକାର ର ସୁରୁଜ 'ମଂଚସ୍ଥ ହୋଇଯାଇଛି । ଏହି ଅବସରରେ ବିଶିଷ୍ଟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ)ତପନ କୁମାର ଖୁଂଟିଆ ଏବଂ(ରାଜସ୍ୱ) ବିଶ୍ୱଜିତ୍ ବର୍ମନ ଯୋଗ ମହାପ୍ରଭୁ ଜଗନ୍ନାଥ ଙ୍କ ଫଟୋ ଚିତ୍ରରେ ପୂଜ୍ୟପୂଜା ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ରୂପେ ନବରଙ୍ଗପୁର ବିଧାୟକ ପ୍ରତିନିଧି ଦେବଦାସ ମହାକୁଡ, ଡିଆଇପିଆରଓ ମନୋଜ ବେହେରା,ସମାଜ ସେବୀ ମନୋରଞ୍ଜନ ତ୍ରିପାଠୀ, ଡିସିଓ ଘାସିଆ ହରିଜନ, ସହକାରୀ ଜିଲ୍ଲାପାଳ ଆଶୁତୋଷ ପାତ୍ର ପ୍ରମୁଖ ମଂଚରେ ଉପସ୍ଥିତ ଥିଲେ । ସମ୍ପ୍ରତି ଯୁଗରେ ସିନେମା ଏବଂ ମୋବାଇଲ ଫୋନ ଯୋଗୁଁ କିପରି ଭାବରେ ଜଣେ ଆଦିବାସୀ ନାଟ ଗୁରୁ ତାର ନାଟକ ବଂଚାଇବା ସକାଶେ ସମାଜ ସହ ସଂଘର୍ଷ କରିଛି, ସେଇ କାହାଣୀ ଉପରେ ଆଧାରିତ ଉକ୍ତ ନାଟକର ରଚନା ଏବଂ ନିର୍ଦ୍ଦେଶନା, ଟେଲି ଫିଲ୍ମ ନିର୍ଦ୍ଦେଶକ ମନୋଜ କୁମାର ପଟନାୟକ ଦେଇଥିବା ବେଳେ ବରିଷ୍ଠ କଳାକାର ସଂଜୀବ କୁମାର ସିଂ, ଆଶୁତୋଷ ପାତ୍ର, ନିର୍ମଳ କୁମାର ସାହୁ, ଲକ୍ଷ୍ମୀ ସିଂ, ଶିବ ଶଙ୍କର ପାଢ଼ୀ, ବି. ଶିବ ଶଙ୍କର ବୋରା, ପ୍ରତିଭା ଗୁପ୍ତା, ବେଣୁ ଗୋପାଳ, ଏନ୍. ସୁମିତ କୁମାର, ଶୟମ୍ ସାରଥୀ ସିଂ, ମନିଷା ବିଶ୍ୱାସ, ଅଂଶୁମାନ ନାଇକ, ସୁବ୍ରତ ଜେନା, ତୁଫାନ ସର୍ଦ୍ଦାର, ଗିତେଶ ସାହୁ, ଗୌତମ ସାହୁ ପ୍ରମୁଖ ଅଭିନୟ କରିଥିଲେ । ଉକ୍ତ ନାଟକରେ ସଙ୍ଗୀତ ପରିଚାଳନା ଯୁଗଳ କିଶୋର ତ୍ରିପାଠୀ ଏବଂ ମୁରଲୀ ଧର ପଟ୍ଟନାୟକ କରିଥିବା ବେଳେ କଣ୍ଠଦାନ କୁମାର ସମର କରିଥିଲେ, ପ୍ରଦୀପ ନନ୍ଦ, ସତ୍ୟ ନାରାୟଣ ଦାସ ଏବଂ ହରିଶ ଚନ୍ଦ୍ର ବେହେରା ଉକ୍ତ ନାଟକ ପରିଚାଳନାରେ ସହଯୋଗ କରିଥିଲେ । ନୂତନ ପ୍ରତିଭାକୁ ସୁଯୋଗ ଦେବା ନିମନ୍ତେ ନାଟକର ନିର୍ଦ୍ଦେଶକ ମନୋଜ ପଟନାୟକ ୧୦ ଜଣ ନୂତନ ପ୍ରତିଭାଙ୍କୁ ମଂଚରେ ଅଭିନୟ କରିବାକୁ ସୁଯୋଗ ଦେଇ ନୂତନ ମଂଚ କଳାକାର ସୃଷ୍ଟି କରିବାରେ ସଫଳ ହୋଇଛନ୍ତି ।

କଳିଙ୍ଗା ଘାଟି ଦୀର୍ଘ ବୁଲାଣିରେ ଦୁର୍ଘଟଣା ଚାଳକ ଗୁରୁତର ଆହତ

ଜି.ଉଦୟଗିରି, ୦୯/୧୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା କଳିଙ୍ଗା ଘାଟିରେ ମଙ୍ଗଳବାର ସନ୍ଧ୍ୟା ବେଳେ ପୁଣି ଏକ ଟ୍ରକ ଦୁର୍ଘଟଣା ହୋଇଛି । ଦୁଇ ଦିନ ପୂର୍ବରୁ ସେହି ବୃହତ୍ ବୁଲାଣୀ ସ୍ଥାନରେ ଦୁର୍ଘଟଣାକୁ ରୋକିବା ପାଇଁ ଉଭୟ ପାର୍ଶ୍ୱରେ ସତର୍କ ସୂଚନା ଦେବାପାଇଁ ସ୍ୱୟଂ ଚାଳିତ ଆଲାରାମ ମେସିନ୍ ଲଗାଯାଇଥିଲା । ଦୁର୍ଭାଗ୍ୟର ବିଷୟ କଳିଙ୍ଗା ପଟୁ ଭଞ୍ଜନଗର ଅଭିମୁଖେ ଯାଉଥିବା ଏକ ଇଟାଚି ଯୁକ୍ତ ଧାନ ଅମଳ ମେସିନ୍ ଲୋଡ୍ ଆଇଚର ଟ୍ରକ ଓଡି ୧୫ ଏ ୬୯୩୨ଟି ସେହି ବୃହତ୍ ବୁଲାଣୀ ସ୍ଥାନରେ ଦୁର୍ଘଟଣା ଗ୍ରସ୍ତ ହୋଇଛି । ଦୁର୍ଘଟଣାରେ ଟ୍ରକ୍ଟି ରାସ୍ତା କଡ଼ରେ ଥିବା ଗାର୍ଡ ୱାଲ୍ ଭାଙ୍ଗି ପାହାଡ଼ରେ ପିଟି ହୋଇଯାଇଛି । ଯାହା ଫଳରେ ଟ୍ରକରେ ବସିଥିବା ୩ ଜଣଙ୍କ ମଧ୍ୟରୁ ଦୁଇ ଗୁରୁତରଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଟିକାବାଲି ମେଡିକାଲ ନିଆଯାଇଥିବା ବେଳେ ଜଣେ ସେଠାରେ ଚାପି ହୋଇ ରହିଥିଲେ । ଖବର ପାଇ ଜି.ଉଦୟଗିରି ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଂଚି ଚାପି ହୋଇ ରହିଥିବା ଆହତଙ୍କୁ ହାଇଡ୍ରୋଲିକ କଟର୍ ମେସିନ ଦ୍ୱାରା ଦୁଇ ଘଂଟାର ଅକ୍ଳାନ୍ତ ପରିଶ୍ରମ କରି ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନା ନେଇଥିଲେ । କାର୍ଯ୍ୟରତ ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଜିଲ୍ଲା ମୁଖ୍ୟାଳୟକୁ ସ୍ଥାନାନ୍ତର କରିଥିବା କହିଛନ୍ତି । ଟିକାବାଲି ଅଂଚଳର ବିପଦର ବନ୍ଧୁ ସଂଗଠନ ସଦସ୍ୟ ହିରୋ ଭାଇ ଓ ଅନ୍ୟ ମାନେ ଘଟଣା ସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ । ଜି.ଉଦୟଗିରି ପୋଲିସ ଘଟଣା ସ୍ଥଳରେ ପହଂଚି ସ୍ଥିତି ତଦାରଖ କରୁଛି ।

ମାହାଙ୍ଗାରେ ଶିଶୁବିକାଶ ପ୍ରକଳ୍ପ ଦିଗହରା : ସିଡିପିଓଙ୍କ ବଦଳି ଦାବି

ମାହାଙ୍ଗା, ୦୯/୧୨ (ଆ.ପ୍ର) : ମାହାଙ୍ଗା ବ୍ଲକରେ ଶିଶୁବିକାଶ ପ୍ରକଳ୍ପ ଏକ ପ୍ରକାର ଦିଗହରା ହୋଇପଡିଛି । ଏଠାରେ ସୂଚନା ଯୋଗ୍ୟ ଯେ ଦାୟିତ୍ୱରେ ଥିବା ସିଡିପିଓ ଠିକ୍ ଭାବରେ ରେକର୍ଡପତ୍ର କାର୍ଯ୍ୟ ଜାଣି ନଥିବା ଅଭିଯୋଗ ହେଉଛି । ଯାହା ଫଳରେ ଅନେକ ସ୍ଥାନରେ ଅଙ୍ଗନୱାଡି କେନ୍ଦ୍ର କେବଳ ରେକର୍ଡପତ୍ରରେ ଚାଲୁଛି । ଏହାର ଉଦାହରଣ ପାଲଟିଛି ଗୌଡପଡା ଅଙ୍ଗନୱାକେନ୍ଦ୍ର । ଯେଉଁ କେନ୍ଦ୍ରର କର୍ମୀ ଠିକ ଭାବରେ କେନ୍ଦ୍ରକୁ ଆସୁ ନଥିଲା ବେଳେ ସହାୟକା ଜଣକ ବିନା ଡ୍ରେସ୍‌କୋଡରେ କେନ୍ଦ୍ରକୁ ଆସୁଛନ୍ତି । ନା ଏ କେନ୍ଦ୍ରକୁ ଆସୁଛନ୍ତି ପିଲା ନା ହେଉଛି ରୋଷେଇ । ଏଭଳି ମାହାଙ୍ଗା ସେକ୍ଟରରେ ଅନେକ ଅଙ୍ଗନୱାଡି କେନ୍ଦ୍ର ରହିଛି ଯାହା କେବଳ କାଗଜପତ୍ରରେ ଚାଲିଛି । କର୍ମୀ ଶାଶୁଘରେ ରହୁଥିଲା ବେଳେ ସାହାୟିକା କେନ୍ଦ୍ର ଖୋଲି ବସୁଛନ୍ତି । ଅପରପକ୍ଷରେ ସୁପାଭାଇଜରଙ୍କ କାର୍ଯ୍ୟ ଅଙ୍ଗନୱାଡି କର୍ମୀ କରୁଛନ୍ତି । ରେକର୍ଡର "ର" ଅକ୍ଷର ଅଧିକାଂଶ ସୁପରଭାଇଜରଙ୍କୁ ଜଣାନାହିଁ । କର୍ମୀ ଠିକ୍ ଭାବରେ କାମ ନକଲେ ସିଡିପିଓ ଦରମା ବନ୍ଦ କରୁଛନ୍ତି । ଏପରିକି କାର୍ଯ୍ୟାଳୟରେ ମମତା ମାଡାମ୍ ଓ ପୋଷଣ ବିଭାଗର ମାଡାମ୍ କାର୍ଯ୍ୟ କରୁ ନାହାନ୍ତି । ବର୍ତ୍ତମାନ ସୁଭଦ୍ରା କାମ ଅଙ୍ଗନୱାଡି କର୍ମୀଙ୍କ ଉପରେ ଲଦି ଦିଆଯାଇଛି । ଅନେକ ସମୟରେ ଆପ୍ ଖୋଲୁ ନାହିଁ । କର୍ମୀଙ୍କ ମୋବାଇଲ୍‌ରେ ତଥ୍ୟ ସୋ କରୁଥିଲା ବେଳେ ଅଫିସ କମ୍ପୁଟରରେ ତାହା ଜଣାପଡୁ ନାହିଁ । ଅପରପକ୍ଷରେ ପୂର୍ବରୁ ଅଙ୍ଗନୱାଡି କର୍ମୀ ଠିକ୍ କାମ କରୁଥିଲା ବେଳେ ବର୍ତ୍ତମାନ ସେମାନେ କାମ କରୁ ନାହାନ୍ତି ଏଥିପାଇଁ ଦାୟୀ କିଏ ? ଅଙ୍ଗନୱାଡି କର୍ମୀ, ସେକ୍ଟର ସୁପରଭାଇଜର ନା ସିଡିପିଓ । କର୍ମୀମାନଙ୍କୁ ବ୍ଲକକୁ ବିଭିନ୍ନ ମିଟିଂକୁ ଡକାଯାଉଥିଲା ବେଳେ ତାଙ୍କୁ ଟି.ଏ ମିଳୁ ନାହିଁ । ଏପରିକି ପ୍ରତିମାସିକ ମୋବାଇଲ୍ ରିଚାର୍ଜ ଖର୍ଚ୍ଚ ପ୍ରଦାନ କରାଯାଉ ନାହିଁ । ସରକାର ପ୍ରଦାନ କରିଥିବା ମୋବାଇଲ ଅଚଳ ହୋଇପଡିଛି । କେତେକ ଅଙ୍ଗନୱାଡି କର୍ମୀ ଠିକଠାକ୍ ଭାବେ କାର୍ଯ୍ୟ ନକରି ସିଡିପିଓଙ୍କ ପାଖଲୋକ ସାଜି ରାଜନୀତି କରୁଥିବା ଚର୍ଚ୍ଚା ହେଉଛି । ଏଣୁ ମାହାଙ୍ଗା ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ତୁରନ୍ତ ଅନ୍ୟତ୍ର ବଦଳି କରାଯାଇ ଦକ୍ଷ କର୍ମଚାରୀଙ୍କୁ ନିଯୁକ୍ତି କରିବା ପାଇଁ ବୁଦ୍ଧିଜୀବି ମହଲରେ ସର୍ବସାଧାରଣରେ ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

ଗାଁରେ ପହଂଚିଲା ନିଖୋଜ ଓଡିଆ ଦାଦନ ଶ୍ରମିକଙ୍କ ମରଶରୀର

ପାତ୍ରପୁର, ୦୯/୧୨ (ଆ.ପ୍ର) : ଦୁବାଇରେ ନିଖୋଜ ଥିବା ଓଡିଆ ଦାଦନ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଥିବା ବେଳେ ଗତକାଲି ରାତିରେ ମୃତକଙ୍କ ମର ଶରୀର ନିଜ ଭିଟାମାଟି ଖଣ୍ଡଦେଉଳି ଗ୍ରାମରେ ପହଂଚିଛି । ମୃତକ ଜଣକ ହେଲେ ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଖଇରିଗାଁ ପଂଚାୟତ ଅନ୍ତର୍ଗତ ଖଣ୍ଡଦେଉଳି ଗ୍ରାମର କାୟା ସଚିଦାନନ୍ଦ (୫୮) । ସୂଚନା ଅନୁସାରେ ଗତ ନଭେମ୍ବର ୧୪ ତାରିଖରେ ପରିବାର ପେଟ ପୋଷଣ ନିମନ୍ତେ ନିଜ ଭିଟାମାଟି ଛାଡ଼ି ଦୁବାଇରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରିବା ନିମନ୍ତେ ବାହାରି ଯାଇଥିଲେ । ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ଜଣେ ଏଜେଂଟ ମାଧ୍ୟମରେ ଦୁବାଇ ଯାଇଥିବା ବ୍ୟକ୍ତି ନିଖୋଜ ଥିବାନେଇ ଖବର ପ୍ରସାରଣ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ଦୁର୍ଘଟଣା ଘଟି ମୃତ୍ୟୁ ଘଟିଥିବା ଜଣାପଡ଼ିଥିଲା । ଘର ମୁରବିଙ୍କ ମୃତ୍ୟୁ ଖବର ଶୁଣି ପରିବାର ବର୍ଗ ଭାଙ୍ଗି ପଡ଼ିଥିବା ବେଳେ ଗତକାଲି ରାତିରେ ମୃତକଙ୍କ ମର ଶରୀର ନିଜ ଭିଟାମାଟିରେ ପହଂଚିଥିଲା । ଗାଁ ମଶାଣିରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ଗତ ନଭେମ୍ବର ୧୪ ତାରିଖ ଠାରୁ ଦୁବାଇରେ ନିଖୋଜ ଥିବା ନେଇ ତାଙ୍କ ସମ୍ପର୍କୀୟ ଦୁବାଇରେ ଥିବା ଭାରତ ସରକାରଙ୍କ ଦୂତାବାସରେ ଅଭିଯୋଗ କରିଥିଲେ । ଅଭିଯୋଗ ଅନୁସାରେ ଖଣ୍ଡଦେଉଳି ଗ୍ରାମର ୫୮ ବର୍ଷୀୟ କାୟା ସଚିଦାନନ୍ଦ ଯାହାର ପାସପୋର୍ଟ ନଂ - ଆର୍ ୮୧୮୧୩୬ ଗତ ନଭେମ୍ବର ୧୪ ତାରିଖ ଦିନ ଦୁବାଇର ଏକ ଘରୋଇ କମ୍ପାନୀରେ ଦାଦନ ଖଟିବାକୁ ଯାଇଥିଲେ । ଦୁବାଇ ବିମାନ ବନ୍ଦର ଠାରେ ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ ପହଂଚି ସଚିଦାନନ୍ଦଙ୍କୁ ତାଙ୍କ ସହିତ ନେଇଥିଲେ । ତା'ପର ଦିନ ସଚିଦାନନ୍ଦ କୌଣସି କାମରେ ବାହାରକୁ ଯାଇ ରୁମକୁ ଆଉ ଫେରି ନଥିଲେ । ସଚ୍ଚିଦାନନ୍ଦଙ୍କ ସହିତ ରୁମରେ ରହୁଥିବା ସହକର୍ମୀ ଏଣେ ତେଣେ ଖୋଜାଖୋଜି କରିବା ପରେ କୌଣସି ସୁରାକ ନପାଇ ପରିବାର ବର୍ଗଙ୍କୁ ଜଣାଇଥିଲେ । ପରବର୍ତ୍ତୀ ସମୟରେ ମୃତକଙ୍କ ଭିଣୋଇ ଘଟଣାସ୍ଥଳରେ ପହଂଚି ସେଠାକାର କମ୍ପାନୀ କର୍ତ୍ତୃପକ୍ଷ ସହିତ ଯୋଗାଯୋଗ କରିଥିଲେ ।ସେଠାରେ ସଚିଦାନନ୍ଦଙ୍କ ମୃତ୍ୟୁ ଘଟିଥିବା ଖବର ପାଇବାପରେ କର୍ତ୍ତୃପକ୍ଷ ସହଯୋଗରେ ଗତକାଲି ମରଶରୀର ବେଙ୍ଗାଳୁରୁ ପହଂଚିବା ପରେ ସେଠାକାର ପାଣିପାଗ ଠିକ୍ ନଥିବା ଯୋଗୁଁ ୧୦ ଘଂଟା ଅପେକ୍ଷା ପରେ ସେଠାରୁ ଭୁବନେଶ୍ୱର ବିମାନ ବନ୍ଦରରେ ପହଂଚିଥିଲା । ସେଠାରୁ ଆମ୍ବୁଲାନ୍ସ ଯୋଗେ ଗତକାଲି ରାତିରେ ନିଜ ଗ୍ରାମ ଖଣ୍ଡଦେଉଳି ଗ୍ରାମରେ ପହଂଚିଲା ଦାଦନ ଶ୍ରମିକଙ୍କ ମରଶରୀର । ଗ୍ରାମରେ ପହଂଚିବା ପରେ ପରିବାର ବର୍ଗ ଓ ଗ୍ରାମରେ ଶୋକାକୁଳ ପରିବେଶ ମଧ୍ୟରେ ଗ୍ରାମ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା ।

ସେଇଥିରୁ
ଆରମ୍ଭ
SEITHO ARAMBHA
ବୁଧବାର, ୧୦ ଡିସେମ୍ବର,୨୦୨୫ : ବାଲେଶ୍ୱର : ପୃଷ୍ଠା -୮

ମହାପ୍ରଭୁଙ୍କ ଦର୍ଶନ କଲେ ଟିମ ଇଣ୍ଡିଆ ଖେଳାଳି

ପୁରୀ, ୯/୧୨ (ଆ.ପ୍ର) : ଆଉ କିଛି ଘଂଟାର ଅପେକ୍ଷା ପରେ ଆରମ୍ଭ ହେବ ଭାରତ-ଦ.ଆଫ୍ରିକା ପ୍ରଥମ ଟି-ଟ୍ୱେଂଟି ମୁକାବିଲା । ମ୍ୟାଚ ଦେଖିବାକୁ ଚାତକ ପରି ଚାହିଁ ରହିଛନ୍ତି କ୍ରିକେଟପ୍ରେମୀ । ପ୍ରସ୍ତୁତ ରହିଛି ବାରବାଟୀ କ୍ରିକେଟ ଷ୍ଟାଡିୟମ । ରାତି ୭ଟାରୁ ଆରମ୍ଭ ହେବ ମ୍ୟାଚ । ତେବେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଟି-ଟ୍ୱେଂଟି ଅଭିଯାନ ଆରମ୍ଭ ପୂର୍ବରୁ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିଛନ୍ତି ଟିମ୍ ଇଣ୍ଡିଆ ଖେଳାଳି । ଟି-ଟ୍ୱେଂଟି କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ, କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଅନ୍ୟ ଟିମ୍ ଇଣ୍ଡିଆ ପ୍ଲେୟାର କାଳିଆ ଶରଣରେ ପଶିଛନ୍ତି । ମହାପ୍ରଭୁଙ୍କଠୁ ଆର୍ଶୀବାଦ ନେଇଛନ୍ତି । ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ପତ୍ନୀ ମଧ୍ୟ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ୧୦ ମାସ ବ୍ୟବଧାନ ପରେ ବାରବାଟୀକୁ ଅନ୍ତର୍ଜାତୀୟ ମ୍ୟାଚ ଫେରିଛି । ଏ ନେଇ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ମଧ୍ୟ ରହିଛି । ତେବେ ପ୍ରଥମ ଟି-ଟ୍ୱେଂଟି ମୁକାବିଲା ପୂର୍ବରୁ କାଳିଆକୁ ଦର୍ଶନ କରି ଫେରିଛନ୍ତି ଭାରତୀୟ କ୍ରିକେଟ ଟିମ୍ ଇଣ୍ଡିଆ ଖେଳାଳି । ମହାବାହୁଙ୍କ ଦର୍ଶନ କରିଛନ୍ତି ଟିମ୍ ଇଣ୍ଡିଆର କ୍ୟାପଟେନ୍ ସୂର୍ଯ୍ୟକୁମାର ଓ କୋଚ୍ ଗମ୍ଭୀରଙ୍କ ସମେତ ୪ ଖେଳାଳି । ମହାପ୍ରଭୁଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇପଡିଛନ୍ତି ଖେଳାଳି । କୋଚ୍-କ୍ୟାପ୍ଟେନ୍‌ଙ୍କ ସମେତ ଅନ୍ୟ ପ୍ଲେୟାର ତିଳକ ବର୍ମା, ଧ୍ରୁବ ଜୁରେଲ ମହାପ୍ରଭୁଙ୍କ ଦର୍ଶନ କରିଛନ୍ତି । ପୁରୀ ଜିଲ୍ଲା ଆଥଲେଟିକ୍ ଆସୋସିଏସନର ସମ୍ପାଦକ ରବି ସମ୍ପୂର୍ଣ୍ଣ ଦର୍ଶନ କରାଇଥିଲେ । ଜିଲ୍ଲା ଏବଂ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଥିଲା । ଟେଷ୍ଟ ପରାଜୟ ପରି ଦକ୍ଷିଆ ଆଫ୍ରିକା ବିପକ୍ଷରୁ ବିନିକିଆ ସିରିଜ ଜିତିଛି ଭାରତ । ଟି-ଟ୍ୱେଂଟିରେ ବି ବିଜୟରୁ ଭାରତ ଅଭିଯାନ ଆରମ୍ଭ କରିବ ବୋଲି ଆଶା କରାଯାଉଛି ।

ରାଷ୍ଟ୍ରଗୀତକୁ ଖଣ୍ଡ ଖଣ୍ଡ କରିଥିଲେ ନେହେରୁ : ଅମିତ ଶାହ

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ଲୋକସଭା ପରେ ଆଜି ରାଜ୍ୟସଭାରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତୀ ଅବସରରେ ମହାବିତର୍କ ହୋଇଛି । ଅଭିଭାଷଣ ରଖି 'ବନ୍ଦେ ମାତରମ୍' ମହାବିତର୍କରେ କଂଗ୍ରେସ ଉପରେ ବର୍ଷିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ । ସେ କହିଛନ୍ତି, ନେହେରୁ ବନ୍ଦେ ମାତରମ୍‌କୁ ଖଣ୍ଡ ଖଣ୍ଡ କରିଥିଲେ । ତୁଷ୍ଟିକରଣ ପାଇଁ ବନ୍ଦେ ମାତରମ୍ ବିରୋଧ କରିଥିଲେ । ସେ ନଥିଲେ ଦେଶ ବିଭାଜନ ହୋଇନଥାନ୍ତା । ଯେଉଁମାନେ 'ବନ୍ଦେ ମାତରମ୍' ଗାଇବାକୁ ଚାହୁଁଥିରେ ତାଙ୍କୁ ଜେଲ୍‌ରେ ଭର୍ତ୍ତି କରୁଥିଲେ ଇନ୍ଦିରା ଗାନ୍ଧୀ । ରାଜ୍ୟସଭାରେ ବିତର୍କରେ ଗୃହମନ୍ତ୍ରୀ ଅମିତ୍ ଶାହ କହିଛନ୍ତି,'' କଂଗ୍ରେସ ସାଂସଦମାନେ ବନ୍ଦେ ମାତରମ୍ ଉପରେ ଆଲୋଚନା କରିବାର ଆବଶ୍ୟକତା ଉପରେ ପ୍ରଶ୍ନ ଉଠାଇ ଏହାକୁ ଏକ ରାଜନୈତିକ ରଣନୀତି ଏବଂ ପ୍ରସଙ୍ଗଗୁଡ଼ିକରୁ ବିମୁଖ କରିବାର ଏକ ଉପାୟ ବୋଲି କହୁଛନ୍ତି । ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା କରିବାକୁ କେହି ଭୟ କରନ୍ତି ନାହିଁ । ଆମେ ସଂସଦ ବର୍ଜନ କରୁନାହୁଁ । ଯଦି ସେମାନେ ଆଲୋଚନା କରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ବର୍ଜନ ବନ୍ଦ

କରିବାକୁ ପଡିବ, ଏବଂ ସମସ୍ତ ଆଲୋଚନା ହେବ । ଆମେ କୌଣସି ବିଷୟକୁ ଭୟ କରୁନାହୁଁ କିମ୍ବା ଲୁଚାଇବାକୁ ଚେଷ୍ଟା କରୁନାହୁଁ । ଆମେ ଯେକୌଣସି ପ୍ରସଙ୍ଗରେ ବିତର୍କ ପାଇଁ ପ୍ରସ୍ତୁତ । ସେମାନଙ୍କୁ ଏହା ମଧ୍ୟ ଜାଣିବା ଆବଶ୍ୟକ ଯେ ବନ୍ଦେ ମାତରମ୍ ଉପରେ ଆଲୋଚନାକୁ ଏଡ଼ାଇବା ନୂଆ କଥା ନୁହେଁ । ଯେତେବେଳେ ବନ୍ଦେ ମାତରମ୍ ୫୦ ବର୍ଷ ପୂରଣ କରିଥିଲା ସେତେବେଳେ ଭାରତ ସ୍ୱାଧୀନ ନଥିଲା । ଯେତେବେଳେ ବନ୍ଦେ ମାତରମର ସୁବର୍ଣ୍ଣ ଜୟନ୍ତୀ ହେବାକୁ ଥିଲା, ଜବାହରଲାଲ ନେହେରୁ ଜାତୀୟ ଗୀତକୁ ଦୁଇ ଖଣ୍ଡ କରି ଦୁଇଟି ପଦରେ ସୀମିତ ରଖିଥିଲେ ।' ବିଜେପିକୁ ଟାର୍ଗେଟ କରି କଂଗ୍ରେସ ଅଧକ୍ଷ ତଥା ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ କହିଛନ୍ତି, ସ୍ୱାଧୀନତା ସଂଗ୍ରାମ ସମୟରେ କଂଗ୍ରେସ ବନ୍ଦେ ମାତରମ୍‌କୁ ଏକ ସ୍ଲୋଗାନ କରିବାର କାମ କରିଥିଲା । ତୁମର ଇତିହାସ ହେଉଛି ଯେ, ତୁମେ ସବୁବେଳେ ସ୍ୱାଧୀନତା ସଂଗ୍ରାମ ଏବଂ ଦେଶପ୍ରେମ ଗୀତର ବିରୋଧୀ ଥିଲ । କଂଗ୍ରେସ କାର୍ଯ୍ୟକାରିଣୀ କମିଟିର ସଦସ୍ୟମାନେ, ଯେଉଁଥିରେ ନେହେରୁ ଜୀ, ମହାତ୍ମା ଗାନ୍ଧୀ, ମୌଲାନା ଆଜାଦ, ନେତାଜୀ ସୁଭାଷ ଚନ୍ଦ୍ର ଜୀ, ସର୍ଦ୍ଦାର ପଟେଲ ଜୀ, ଗୋବିନ୍ଦ ବଲ୍ଲଭ ପନ୍ତ ଜୀ ପ୍ରମୁଖ ଥିଲେ, ଏକ ପ୍ରସ୍ତାବ ପାସ୍ କରି ସୁପାରିଶ କରିଥିଲେ ଯେ ଜାତୀୟ ସମାବେଶରେ ଯେଉଁଠାରେ ବନ୍ଦେ ମାତରମ୍ ଗାନ କରାଯାଏ, କେବଳ ପ୍ରଥମ ଦୁଇଟି ପଦ ଗାନ କରାଯିବା ଉଚିତ । ନେହେରୁ ଜୀ କ'ଣ କଂଗ୍ରେସ କାର୍ଯ୍ୟକାରିଣୀରେ ଥିଲେ ? ଆପଣ ଅନ୍ୟ ସମସ୍ତ ବଡ଼ ନେତାଙ୍କୁ ଅପମାନ କରୁଛନ୍ତି ଯେଉଁମାନେ ଏକ ସାମୂହିକ ନିଷ୍ପତ୍ତି ନେଇଥିଲେ । ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀ କାହିଁକି ନେହେରୁ ଜୀଙ୍କୁ ଟାର୍ଗେଟ କରୁଛନ୍ତି ? ପ୍ରଧାନମନ୍ତ୍ରୀ ମୋଦି ଜବାହରଲାଲ ନେହେରୁଙ୍କୁ ଅପମାନିତ କରିବାର କୌଣସି ସୁଯୋଗ ଛାଡିବେ ନାହିଁ, ଏବଂ ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ ସେହି ପଥ ଅନୁସରଣ କରୁଛନ୍ତି । କ୍ଷମା ମାଗିବା କଥା ଆମକୁ ଦେଶଭକ୍ତିର ପାଠ ପଢାଉଛନ୍ତି ।'

ବନ୍ଦେ ମାତରମର ଇତିହାସ ଉପରୁ ପରଦା ହଟାଇଲେ ପ୍ରିୟଙ୍କା

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ଲୋକସଭାରେ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଭଦ୍ରାଙ୍କ ଦମଦାର ଭାଷଣ । ବନ୍ଦେ ମାତରମ୍‌କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କରିଥିବା ଦାବିର ଗୋଟି ଗୋଟି କରି ଜବାବ ଦେଇଛନ୍ତି ପ୍ରିୟଙ୍କା । ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍‌କୁ ନେଇ ବିତର୍କ ଚାଲିଥିବା ବେଳେ ପ୍ରିୟଙ୍କା ଇତିହାସର ଗୁମର ଖୋଲିଛନ୍ତି । ସେ ତଥ୍ୟ ପ୍ରମାଣ ଉପସ୍ଥାପନ କରି ପ୍ରଧାନମନ୍ତ୍ରୀ ମୋଦିଙ୍କୁ କାଉଂଟର କରିଛନ୍ତି । ତାଙ୍କ ତଥ୍ୟଗତ ଉପସ୍ଥାପନକୁ ଦେଖି ଶାସକ ଦଳର ସାଂସଦମାନେ ମଧ୍ୟ ଚୁପ ହୋଇଯାଇଥିଲେ । ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହରୁ ୧୯୩୭ରେ ସୁଭାଷ ଚନ୍ଦ୍ର ବୋଷଙ୍କୁ ଚିଠି ଲେଖି ବନ୍ଦେ ମାତରମ ମୁସଲିମମାନଙ୍କୁ ଉତେଜିତ କରିପାରେ ବୋଲି କହିଥିବା ବନ୍ଦେ ମାତରମ ବିତର୍କକୁ ଆରମ୍ଭ କରି ମୋଦି ଦାବି କରିଥିଲେ । ଏହା ଅର୍ଦ୍ଧ ସତ୍ୟ ବୋଲି ପ୍ରିୟଙ୍କା କହିଛନ୍ତି । ପ୍ରଧାନମନ୍ତ୍ରୀ ମୋଦି ଜାଣିଶୁଣି ଚିଠିର କିଛି ଅଂଶକୁ ଚୟନ କରିଥିବା ପ୍ରିୟଙ୍କା ଗୃହକୁ ଜଣାଇଛନ୍ତି । ୧୯୩୭ରେ ନେତାଜୀ ସୁଭାଷ ବୋଷଙ୍କୁ ନେହରୁ ଲେଖିଥିବା ଚିଠିକୁ ଗୃହରେ ଉପସ୍ଥାପନ କରି ପ୍ରିୟଙ୍କା ଗାନ୍ଧି ଭଦ୍ରା କହିଛନ୍ତି, "ସାଂପ୍ରଦାୟିକ ଭେଦଭାବ ସୃଷ୍ଟି କରୁଥିବା ଲୋକମାନେ ହିଁ ବନ୍ଦେ ମାତରମର ବାକି ଷ୍ଟାଞ୍ଜାକୁ ନେଇ ତଥାକଥିତ ଆପତି ଉଠାଇଥିବା ନେହରୁ ଚିଠିରେ ନେତାଜୀଙ୍କୁ କହିଥିଲେ । ଏକଥା କିନ୍ତୁ ପ୍ରଧାନମନ୍ତ୍ରୀ ମୋଦି ନିଜ ଭାଷଣରେ ଉଲ୍ଲେଖ କରି ନାହାନ୍ତି । ଏହାର ୩ ଦିନ ପୂର୍ବରୁ ନେତାଜୀ ଗୋଟିଏ ଚିଠି ନେହରୁଙ୍କୁ ଲେଖିଥିଲେ । ଆମେ ବନ୍ଦେ

ମାତରମ୍‌କୁ ନେଇ ଉଠିଥିବା ପ୍ରସଙ୍ଗରେ କୋଲକାତାରେ ଆଲୋଚନା କରିବା । ଯଦି ଆପଣ ୱାର୍କିଂ କମିଟିରେ ଏ ସମ୍ପର୍କରେ ଉଠାବେ, ତା'ହେଲେ ଆଲୋଚନା ହେବ । ସେହିପରି ଆପଣ ଯେତେବେଳେ ବି ଶାନ୍ତି ନିକେତନକୁ ଯିବେ ସେତେବେଳେ ଡକ୍ଟର ରବୀନ୍ଦ୍ର ନାଥ ଟାଗୋରଙ୍କ ସହ ପୂରା ପ୍ରସଙ୍ଗରେ ଆଲୋଚନା କରିବେ ବୋଲି ନେତାଜୀ କହିଥିଲେ । ଏହାର ୩ ଦିନ ପରେ ନେହରୁ ଏହାର ଜବାବ ଦେଇଥିଲେ । ଏହି ଚିଠିର କିଛି ଅଂଶକୁ ପ୍ରଧାନମନ୍ତ୍ରୀ ମୋଦି ନିଜ ଭାଷଣରେ ଉପସ୍ଥାପନ କରିଥିଲେ । ବାକି ଅଂଶକୁ ଜାଣିଶୁଣି ଅଣଦେଖା କରିଥିଲେ । ଏଥିରେ ନେହରୁ କହିଥିଲେ ଯେ 'ବନ୍ଦେ ମାତରମକୁ ନେଇ ଦେଖାଯାଇଥିବା ବଡ଼ ବିବାଦକୁ ଅଣଦେଖା କରାଯାଇ ନପାରେ । କିନ୍ତୁ ଏହା ପଛରେ କିଛି ସାଂପ୍ରଦାୟିକ ଶକ୍ତି ରହିଛନ୍ତି । ସେମାନେ ନିଜ ଯୋଜନାରେ ଯେମିତି ସଫଳ ନ ହୁଅନ୍ତି, ତା'କୁ ନିଶ୍ଚିତ କରିବାକୁ ପଡ଼ିବ । ଏବେ ମୁଁ ନିଷ୍ପତି ନେଇଛି ଯେ ୨୫ ଅକ୍ଟୋବରରେ କୋଲକତା ଯିବି । ଏହାଦ୍ୱାରା ମୁଁ ଡକ୍ଟର ଟାଗୋର ଓ ଅନ୍ୟମାନଙ୍କୁ ଭେଟିବାକୁ ସମୟ ପାଇବି ।' ନିଷ୍ପତି ଅନୁସାରେ ପଣ୍ଡିତ ନେହରୁ କୋଲକାତା ଯାଇ ଗୁରୁଦେବ ଟାଗୋରଙ୍କୁ ଭେଟିଥିଲେ । ଏହାର ଦିନକ ପରେ ଟାଗୋର ମଧ୍ୟ ଗୋଟିଏ ଚିଠି ନେହରୁଙ୍କୁ ଲେଖିଥିଲେ । ଏଥିରେ ସେ କହିଥିଲେ ଯେ ପୂର୍ବରୁ ଯେଉଁ ଦୁଇ ଷ୍ଟାଞ୍ଜା ଗାନ କରାଯାଉଥିଲା, ତାହାର ମହତ୍ୱ ବେଶ ଅଧିକ । ଗୀତର ବାକି ଅଂଶକୁ ଏଥିରୁ ଅଲଗା କରାଗଲେ ତାଙ୍କର କୌଣସି ଆପତି ନାହିଁ । କାରଣ ୧୮୭୫ ମସିହା ନଭେମ୍ବର ୭ରେ ଲେଖାଯାଇଥିବା ମୂଳ ଗୀତ ବା କବିତା ସହ ପରବର୍ତୀ ଷ୍ଟାଞ୍ଜାଗୁଡ଼ିକର କୌଣସି ଲିଙ୍କ ନାହିଁ । ପ୍ରଥମେ ୧୮୭୫ ମସିହାରେ ଦୁଇଟି ଷ୍ଟାଞ୍ଜା ଲେଖାଯାଇଥିଲା । ଏହାର ୭ ବର୍ଷ ପରେ ଅର୍ଥାତ ୧୮୮୨ରେ ବାକି ଅଂଶକୁ ଯୋଡ଼ା ଯାଇଥିଲା । ସ୍ୱାଧୀନତା ସଂଗ୍ରାମ ବେଳେ ସବୁବେଳେ ସେହି ଦୁଇ ଅଂଶକୁ ଗାନ କରାଯାଉଥିଲା । ମୂଳ ଗୀତ ସହ ପରେ ଯୋଡ଼ା ଯାଇଥିବା ଷ୍ଟାଞ୍ଜାରୁ ସାଂପ୍ରଦାୟିକ ଅର୍ଥ ବାହାର କରାଯାଇ ପାରେ । ଏହାର ବ୍ୟବହାର ଅନୁଚିତ ବୋଲି ଶ୍ରୀ ଟାଗୋର ଚିଠିରେ ଉଲ୍ଲେଖ କରିଥିଲେ । ଅକ୍ଟୋବର ୨୮ କଂଗ୍ରେସ ୱାର୍କିଂ କମିଟି ବୈଠକରେ ବନ୍ଦେ ମାତରମ୍‌କୁ ରାଷ୍ଟ୍ରୀୟ ଗୀତ ଭାବେ ଘୋଷଣା କରାଯାଇଥିଲା । ମହାତ୍ମା ଗାନ୍ଧି, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ପଣ୍ଡିତ ନେହରୁ, ଆଚାର୍ଯ୍ୟ ନରେନ୍ଦ୍ର ଦେବ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ, ଗୁରୁଦେବ ରବୀନ୍ଦ୍ର ନାଥ ଟାଗୋର ପ୍ରମୁଖ ମିଳିତ ଭାବେ ବନ୍ଦେ ମାତରମର ପ୍ରଥମ ଦୁଇ ଷ୍ଟାଞ୍ଜାକୁ ରାଷ୍ଟ୍ରୀୟ ଗୀତ ଭାବେ ଗ୍ରହଣ କରିଥିଲେ । ସ୍ୱାଧୀନତା ପରେ ଅର୍ଥାତ ୧୯୫୦ରେ ଡକ୍ଟର ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସମିତିରେ ଯେତେବେଳେ ବନ୍ଦେ ମାତରମ୍‌କୁ ରାଷ୍ଟ୍ରୀୟ ଗୀତ ଘୋଷଣା କରିଥିଲେ ସେତେବେଳେ ଉପରୋକ୍ତ ଅଧିକାଂଶ ମହାପୁରୁଷଙ୍କ ସମେତ ବିଆର ଆମ୍ବେଦକର ଓ ଶାସକ ଦଳର ଆଦର୍ଶ ଶ୍ୟାମା ପ୍ରସାଦ ମୁଖାର୍ଜୀ ମଧ୍ୟ ଉପସ୍ଥିତ ଥିଲେ । ସେମାନେ କେହି ବି ବନ୍ଦେ ମାତରମ୍‌କୁ ନେଇ ଆପତି ଉଠାଇ ନଥିଲେ । ସମସ୍ତେ ମିଳିତ ଭାବେ ପ୍ରଥମ ଦୁଇ ଷ୍ଟାଞ୍ଜା ବା ଅନ୍ତରାକୁ ରାଷ୍ଟ୍ରୀୟ ଗୀତର ମାନ୍ୟତା ଦେଇଥିଲେ । ଆଜି ଆମେ ରାଷ୍ଟ୍ରୀୟ ଗୀତ ଉପରେ ବିତର୍କ କରୁଛେ । ହେଲେ ଆମ ରାଷ୍ଟ୍ରୀୟ ସଂଗୀତ ମଧ୍ୟ ଗୋଟିଏ କବିତାର ଅଂଶବିଶେଷ । ଏହି ରାଷ୍ଟ୍ର ଗୀତ ଓ ରାଷ୍ଟ୍ରୀୟ ସଂଗୀତକୁ ଚୟନ କରିବାରେ ଡକ୍ଟର ଟାଗୋର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।"

ଭାରତ ଉପରେ ଆଉ ଏକ ଟାରିଫ୍ ପ୍ରହାର କରିପାରନ୍ତି ଡୋନାଲ୍ଡ ଟ୍ରମ୍ପ

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ବୁଝୁନି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମନ । ଭାରତ ଉପରେ ୫୦ ପ୍ରତିଶତ ଟାରିଫ୍ ଲଦିବା ପରେ ବି ଆହୁରି ଲଗାଇବାକୁ କରୁଛନ୍ତି ଯୋଜନା । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୂଚିତ କରିଛନ୍ତି ଯେ, ତାଙ୍କ ପ୍ରଶାସନ ଭାରତୀୟ ଚାଉଳ ଏବଂ କାନାଡା ସାର ସମେତ ବିଦେଶୀ କୃଷି ଉତ୍ପାଦ ଉପରେ ନୂତନ ଶୁଳ୍କ ଲାଗୁ କରିବା ବିଷୟରେ ବିଚାର କରୁଛି । ଭାରତରୁ ଆସୁଥିବା ଚାଉଳ ଉପରେ ଶୁଳ୍କ ଡବଲ କରିବାକୁ ସଙ୍କେତ ଦେଇଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ରିପୋର୍ଟ ଅନୁସାରେ ଏବେ ଭାରତରୁ ଆସୁଥିବା ଚାଉଳ ଉପରେ ଆମେରିକା ଟାରିଫ୍ ବଢ଼ାଇପାରେ । ଏହା ସହିତ କାନାଡାରୁ ଆସୁଥିବା ସାର ଉପରେ ମଧ୍ୟ ଶୁଳ୍କ ବଢ଼ାଇବା ଦିଗରେ ବିଚାର କରୁଛି । ଚାଷୀମାନେ ବଜାରରେ ଶସ୍ତା ବିଦେଶୀ ଚାଉଳ ଉପରେ

ଟ୍ରମ୍ପଙ୍କ ନିକଟରେ ଅଭିଯୋଗ କରିବା ପରେ ଏହି ସଙ୍କେତ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ହ୍ୱାଇଟ୍ ହାଉସରେ ଅନୁଷ୍ଠିତ ଏକ ବୈଠକରେ ଟ୍ରମ୍ପ ଏହି ବିବୃତି ଦେଇଛନ୍ତି । ବୈଠକରେ ଚାଷୀମାନେ ଆମେରିକା ବଜାରରେ ଶସ୍ତା ବିଦେଶୀ ଉତ୍ପାଦର ପ୍ରଭାବ ବିଷୟରେ ଅଭିଯୋଗ କରିଥିଲେ । ଆମେରିକୀୟ ଚାଷୀଙ୍କ ପାଇଁ ଘୋଷଣା କରାଯାଇଥିବା ୧୨ ବିଲିୟନ ଡଲାରର ରିଲିଫ୍ ପ୍ୟାକେଜ୍ ସମୟରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଉପସ୍ଥିତ ଚାଷୀମାନେ ଅଭିଯୋଗ କରିଥିଲେ ଯେ, କିଛି ଦେଶ ଆମେରିକା ବଜାରରେ କମ୍ ମୂଲ୍ୟରେ ଚାଉଳ ବିକ୍ରି କରୁଛନ୍ତି, ଯାହା ଫଳରେ ଘରୋଇ ଚାଷୀମାନଙ୍କୁ ବହୁତ କ୍ଷତି ହେଉଛି । ଟ୍ରମ୍ପ ଉତର ଦେଇଥିଲେ, 'ସେମାନେ ଠକୁଛନ୍ତି ।' ସେ ସୂଚିତ କରିଥିଲେ ଯେ ଏହି ଅଭିଯୋଗଗୁଡ଼ିକର ତଦନ୍ତ କରାଯିବ ଏବଂ ଆବଶ୍ୟକ ହେଲେ ଶୁଳ୍କ ଲାଗୁ କରାଯିବ । ଭାରତ, ଥାଇଲାଣ୍ଡ ଏବଂ ଚୀନର ହେଲା ଚର୍ଚ୍ଚା- ଲୁଇସିଆନାର କେନେଡି ରାଇସ୍ ମିଲ୍ସର ସିଇଓ ମେରିଲ୍ କେନେଡି ଦାବି କରିଛନ୍ତି ଯେ, ଭାରତ, ଥାଇଲ୍ୟାଣ୍ଡ ଏବଂ ଚୀନ୍ ଏହି କଥିତ ଡମ୍ପିଂ ପାଇଁ ମୁଖ୍ୟ ଦେଶ । ସେ କହିଛନ୍ତି ଯେ ଚୀନ୍, ବିଶେଷକରି, ପୁଏର୍ଟୋ ରିକୋକୁ ବହୁ ପରିମାଣରେ ଚାଉଳ ପଠାଉଛି, ଯେଉଁଠାରେ ଆମେରିକୀୟ ଚାଉଳର ଯୋଗାଣ ବର୍ତ୍ତମାନ ପ୍ରାୟତଃ ବନ୍ଦ ହୋଇଯାଇଛି ।

ଧିରେଧିରେ ସୁଧୁରୁଛି ଇଣ୍ଡିଗୋ ସଙ୍କଟ

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ଇଣ୍ଡିଗୋ ସଙ୍କଟରେ ଆସୁଛି ସୁଧାର । ଧିରେଧିରେ ସୁଧୁରୁଛି ଇଣ୍ଡିଗୋ ବିମାନ ସେବାର ସ୍ଥିତି । ବିମାନ ଚଳାଚଳ ଏବଂ ତାକୁ ନେଇ ଉପୁଜିଥିବା ସ୍ଥିତି ଏବେ ସ୍ଥିର ଥିବା ନେଇ କହିଛନ୍ତି ଇଣ୍ଡିଗୋର ସିଇଓ ପିଟର ଏଲବର୍ସ । ଇଣ୍ଡିଗୋର ଅଫିସିଆଲ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ଭିଡିଓ ପୋଷ୍ଟ କରି ପିଟର କହିଛନ୍ତି, 'ଇଣ୍ଡିଗୋ ପୁଣି ଥରେ ନିଜ ଗୋଡ଼ରେ ଠିଆ ହୋଇଛି । ଉଡାଣକୁ ନେଇ ଆମର ସମସ୍ତ ଅପରେସନ ସ୍ଥିର ଅଛି । ଲକ୍ଷ ଲକ୍ଷ ଗ୍ରାହକ ସେମାନଙ୍କର ସମ୍ପୂର୍ଣ୍ଣ ଟଙ୍କା ଫେରସ୍ତ ପାଇ ସାରିଛନ୍ତି । ଏଥିସହ ଏହି ଟଙ୍କା ଫେରସ୍ତ କାମ ଆମେ ପ୍ରତିଦିନ କରୁଛୁ । ବିମାନବନ୍ଦରରେ ଫସି ରହିଥିବା ଅଧିକାଂଶ ବ୍ୟାଗ ସବୁକୁ ଗ୍ରାହକଙ୍କ ଘରେ ପହଂଚାଇ ଦିଆଯାଇଛି । ଆମେ ଗ୍ରାହକଙ୍କ ସମସ୍ତ ଆବଶ୍ୟକତାକୁ ପୂରଣ କରିବାକୁ ଚେଷ୍ଟା ଚଳାଇଛୁ । ଗତକାଲି ଠାରୁ ଆମେ ଆମର ୧୩୮ଟି ଗନ୍ତବ୍ୟସ୍ଥଳକୁ ଉଡ଼ାଣ ଆରମ୍ଭ କରିଛୁ । ସରକାରଙ୍କ ସହିତ ପୂର୍ଣ୍ଣ ସହଯୋଗରେ କାମ କରୁଛୁ । ସେପଟେ ଇଣ୍ଡିଗୋର ଫ୍ଲାଇଟ୍ ଅଚଳାବସ୍ଥା ମଧ୍ୟରେ ଏହି କମ୍ପାନି ବିରୋଧରେ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି ସରକାର । ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (DGCA) କଠୋର ଆଭିମୁଖ୍ୟ ଗ୍ରହଣ କରି ଇଣ୍ଡିଗୋକୁ ଏହାର ଉଡ଼ାଣ ସୂଚୀ ୫% ହ୍ରାସ କରିବାକୁ ନିର୍ଦ୍ଦେଶ ଦେଇଛି । ଏହାର ଅର୍ଥ ହେଉଛି ଇଣ୍ଡିଗୋର ଦୈନିକ ମୋଟ ଉଡ଼ାଣ (Flight)ର ୫% ଅନ୍ୟ ବିମାନ କମ୍ପାନୀଗୁଡ଼ିକୁ ଆବଂଟିତ କରାଯାଇପାରିବ ।

ହଂକଂରେ ୭ ମହଲା ବିଲ୍ଡିଂରେ ଭୀଷଣ ଅଗ୍ନିକାଣ୍ଡ : ୨୦ ମୃତ

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ଗତ ଦିନରେ ହଂକଂର ଏକ କୋଠାରେ ଲାଗିଥିବା ଭୟାବହ ଅଗ୍ନିକାଣ୍ଡରେ ୧୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ପରେ , ଏବେ ଆଉ ଏକ ସୁଉଚ୍ଚ ବିଲ୍ଡିଂରେ ଭୀଷଣ ନିଆଁ ଲାଗି ଥିବାର ଖବର ଆସିଛି । ମଙ୍ଗଳବାର ଇଣ୍ଡୋନେସିଆର ଜାକର୍ତ୍ତାରେ ଏକ ଅଫିସ୍ ବିଲ୍ଡିଂରେ ନିଆଁ ଲାଗି ଥିଲା , ଯେଉଁଥିରେ ଅତି କମ୍‌ରେ ୨୦ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ଆସୋସିଏଟେଡ୍ ପ୍ରେସ୍‌ର ଏକ ରିପୋର୍ଟ ମୁତାବିକ୍ , ପୁଲିସ୍ ଅଧିକାରୀମାନେ କହିଛନ୍ତି, ନିଆଁର ଆସ୍ତରଣ କିଛି ମିନିଟ୍‌ରେ ପୂରା ବିଲ୍ଡିଂକୁ ନିଜ କବଳରେ ନେଇଥିଲା, ଯେଉଁଥିରେ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଥିଲା । ନିଆଁ ଲାଗିବା କ୍ଷଣି ସେଂଟ୍ରାଲ ଜାକର୍ତ୍ତାର ଏକ ଅଂଚଳରେ ଆଖପାଖରେ ରହୁଥିବା ଲୋକ ଓ କର୍ମଚାରୀଙ୍କ ଧରେ ଭୟର ବାତାବରଣ ଖେଳି ଯାଇଥିଲା ।ସେଂଟ୍ରାଲ ଜାକର୍ତ୍ତାର ପୁଲିସ ଚିଫ୍ ସୁସାତ୍ୟୋ ପୁର୍ନୋମୋ କୋଣ୍ଡ୍ରୋଙ୍କ ଅନୁସାରେ କହିଛନ୍ତି ଯେ, ଅଗ୍ନିକାଣ୍ଡରେ ମୃତକଙ୍କ ମଧ୍ୟରେ ପାଂଚ ଜଣ ପୁରୁଷ ଓ ୧୫ ଜଣ ମହିଳା ସାମିଲ ଅଛନ୍ତି । ସେମାନେ କହିଛନ୍ତି ଯେ, ମୃତକଙ୍କ ମଧ୍ୟରେ ଜଣେ ଗର୍ଭ ମହିଳା ମଧ୍ୟ ଅଛନ୍ତି । ସ୍ଥାନୀୟ କୋମ୍ପାସ ଟିଭି ଅନୁସାରେ , ବର୍ତ୍ତମାନ ନିଆଁକୁ ଆୟତ କରାଯାଇ ସାରିଛି, କିନ୍ତୁ ଅନେକ ଲୋକ ଫସି ରହି ଥିବାର ଆଶଙ୍କା ରହିଛି । ଉଦ୍ଧାର ଅଭିଯାନ ଚାଲୁ ରହିଛି । ସ୍ଥାନୀୟ ମିଡ଼ିଆ ଅନୁସାରେ , ଗୋଟିଏ ବ୍ୟାଟେରୀରେ ଲାଗିଥିବା ନିଆଁ ବିକଟାଳ ରୂପ ନେଇଥିଲା । ରିପୋର୍ଟ ଗୁଡ଼ିକରେ କୁହାଯାଇଛି ଯେ, ଯେଉଁ ବିଲ୍ଡିଂରେ ନିଆଁ ଲାଗିଛି, ତାହା ଟେରା ଡ୍ରୋନ୍ ଇଣ୍ଡୋନେସିଆର ଅଫିସ , ଯାହା ଖନନ ଠାରୁ ନେଇ କୃଷି କ୍ଷେତ୍ରର ଗ୍ରାହକଙ୍କ ପାଇଁ ଡ୍ରୋନ୍ ତିଆରି କରିବାର କାମ କରିଥାଏ । କୋମ୍ପାସ ଟିଭି ସହ କଥା ହୋଇ , ସେଂଟ୍ରାଲ ଜାକର୍ତା ମେଟ୍ରୋ ପୁଲିସ୍ ଚିଫ୍ ସିନିୟର କମିଶନର ସୁସାତ୍ୟୋ ପୁର୍ନୋମୋ କୋଣ୍ଡ୍ରୋ କହିଥିଲେ ଯେ, ନିଆଁ ପ୍ରଥମ ମହଲାରେ ଲାଗି ଥିଲା । ସେ କହିଥିଲେ, ପ୍ରଥମ ମହଲାରେ ଏକ ବ୍ୟାଟେରୀ ଥିଲା ,ଯେଉଁଥିରେ ନିଆଁ ଲାଗିଯାଇ ଥିଲା । କର୍ମଚାରୀମାନେ ଏହାକୁ ଲିଭାଇ ଦେଇଥିଲେ, କିନ୍ତୁ ପରେ ଜଣାପଡ଼ିଲା ଯେ, ଜଳନ୍ତା ବ୍ୟାଟେରୀର ନିଆଁ ଉପର ମହଲାକୁ ବ୍ୟାପି ଯାଇଛି । ସୁସାତ୍ୟୋ କହିଥିଲେ ଯେ, ନିଆଁ ଭୟଙ୍କର ରୂପ ନେଇଥିଲା, ଧୂଆଁ ବିଲ୍ଡିଂର ଷଷ୍ଠ ମହଲା ଯାଏ ପହଂଚି ଗଲା । ସେ କହିଛନ୍ତି ଯେ, ସମସ୍ତ ମୃତକଙ୍କୁ ଚିହ୍ନଟ ପାଇଁ ହସ୍ପିଟାଲ ନିଆଯାଇଛି ।

ଅନିଲ ଅମ୍ବାନିଙ୍କ ପୁଅ ଜୟ ଅନମୋଲଙ୍କ ବିରୋଧରେ ଏଫ୍‌ଆଇଆର

ନୂଆଦିଲ୍ଲୀ, ୯/୧୨(ନ୍ୟୁ.ଏ): ଉଦ୍ୟୋଗପତି ଅନିଲ ଅମ୍ବାନୀଙ୍କ ଅଡୁଆ କମିବାର ନାଁ ଧରୁନି । ଦୀର୍ଘ ସମୟ ଧରି ତାଙ୍କ ନେତୃତ୍ୱରେ ରିଲାୟନ୍ସ ଗ୍ରୁପ୍ ପ୍ରବର୍ତନ ନିର୍ଦ୍ଦେଶାଳୟ(ଇଡି) ରାଡାରରେ ରହିଛି । ଚଢ଼ାଉ, ସମ୍ପତି ଜବତ ହେବାର ଲଗାତାର କାର୍ଯ୍ୟାନୁଷ୍ଠାନ ଜାରି ରହିଛି । ଏବେ ସିବିଆଇ ତାଙ୍କ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ସହିତ ଅନ୍ୟମାନଙ୍କ ବିରୋଧରେ କ୍ରିମିନାଲ କେସ୍ ଫାଇଲ୍ କରିଛି । କେନ୍ଦ୍ରୀୟ ଏଜେନ୍ସି ଏକ ଲିଖିତ ଅଭିଯୋଗ ଆଧାରରେ ଯାଂଚ କରିବା ପରେ ଏହି କେସ୍ ଫାଇଲ କରିଛି । ସିବିଆଇ ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲ ବିରୋଧରେ ମନି ଲଣ୍ଡରିଂ କେସ୍ ରୁଜୁ କରିଛି । ଏହାଛଡା ରିଲାୟନ୍ସ ହାଉସିଂ ଫାଇନାନ୍ସ ଲିମିଟେଡ୍ ?ର ପୂର୍ବତନ ସିଇଓ ରବିନ୍ଦ୍ର ସୁଧାଲକର ଓ ସେତେବେଳର ହୋଲ୍ ଟାଇମ୍ ଡାଇରେକ୍ଟରଙ୍କ ବିରୋଧରେ କ୍ରିମିନାଲ କେସ୍ ଫାଇଲ କରିଥିଲା । ଏଭଳି ପ୍ରଥମ ଥର ଯେତେବେଳେ ଅନିଲ ଅମ୍ବାନୀଙ୍କ ପୁଅ ଉପରେ ମାମଲା ରୁଜୁ କରାଯାଇଛି । ଏହି ପୁରା କାର୍ଯ୍ୟାନୁଷ୍ଠାନ ୨୨୮.୦୬ କୋଟି ଟଙ୍କାର ବ୍ୟାଙ୍କିଙ୍ଗ ଫ୍ରଡ୍ କେସ୍‌ରେ କରାଯାଇଛି । ଉଲ୍ଲେଖନୀୟ ଯେ, ସିବିଆଇ ଏକ ଲିଖିତ ଅଭିଯୋଗ ଦେଇଥିଲା । ଯେଉଁଥିରେ ଅଭିଯୋଗ କରିଥିଲା ଜୟ ଅନମୋଲ ଅନିଲ ଅମ୍ବାନୀ, ରବିନ୍ଦ୍ର ସୁଧାଲକର ଓ ଅନ୍ୟ ଅଜଣା ଲୋକ, ଅଜ୍ଞାତ ସରକାରୀ କର୍ମଚାରୀ ଠକେଇ ଓ କ୍ରିମିନାଲ ଷଡଯନ୍ତ୍ର ଅନୁସାରେ ଟଙ୍କା ହେରଫେର କରାଯାଇଛି । ଏଭଳି କୁହାଯାଉଛି ଯେ, ସିବିଆଇ ଦ୍ୱାରା ଆରଏଚ୍‌ଏଫ୍‌ଏଲର ଦସ୍ତାବିଜ, ଲୋନ୍ ଅକାଉଂଟ ଓ ଇଂଟରନାଲ ରେକର୍ଡର ଗହନ ଯାଂଚ କରାଯିବାର ସମ୍ଭାବନା ରହିଛି । ଯାଂଚକୁ ଆଗକୁ

ବଢାଇବା ଉପରେ କମ୍ପାନୀ ଅଧିକାରୀ ଓ ବ୍ୟାଙ୍କ କର୍ମଚାରୀଙ୍କୁ ପଚରା ଉଚରା କରାଯାଇପାରେ । ତେବେ ଏପର୍ଯ୍ୟନ୍ତ ଅନିଲ ଅମ୍ବାନୀ ରିଲାୟନ୍ସ ଗ୍ରୁପ୍ ଏପର୍ଯ୍ୟନ୍ତ ଏହି ମାମଲାରେ କୌଣସି ଅଫିସିଆଲ ବୟାନ ଜାରି କରି ନାହିଁ । ଅନିଲ ଅମ୍ବାନୀଙ୍କ ପୁଅ ଜୟ ଅନମୋଲ ଅମ୍ବାନୀଙ୍କ ପ୍ରାରମ୍ଭିକ ପାଠପଢା ମୁମ୍ବାଇର ଜନ୍ କାନନ୍ ସ୍କୁଲରେ ହୋଇଥିଲା । ସେ ୟୁକେର ବାରାବିକ୍ ବିଜନେସ୍ ସ୍କୁଲରୁ ଶିକ୍ଷାଗ୍ରହଣ କରିଥିଲେ । ରିପୋର୍ଟ ଅନୁସାର, ଜୟ ଅନମୋଲ ଅମ୍ବାନୀ ୨୦୧୪ ରେ ରିଲାୟନ୍ସ ମ୍ୟୁଚୁଆଲ ଫଣ୍ଡ ସହ ନିଜର କର୍ପୋରେଟ୍ ଯାତ୍ରା ଆରମ୍ଭ କରିଥିଲେ । ୨୦୧୬ ରେ ଅନମୋଲ ରିଲାୟନ୍ସ କ୍ୟାପିଟାଲ ବୋର୍ଡରେ ସାମିଲ ହୋଇଥିଲେ ଓ ୨୦୧୯ ରେ ତାଙ୍କୁ ସାନ ଭାଇ ଜୟ ଅନଂଶୁଲଙ୍କ ସହ ରିଲାୟନ୍ସ ଇନଫ୍ରା ଡାଇରେକ୍ଟର ଭାବରେ ନିଯୁକ୍ତ କରାଯାଇଥିଲା । ତେବେ ଏକ ବର୍ଷ ଭିତରେ ରିଲାୟନ୍ସ ଇନଫ୍ରା ବୋର୍ଡରୁ ସେ ଇସ୍ତଫା ଦେଇଥିଲେ । ଜୟ ଅନମୋଲ ଅମ୍ବାନୀଙ୍କ ବିରୋଧରେ ପ୍ରଥମ ଥର ଏଫ୍‌ଆଇଆର ରୁଜୁ କରାଯାଇଛି । ଗତ ଦୀର୍ଘ ସମୟ ଧରି ତାଙ୍କ ବାପା ଅନିଲ ଅମ୍ବାନୀ ଇଡି ରାଡାରରେ ଥିଲେ । ପିଏମ୍‌ଏଲଏର ଧାରା ୫(୧)ଅନୁସାରେ,ତାଙ୍କ ନେତୃତ୍ୱରେ ରିଲାୟନ୍ସ ଗ୍ରୁପର ସମ୍ପତି ଜବତ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହା ଅନୁସାରେ, ପ୍ରାୟ ୯୦୦୦ କୋଟି ଟଙ୍କ ଆଟାଚ୍ କରାଯାଇ ସାରିଛି । ଏହା ନଭି ମୁମ୍ବାଇ, ଚେନ୍ନାଇ, ପୁନେ ଓ ଭୁବନେଶ୍ୱର ପର୍ଯ୍ୟନ୍ତ ବ୍ୟାପି ରହିଛି ।

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସମ୍ପାଦକ : ଶୁଭେନ୍ଦୁ ଦାସ
Editor : Subhendu Das